


ପଶ୍ଚିମ ଓଡ଼ିଶାର ଗଣପର୍ବ
ନୂଆଁଖାଇ ଅବସରରେ
'ସକାଳ' ପରିବାର ପକ୍ଷରୁ
ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-82 •TUESDAY •15 SEPTEMBER 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୮୨ •ମଙ୍ଗଳବାର •୧୫ ସେପ୍ଟେମ୍ବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


### କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ରିପୋର୍ଟ

# ଜାତୀୟ ହାରଠୁ ଓଡ଼ିଶାରେ ଦରବୃଦ୍ଧି ଅଧିକ

## ଦେଶର ୫ ମହଙ୍ଗା ରାଜ୍ୟ ମଧ୍ୟରେ ଓଡ଼ିଶା

■ ଭୁବନେଶ୍ୱର, ୧୪।୯ (ସମିସ): ପୁଣି ଖାଉଟିଙ୍କ ଉପରେ ପଡ଼ିଛି ମହଙ୍ଗା ପାହାର। ଅଗଷ୍ଟ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି ଓ ଏହାର ପ୍ରଭାବ ମୂଲ୍ୟବୃଦ୍ଧି ଉପରେ ପଡ଼ିଛି। ଜୁଲାଇରେ ମୁଦ୍ରାସ୍ଫୀତି ୪.୪୫% ଥିବାବେଳେ ଅଗଷ୍ଟରେ ଏହା ୪.୮୨%ରେ ପହଞ୍ଚିଛି । ତେବେ ବିଡ଼ମ୍ବନା ହେଉଛି ଦେଶର ହାରାହାରି ଅନୁପାତ ତୁଳନାରେ ଓଡ଼ିଶାରେ ମୁଦ୍ରାସ୍ଫୀତି ଯଥେଷ୍ଟ ଅଧିକ ରହିଛି। ସାରା ଦେଶରେ ଓଡ଼ିଶା ଶୀର୍ଷ ୫ ମହଙ୍ଗା ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ୫୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ତେଲଙ୍ଗାନାରେ ଅଗଷ୍ଟରେ ସର୍ବାଧିକ ୬.୨୭ ପ୍ରତିଶତ ମୁଦ୍ରାସ୍ଫୀତି ରହିଛି। ଏହା ପରେ ତାମିଲନାଡୁରେ ୫.୯୨ ପ୍ରତିଶତ, ମଧ୍ୟପ୍ରଦେଶରେ ୫.୫୫ ପ୍ରତିଶତ, ଆନ୍ଧ୍ରପ୍ରଦେଶରେ ୫.୫୩ ପ୍ରତିଶତ ଏବଂ ଓଡ଼ିଶାରେ ୫.୫୨ ପ୍ରତିଶତ ମୁଦ୍ରାସ୍ଫୀତି ରେକର୍ଡ ହୋଇଛି।

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟଣ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ) ପ୍ରକାଶିତ ତଥ୍ୟ ଅନୁସାରେ ଅଗଷ୍ଟରେ ଦେଶର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟ ସ୍ଥାନରେ ମୁଦ୍ରାସ୍ଫୀତି ବଢ଼ିଛି। ଗ୍ରାମାଞ୍ଚଳରେ ଜୁଲାଇର ୪.୮୪ ପ୍ରତିଶତରୁ ବୃଦ୍ଧି ପାଇ ଅଗଷ୍ଟରେ ୫.୨୩ ପ୍ରତିଶତ ହୋଇଛି। ସହରାଞ୍ଚଳରେ ମଧ୍ୟ ଏହା ୩.୯୬ ପ୍ରତିଶତରୁ ବଢ଼ି ▶ପୃଷ୍ଠା-୭

## ପାଇକାରୀ ମୁଦ୍ରାସ୍ଫୀତି ୯.୯୨ %

■ ନୂଆଦିଲ୍ଲୀ: ଅଗଷ୍ଟ ମାସରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧିପାଇ ୯.୯୨ ପ୍ରତିଶତରେ ପହଞ୍ଚିଛି। ସୋମବାର କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟରେ ଏହା ଉଲ୍ଲେଖ କରାଯାଇଛି। ୨୦୨୨-୨୩ ଆଧାର ବର୍ଷ ଅନୁଯାୟୀ ଏହା ଦ୍ୱିତୀୟ ସର୍ବୋଚ୍ଚ ମୁଦ୍ରାସ୍ଫୀତି ବୋଲି କୁହାଯାଇଛି। ବିଶେଷକରି ଇନ୍ଧନ ଓ ବିଦ୍ୟୁତ୍ କ୍ଷେତ୍ରରେ ମୁଦ୍ରାସ୍ଫୀତି ମାସକ ମଧ୍ୟରେ ପାଖାପାଖି ୩% ବୃଦ୍ଧି ପାଇ ୨୨.୯୩ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ସୂଚକାଙ୍କ ଭିତ୍ତିକ ମହଙ୍ଗାଇ ଅଗଷ୍ଟରେ ୭.୦୫ ପ୍ରତିଶତରେ ପହଞ୍ଚିଛି। ଜୁଲାଇରେ ଏହା ୬.୬୫ ପ୍ରତିଶତ ଥିଲା। ଖାଦ୍ୟ ସାମଗ୍ରୀ, ଖାଦ୍ୟ ଉତ୍ପାଦ ନିର୍ମାଣ, ଖଣିଜ ତେଲ, ମୌଳିକ ଧାତୁ, ଅଣଖାଦ୍ୟ ସାମଗ୍ରୀ ଏବଂ ରାସାୟନିକ ଉତ୍ପାଦର ମୂଲ୍ୟ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବା କୁହାଯାଇଛି ।

### ଖଣି ଆଇନ ସଂଶୋଧନ

# ଅର୍ଥନୈତିକ ଅବରୋଧ କରିବ ବିଜେଡି

■ ଭୁବନେଶ୍ୱର,୧୪।୯ (ସମିସ): ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣ କରୁଥିବା ଏମଏମଡିଆର ଆଇନ ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିରବତା ଅତ୍ୟନ୍ତ ରହସ୍ୟମୟ। ଖଣିମାଲିକମାନଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସ୍ୱାର୍ଥକୁ କେନ୍ଦ୍ର ସରକାର ବଳି ଦେଇଛନ୍ତି । ଆଙ୍ଗୁଳିଗଣତି କେଇଜଣ ଖଣି ପଟ୍ଟାଦାରଙ୍କ ପାଇଁ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଛି। ତେଣୁ ଏହି ଆଇନ ପ୍ରତ୍ୟାହାର ନ ହେଲେ ଅର୍ଥନୈତିକ ଅବରୋଧ କରିବାକୁ ଧମକ ଦେଇଛି ବିଜେଡି



- ଖଣି ମାଲିକଙ୍କ ପାଇଁ ଏମଏମଡିଆର ଆଇନ ସଂଶୋଧନ
- ଆଇନ ମାଧ୍ୟମରେ ରାଜ୍ୟର ଅଧିକାର ଛଡାଇ ନିଆଯାଇଛି

ସୋମବାର ଶଙ୍ଖ ଭବନରେ ଦଳର ବିଧାୟକ ଡଃ ଅରୁଣ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏମଏମଡିଆର ଆଇନ ସଂଶୋଧନ ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ବିଧାନସଭାର ବିଶେଷ ଅଧିବେଶନ ଓ ଏକ ସର୍ବଦଳୀୟ ବୈଠକ ଡାକିବା ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଏଯାବତ ଏହି ଚିଠିର ଉତ୍ତର ରଖିବାକୁ ଉଚିତ ମଣିଲେ ନାହିଁ। ଏମଏମଡିଆର ଆଇନ ସଂଶୋଧନ ମାଧ୍ୟମରେ ଖଣିର ମାଲିକାନା ରାଜ୍ୟ ହାତରୁ ଛଡେଇ ନିଆଯାଇଛି। ଖଣି ହାତରେ ନ ଥିବା ବେଳେ, କେନ୍ଦ୍ର ସରକାରଙ୍କ ହାତ ଟେକା ଦାନକୁ ଅପେକ୍ଷା କରି ରହିଥିବା ରାଜ୍ୟ ସରକାର କେଉଁ ଅଧିକାର ନେଇ ୟୁଏଇ ଗସ୍ତ କରି ପୁଞ୍ଜିନିବେଶ ପାଇଁ ଆହ୍ୱାନ କରୁଛନ୍ତି? ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି କ୍ଷେତ୍ରରୁ ଆଦାୟ ହେବାକୁ ଥିବା ବକେୟା ଟିକସ ବାବଦକୁ ଓଡ଼ିଶା ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ସହିଲା। ଏଥି ସହିତ ଖଣିରୁ ରାଜସ୍ୱ ବାବଦକୁ ରାଜ୍ୟ ବାର୍ଷିକ ୧୨,୦୦୦ କୋଟି ଟଙ୍କା କ୍ଷତି ସହିବ। କିନ୍ତୁ ଓଡ଼ିଶାର ଏତେବଡ଼ ଆର୍ଥିକ କ୍ଷତିକୁ ରାଜ୍ୟ ବିଜେପି ସରକାର ନିରବରେ ସମର୍ଥନ ଦେଇଛନ୍ତି। କାହା ସ୍ୱାର୍ଥରେ ଏମଏମଡିଆର ଆଇନର ▶ପୃଷ୍ଠା-୭

### ଓଲଟ ପାଲଟ



ଗୋପ ନଗରୀରେ ବାଜୁଛି ବାଜଣା
ଟଙ୍କାଗୁଡ଼ା ଗୋଡ଼ି-ମାଟି ,
ସରକାରୀ କାମ ନାମରେ କେବଳ
ନେଇଗଲେ ବାଣ୍ଟିକୁଣ୍ଟି ।
ପାସ୍ ହୁଏ କୋଟି କୋଟି,
ଦିନ ବେଳେ ଛାତ ପଡ଼ିଲା ବେଳକୁ
ରାତିରେ କାମୁଡ଼େ ମାଟି ।
ନେତ୍ରୀ-ଠିକାଦାର ମଧୁଚନ୍ଦ୍ରିକାରେ
ବରବାଦ କରେ ବଟି !!
*- ଯାଯାବର*

# ଆଜି ନୂଆଁଖାଇ: ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର,୧୪।୯ (ସମିସ): ନୂଆଁଖାଇ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମ୍ବଲପୁରୀ ଭାଷାରେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, "ଜୟ ଜଗନ୍ନାଥ, ଜୟ ମାଁ ସମ୍‌ଲେଇ, ସମ୍‌କୁ ମୋର ନୂଆଁଖାଇ ଜୁହାର୍। ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ, ସବୁ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣଉଛେଁ। ନୂଆଁଖାଇ, ଖାଲି ଗୁଟେ ପରବ୍ ନାଇଁସେ, ଇଟା ଆମର୍ ମାଟି, ସଂସ୍କୃତି, ଚାଲିଚଲନ୍ ଆର୍ ସାମାଜିକ ଏକତାର୍ ପ୍ରାଣସ୍ପନ୍ଦନ୍ ଆଏ। ଇ ଆନନ୍ଦମୟ ପରବ୍‌ନେ, ମନର୍ ସବୁ ଭେଦଭାବ, ତିକ୍ତତା ଆର୍ ଅହଂକାରକେ ପଛେ ପକେଇ କରି, ଆମେ ବଡ୍ ଗୁରୁ-ଗୁରୁଜନ୍ ମାନକର୍ ପାହାତଲେ "ଜୁହାର୍-ମୁଁଡିଆ" ଜନେଇଥିସୁଁ, ଆର୍ ସାନ ମାନଙ୍କୁ ଭଲପାଏବାର୍ ଆର୍ ଆଶୀର୍ବାଦ୍ ଦେଇଥିସୁଁ। ଇ ସୁନ୍ଦର୍ ପରମ୍ପରା ଆମର୍ ପରିବାର୍, ସମାଜ୍ ଆର୍ ଭାଇଚାରାର୍ ବନ୍ଧନ୍‌କେ, ଆହୁରି ମଜବୁତ୍ କର୍‌ସି। ୨୦୩୬ ତକ୍, ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ତକ୍, ବିକ୍‌ଶିତ୍ ଭାରତ ଗଠନ୍ ଲାଗି ସମସ୍ତେ ନିଜର୍ ନିଜର୍ କର୍ତ୍ତବ୍ୟ ପାଳନ୍ କରୁନ୍ ବଲି, ଆଜି ଇ ଶୁଭ୍ ଦିନ୍‌ରେ ଛାତ୍ର ଛାତ୍ରୀ, ଯୁବକ୍ ଯୁବତୀ, ଶ୍ରମିକ୍ କିଶାନ୍ ଜୱାନ୍, ସମ୍‌କୁ ଅନୁରୋଧ୍ କରୁଛେଁ। ନୂଆଁଖାଇ ସମସ୍ତଙ୍କର ଜୀବନରେ, ନୂଆଁ ଆଶା ଆନି ଦେଉ। ମାଁ ସମଲେଇ, ସମସ୍ତଙ୍କର୍ ଜୀବନ ଥିହସ୍ ଖୁସି, ସୁଖ୍ ଶାନ୍ତି, ଉନ୍ନତି ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି ପ୍ରାର୍ଥନା କରୁଛେଁ।





ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ,
ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ
ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା
ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର


ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

15001/97/2627



ନୂଆଁଖାଇ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ନୂଆଁଖାଇ ତିହାର୍ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


OIPR-15001/15001/2/26-27/0097




ସକାଳ
www.sakalaepaper.com

## ଆତ୍ମସମର୍ପଣ ପରେ ଜେଲ୍ ଗଲେ ତେଜପାଲ

ନୂଆଦିଲ୍ଲୀ/ପଣଜୀ, ୧୪।୯(ଏଜେନ୍ସି): ୨୦୧୩ ମସିହାର ବଳାତ୍କାର ମାମଲାରେ ୧୦ ବର୍ଷର ଜେଲ୍ ଦଣ୍ଡ ପାଇଥିବା 'ତେହେଲକା'ର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲ ସୋମବାର ଗୋଆ ପୁଲିସ ନିକଟରେ



ଆତ୍ମସମର୍ପଣ କରିଛନ୍ତି। ପରେ ତାଙ୍କୁ ଉତ୍ତର ଗୋଆର କୋଲଭାଲେ କେନ୍ଦ୍ରୀୟ କାରାଗାରକୁ ପଠାଯାଇଛି। ବମ୍ବେ ହାଇକୋର୍ଟର ଗୋଆ ଖଣ୍ଡପୀଠ ଅଗଷ୍ଟ ୬ରେ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କଠୋର କାରାଦଣ୍ଡ ଦେଇଥିଲେ। ଏହା ପୂର୍ବରୁ ୨୦୨୧ରେ ଗୋଆର ଏକ ସେସନ୍ସ କୋର୍ଟ ତାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲେ। ଅଗଷ୍ଟ ୨୫ରେ ସୁପ୍ରିମକୋର୍ଟ ତେଜପାଲଙ୍କୁ ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କହିଥିଲେ। ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ ପରେ ତାଙ୍କ ଦଣ୍ଡ ବିରୋଧୀ ଆବେଦନର ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୨ରେ ଏହି ଆବେଦନର ଶୁଣାଣି ହେବାକୁ ତାଲିକାଭୁକ୍ତ ହୋଇଛି। କୋର୍ଟରୁ ବାହାରିବା ସମୟରେ ତେଜପାଲ କହିଛନ୍ତି ଯେ ସେ ସୁପ୍ରିମକୋର୍ଟରେ ଆଇନଗତ ଲଢେଇ ଜାରି ରଖିବେ ଏବଂ ସେଠାରୁ ନ୍ୟାୟ ମିଳିବ ବୋଲି ତାଙ୍କର ଆଶା ରହିଛି। ଏହି ମାମଲା ୨୦୧୩ ନଭେମ୍ବରର। 'ତେହେଲକା'ର ଜଣେ ପୂର୍ବତନ ମହିଳା କର୍ମଚାରୀ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ତେଜପାଲ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ମାମଲାରେ ତେଜପାଲଙ୍କୁ ୨୦୧୩ ନଭେମ୍ବର ୩୦ରେ ଗିରଫ କରାଯାଇଥିଲା।

## ପାକିସ୍ତାନର ନାଟକବାଜି

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଜୈଶ-ଏ-ମହମ୍ମଦ ମୁଖ୍ୟ ମସୁଦ ଅଜହରଙ୍କ ସମ୍ପର୍କରେ ସୂଚନା ଦେଲେ ମିଳିବାକୁ ଥିବା ପୁରସ୍କାର ରାଶିକୁ ୫୦ ଲକ୍ଷ ପାକିସ୍ତାନୀ ଟଙ୍କାରୁ ବଢ଼ାଇ ୭୦ ଲକ୍ଷ ଟଙ୍କା କରିଛି ପାକିସ୍ତାନର ଫେଡେରାଲ୍ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି (ଏଫ୍‌ଆଇଏ)। ଅକ୍ଟୋବରରେ ହେବାକୁ ଥିବା ଆର୍ଥିକ କାର୍ଯ୍ୟାନୁଷ୍ଠାନ


**ମସୁଦଙ୍କୁ ଗିରଫ ପାଇଁ ପୁରସ୍କାର ରାଶି ବଢ଼ାଇଲା**



ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ପୂର୍ଣ୍ଣାଙ୍ଗ ବୈଠକ ପୂର୍ବରୁ ଏହି ପଦକ୍ଷେପକୁ ନେଇ ପ୍ରଶ୍ନ ଉଠିଛି। ଅଜହରଙ୍କ ନାମକୁ ଏଫ୍‌ଆଇଏର ୨୦୨୬ 'ରେଡ୍ ବୁକ୍'ରେ ସାମିଲ କରାଯାଇଛି। ପାକିସ୍ତାନର ଦାବି ଅନୁସାରେ, ଅଜହର ଆଉ ଦେଶରେ ନାହାନ୍ତି ଏବଂ ଆଫଗାନିସ୍ତାନରେ ଲୁଚିଛନ୍ତି। ତେବେ ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକର ଆକଳନ ଅନୁସାରେ, ସେ ସିନ୍ଧର ନୱାବଶାହରେ ଥିବା ସମ୍ଭାବନା ରହିଛି। ସୂତ୍ରଙ୍କ ମତରେ, ଆତଙ୍କବାଦୀ ନେଟୱର୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିବା ଦେଖାଇ ଏଫ୍‌ଏଟିଏଫ୍‌ର ନଜରରୁ ବଞ୍ଚିବା ପାଇଁ ପାକିସ୍ତାନ ଏଭଳି ପଦକ୍ଷେପ ନେଇଥାଇପାରେ। ଭାରତରେ ୨୦୧୯ ପୁଲୱାମା ଆକ୍ରମଣ ସମେତ ଅନେକ ଆତଙ୍କବାଦୀ ଘଟଣାରେ ଅଜହର ଅଭିଯୁକ୍ତ ଭାବେ ଚାହିଁତ ଅଛନ୍ତି। ଏହାଛଡ଼ା, ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ଜଡ଼ିତ ୧୯ ଜଣଙ୍କ ନାମ ମଧ୍ୟ ଏଫ୍‌ଆଇଏର ନୂଆ ରେଡ୍ ବୁକ୍‌ରେ ରହିଛି। ରେଡ୍ ବୁକ୍‌ରେ ଥିବା ଆତଙ୍କବାଦୀଙ୍କ ସଂଖ୍ୟା ୨୦୨୧ର ୧, ୩୩୦ରୁ ବଢ଼ି ଏବେ ୧, ୮୦୪ରେ ପହଞ୍ଚିଛି।

## ଦିଲ୍ଲୀରେ ଜିମ୍ ଟ୍ରେନରଙ୍କୁ ଗୁଳିକରି ହତ୍ୟା

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ଫତେହପୁର ବେରୀ ଅଞ୍ଚଳରେ ସୋମବାର ସକାଳେ ଜଣେ ୨୮ ବର୍ଷୀୟ ଜିମ୍ ଟ୍ରେନରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଆୟାନଗର ଗାଁରେ ଘଟିଥିବା ଏହି ଘଟଣାରେ ପ୍ରାୟ ୧୫ ରାଉଣ୍ଡ ଗୁଳି ଫୁଟିଥିବା ପୁଲିସ କହିଛି। ମୃତକଙ୍କୁ ବିଜୟ ଭାବେ



ଚିହ୍ନଟ କରାଯାଇଛି। ସୋମବାର ସକାଳ ପ୍ରାୟ ୧୦ଟାରେ ବାଇକ୍‌ରେ ଆସିଥିବା ୨ ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାପରେ ଉଭୟେ ବାଇକ୍‌ରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳିଚାଳନା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ଭାବେ ବ୍ୟକ୍ତିଗତ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଆକ୍ରମଣକାରୀଙ୍କ ପରିଚୟ ଓ ଗୁଳିକାଣ୍ଡର ପ୍ରକୃତ କାରଣ ଜାଣିବାକୁ ପୁଲିସ ତଦନ୍ତ ଚଳାଇଛି। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ ଅନ୍ୟାନ୍ୟ ପ୍ରମାଣ ମଧ୍ୟ ସଂଗ୍ରହ କରାଯାଉଛି। ସୂଚନା ଅନୁସାରେ, କିଛି ମାସ ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଗୁଳିଚାଳନା ଘଟିଥିଲା। ଏହି ଘଟଣା ପରେ ଆୟାନଗରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି ଏବଂ ଆଇନଶୃଙ୍ଖଳା ବଜାୟ ରଖିବାକୁ ସୁରକ୍ଷାକର୍ମୀ ମୁତୟନ କରାଯାଇଛି।

# ଟିଏମ୍‌ସି ବିଦ୍ରୋହୀ ଗୋଷ୍ଠୀ ଛଟପଟ

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କରିଥିବା ୨୦ ଜଣ ଲୋକସଭା ସାଂସଦଙ୍କୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଏବେ ବି ତୁଟିନାହିଁ। ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ରେ ସେମାନଙ୍କର ମିଶ୍ରଣକୁ ବାଚସ୍ପତି ଏପର୍ଯ୍ୟନ୍ତ ସ୍ୱୀକୃତି ଦେଇ ନାହାନ୍ତି। ପୁଣି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ପିଟିସନ ସୁପ୍ରିମ କୋର୍ଟରେ ରହିଛି। ଏହି ଝାମେଲା ତୁଟିନଥିବା ବେଳେ ଏହି ଗୋଷ୍ଠୀର ଜଣେ ସାଂସଦ ଆଜି ଘୋଷଣା କରିଛନ୍ତି ଯେ ଦୁର୍ଗାପୂଜା ପୂର୍ବରୁ ୨୦ ଜଣଙ୍କ ମଧ୍ୟରୁ ୧୭ ଜଣ ବିଜେପିରେ ଯୋଗଦେବେ। କୁଚବିହାର ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ବସୁନିଆ ଆଜି ଏଭଳି ବୟାନ ଦେବା ପରେ ବିଦ୍ରୋହୀ ଗୋଷ୍ଠୀର ଅନ୍ୟ ସାଂସଦ ଏହାକୁ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି ଯେ ବିଜେପିରେ ଯୋଗଦେବା ଲାଗି ସେମାନେ ମିଳିତ ନିଷ୍ପତ୍ତି ନେଇ ନାହାନ୍ତି। ପଶ୍ଚିମ ବଙ୍ଗ ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ ମଧ୍ୟ ଏଭଳି ଖବରକୁ ଖଣ୍ଡନ କରିଛନ୍ତି।

- ଦୁର୍ଗାପୂଜା ପୂର୍ବରୁ ବିଜେପିରେ ଯୋଗ ଦେବେ ୧୭ ସାଂସଦ!
- ବର୍ମାଙ୍କ ଦାବିକୁ ବିରୋଧ କଲେ ଅନ୍ୟ ବିଦ୍ରୋହୀ
- ଏମିତି କିଛି ନିଷ୍ପତ୍ତି ହୋଇନାହିଁ



ସେ କହିଛନ୍ତି ଯେ ଟିଏମସି ବିଦ୍ରୋହୀଙ୍କୁ ନେବାଲାଗି ଏବେ କୌଣସି ଯୋଜନା ନାହିଁ।

ଆସନ୍ତା ଅକ୍ଟୋବରରେ ଦୁର୍ଗାପୂଜା ପୂର୍ବରୁ କିମ୍ବା ପରେ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ର ୨୦ ଜଣ ସାଂସଦଙ୍କ ମଧ୍ୟରୁ ୧୭ ଜଣ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ଆଜି ସକାଳେ ବୟାନ ଦେଇ ହଟଚମଟ ସୃଷ୍ଟି କରିଥିଲେ। ସେ କହିଥିଲେ ଯେ ୧୭ ଜଣ ସାଂସଦ ଏକାଠି ଦଳ ପରିବର୍ତ୍ତନ କରିବେ। ଏହି ସଂଖ୍ୟା ୨୦ ଜଣିଆ ଗୋଷ୍ଠୀର ଦୁଇ-ତୃତୀୟାଂଶରୁ ଅଧିକ ହୋଇଥିବାରୁ ଦଳବଦଳ ନିରୋଧୀ ଆଇନ ସେମାନଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ। ଜୁନ୍ ୧୪ରେ ଟିଏମ୍‌ସିର ୨୦ ଜଣ ବିଦ୍ରୋହୀ ସାଂସଦ ଅପରିଚିତ ଏନ୍‌ସିପିଆଇ ସହ ମିଶିବା ଘୋଷଣା କରିଥିଲେ। ଏହା ସହ ସେମାନେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ସମର୍ଥନ ମଧ୍ୟ ଘୋଷଣା କରିଥିଲେ। ଦଳବଦଳ ନିରୋଧୀ ଆଇନ ଅନୁଯାୟୀ, କୌଣସି ବିଧାୟକ ଦଳର ଅତି କମ୍‌ରେ ଦୁଇ-ତୃତୀୟାଂଶ ସଦସ୍ୟ ମିଶି ଅନ୍ୟ ଦଳରେ ବିଲୟ ହେଲେ ସେମାନଙ୍କ ଉପରେ ଦଳବଦଳ ନିରୋଧୀ ନିୟମ ଲାଗୁ ହୁଏନାହିଁ। ୨୦ ଜଣିଆ ଏନ୍‌ସିପିଆଇ ଗୋଷ୍ଠୀ କ୍ଷେତ୍ରରେ ଏହି ସଂଖ୍ୟା ୧୪ ରହିଛି। ତେବେ ୨୦ ଜଣଙ୍କ ମଧ୍ୟରୁ ତିନିଜଣ ସାଂସଦ ବିଜେପିରେ ଭାବେ ଯୋଗ ଦେବେ ନାହିଁ ବୋଲି ବସୁନିଆ କହିଛନ୍ତି। ସେମାନେ ହେଲେ ଅବୁ ତାହେର ଖାନ୍, ଖଲିଲୁର ରହମାନ ଓ ୟୁସୁଫ ପଠାନ।

## ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲେ ଦୁଇ ଗୋଷ୍ଠୀ

କୋଲକାତା, ୧୪।୯(ଏଜେନ୍ସି): ପଶ୍ଚିମବଙ୍ଗ ଓ ଆସାମରରେ ଆଗାମୀ ବିଧାନସଭା ଉପନିର୍ବାଚନ ପାଇଁ ପ୍ରମୁଖ ଦଳଗୁଡ଼ିକ ପ୍ରାର୍ଥୀ ଘୋଷଣା କରିଛନ୍ତି। ମମତା ବାନାର୍ଜୀଙ୍କ ଟିଏମ୍‌ସି ନନ୍ଦୀଗ୍ରାମ ଆସନରୁ ସଞ୍ଚିତା ପ୍ରଧାନ ଦେ ଏବଂ ରେଜିନଗରରୁ ରବିଉଲ ଆଲମ ଚୌଧୁରୀଙ୍କୁ ପ୍ରାର୍ଥୀ କରିଛି। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ, ମମତା ନନ୍ଦୀଗ୍ରାମ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଦଳ ସ୍ପଷ୍ଟ କରିଛି। ସେହିଭଳି ବିଦେଆହୀ ଗୋଷ୍ଠୀ ପକ୍ଷରୁ ନନ୍ଦିଗ୍ରାମରେ ମହମ୍ମଦ ଏହତସାମୁଲ ହକ ଏବଂ ରେଜିନଗରରେ ସଫିଉଦ୍ଦିନ ଶେଖଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ନିର୍ବାଚନରେ ପ୍ରଥମ ଥର ଲାଗି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଇତିମଧ୍ୟରେ କଂଗ୍ରେସ ପକ୍ଷରୁ ମହମ୍ମଦ ଅବଦୁଲ୍ଲାହିଲ କାଫିଙ୍କୁ ରେଜିନଗର ଏବଂ ମିଳନ ପ୍ରଧାନଙ୍କୁ ନନ୍ଦୀଗ୍ରାମ ଆସନ ପାଇଁ ପ୍ରାର୍ଥୀ କରାଯାଇଛି। ଆସନ୍ତା ଅକ୍ଟୋବର ୬ ରେ ମତଦାନ ଏବଂ ଅକ୍ଟୋବର ୯ ରେ ଭୋଟ ଗଣତି ହେବ।

# ଫଁସିଲେ ଠାକରେ, ରିୟା



ଦିଶା ସାଲିଆନ ମୃତ୍ୟୁ ମାମଲା



**ସିବିଆଇ ଏଫ୍‌ଆଇଆର୍‌ରେ ପୂର୍ବ ପୁଲିସ କମିସନରଙ୍କ ନାମ**

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ସିବିଆଇ ସୋମବାର ଏଫ୍‌ଆଇଆର୍ ରୁଜୁ କରିଛି। ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ତଦନ୍ତ ଆରମ୍ଭ ହୋଇଛି। ଏଫ୍‌ଆଇଆର୍‌ରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ, ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ସମେତ ଅନେକ ବ୍ୟକ୍ତିଙ୍କ ନାମ ରହିଛି। ଏଫ୍‌ଆଇଆର୍‌ରେ ରୋହନ ରୟ, ଅଭିନେତା ଡିନୋ ମୋରିଆ ଓ ସୂରଜ ପାଞ୍ଚୋଲି, ଆଦିତ୍ୟଙ୍କ ସୁରକ୍ଷାକର୍ମୀ, ଶୋଭିକ ଚକ୍ରବର୍ତ୍ତୀ, ପୂର୍ବତନ ପୁଲିସ ଅଧିକାରୀ ସଚିନ ୱାଜେ, ପୂର୍ବତନ ମୁମ୍ବାଇ ପୁଲିସ କମିସନର ପରମବୀର ସିଂହ, ଡିସିପି ବିଶାଳ ଠାକୁରଙ୍କ ନାମ ମଧ୍ୟ ରହିଛି। ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଓ ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ନାମ ମଧ୍ୟ ଦସ୍ତାବିଜରେ ଉଲ୍ଲେଖ ହୋଇଛି। ସିବିଆଇ ଏଫ୍‌ଆଇଆର୍‌ରେ ଅଭିଯୋଗିତ ଅପରାଧ, ଅପରାଧିକ ଷଡ଼ଯନ୍ତ୍ର, ମିଥ୍ୟା ଆତ୍ମହତ୍ୟା କାହାଣୀ ସୃଷ୍ଟି ଓ ପ୍ରଚାର କରିବା ସହ ପ୍ରମାଣ ଦମନ, ନଷ୍ଟ କିମ୍ବା ଜାଲିଆତି କରାଯାଇଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି କୁହାଯାଇଛି। ତେବେ ଏଫ୍‌ଆଇଆର୍‌ରେ କାହାର ନାମ ଥିବା ମାତ୍ରେ ସେ ବ୍ୟକ୍ତି ଦୋଷୀ ପ୍ରମାଣିତ ହୋଇନାହାନ୍ତି। ତଦନ୍ତ ପରେ ଅଭିଯୋଗର ସତ୍ୟତା ସ୍ପଷ୍ଟ ହେବ। ଚଳିତ ମାସ ଆରମ୍ଭରେ ବମ୍ବେ ହାଇକୋର୍ଟ ଦିଶାଙ୍କ ମୃତ୍ୟୁର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମୁମ୍ବାଇ ପୁଲିସ ଦୀର୍ଘ ସମୟ ଧରି ଏଫ୍‌ଆଇଆର୍ ରୁଜୁ ନକରିଥିବା ନେଇ ମଧ୍ୟ ଅଦାଲତ ପ୍ରଶ୍ନ ଉଠାଇଥିଲେ। ତଦନ୍ତରେ ଥିବା କେତେକ ଅସଙ୍ଗତି ନେଇ ମଧ୍ୟ କୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ୨୦୨୦ ଜୁନ୍ ୮ରେ ମୁମ୍ବାଇର ମାଲାଡ୍ ଅଞ୍ଚଳର ଏକ ଆବାସିକ କୋଠାରୁ ଖସି ଦିଶାଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ମୁମ୍ବାଇ ପୁଲିସ ଏକ ଦୁର୍ଘଟଣାଜନିତ ମୃତ୍ୟୁ ରିପୋର୍ଟ ରୁଜୁ କରିଥିଲା। ଦିଶାଙ୍କ ମୃତ୍ୟୁର ଛଅ ଦିନ ପରେ, ଜୁନ୍ ୧୪ରେ ସୁଶାନ୍ତ ସିଂହ ରାଜପୁତଙ୍କ ମୃତଦେହ ବାନ୍ଦ୍ରାସ୍ଥିତ ତାଙ୍କ ବାସଭବନରୁ ମିଳିଥିଲା। ଦୁଇ ଘଟଣା ମଧ୍ୟରେ ସମୟର ନିକଟତାକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲେ ମଧ୍ୟ ଦୁଇଟି ମାମଲାର ତଦନ୍ତ ପୃଥକ ଭାବେ ହୋଇଥିଲା। ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ସିବିଆଇ ତଦନ୍ତ ପରେ ତାଙ୍କ ମୃତ୍ୟୁ ଆତ୍ମହତ୍ୟା ବୋଲି ଦର୍ଶାଇ ଏକ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ଏହି ରିପୋର୍ଟ ଉପରେ ସମ୍ପୃକ୍ତ ଅଦାଲତରେ ଏପର୍ଯ୍ୟନ୍ତ ଶୁଣାଣି ହୋଇନାହିଁ। ଦିଶାଙ୍କ ପିତା ସତୀଶ ସାଲିଆନ ପୂର୍ବରୁ ଆଦିତ୍ୟ ଠାକରେ ଓ ଅଭିନେତା ଡିନୋ ମୋରିଆଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ସେ ସିବିଆଇ ସମ୍ମୁଖରେ ନିଜ ବୟାନ ରେକର୍ଡ କରିଥିବା ଏବଂ ମାମଲାର ଶୁଣାଣି ସମୟରେ ଏହି ଅଭିଯୋଗ ଉଠାଇଥିବା କହିଥିଲେ। ଅନ୍ୟପକ୍ଷରେ, ମୁମ୍ବାଇ ପୁଲିସର ପୂର୍ବ ତଦନ୍ତ ଅନୁଯାୟୀ ଦିଶାଙ୍କ ମୃତ୍ୟୁ ଆତ୍ମହତ୍ୟା ଥିଲା।

## ଦକ୍ଷିଣ ଆଫ୍ରିକାରେ ଦୁର୍ଘଟଣା; ୨୧ ମୃତ

କେପ୍‌ଟାଉନ, ୧୪।୯(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପଶ୍ଚିମ କେପ୍ ରାଜ୍ୟରେ ରବିବାର ରାତିରେ ତିନିଟି ଗାଡ଼ି ମଧ୍ୟରେ ଭୟଙ୍କର ଧକ୍କା ହୋଇ ଅତି କମ୍‌ରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଆଉ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ରୋଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ କର୍ପୋରେସନ୍‌ର ସୂଚନା ଅନୁଯାୟୀ, ପ୍ରିନ୍ସ ଆଲବର୍ଟ ଓ ଲିଉ-ଗାମ୍କା ନାମକ ଦୁଇଟି ଛୋଟ ସହର ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଏହି ସ୍ଥାନ କେପ୍‌ଟାଉନଠାରୁ ପ୍ରାୟ ୩୮୦ କିଲୋମିଟର ଦୂରରେ ରହିଛି। ପ୍ରାଥମିକ ତଦନ୍ତ ଅନୁସାରେ, ଦୁଇଟି ମିନିବସ୍ ଟ୍ୟାକ୍ସି ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଏହାପରେ ଏକ ଏସ୍‌ୟୁଭି ଆସି ଦୁଇଟି ଯାନକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ତିନି ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

## ରାଜସ୍ଥାନରେ ବିଜେପି-କଂଗ୍ରେସ ଟକ୍କର


ଜୟପୁର, ୧୪।୯(ଏଜେନ୍ସି): ରାଜସ୍ଥାନରେ ଅନୁଷ୍ଠିତ ପୌର ନିର୍ବାଚନରେ ବିଜେପି, କଂଗ୍ରେସ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି। ୧୦ ହଜାର ୨୪୪ ୱାର୍ଡ ମଧ୍ୟରୁ ଘୋଷିତ ଫଳାଫଳରେ ବିଜେପି ୪, ୧୭୧ଟି ୱାର୍ଡରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ୩, ୫୯୭ଟି ୱାର୍ଡ ଦଖଲ କରିଛି। ଦୁଇ ହଜାରରୁ ଅଧିକ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୧୦ଟି ପୌର ନିଗମ, ୫୧ଟି ପୌର ପରିଷଦ ଏବଂ ୨୪୮ଟି ପୌରାଞ୍ଚଳରେ ୧୦ ହଜାର ୨୪୫ କାଉନସିଲରଙ୍କୁ ନିର୍ବାଚିତ କରିବା ଲାଗି ହୋଇଥିବା ମତଦାନରେ ଏକ କୋଟି ୪୪ ଲକ୍ଷ ମତଦାତା ଭାଗ ନେଇଥିଲେ।

- ବିଜେପି ଖାତାରେ ୩୫୮୭ ୱାର୍ଡ
- କଂଗ୍ରେସକୁ ମିଳିଛି ୩୦୫୦
- ୨୦୨୪ରେ ସ୍ୱାଧୀନ କାଉନସିଲର



ରାଜ୍ୟର ୧୦ଟି ପୌର ନିଗମ ମଧ୍ୟରୁ ବିଜେପିକୁ ଜୟପୁର, ଉଦୟପୁର, କୋଟା ଏବଂ ଭେଲୱାରାରେ ସ୍ପଷ୍ଟ ବହୁମତ ମିଳିଥିବା ବେଳେ କଂଗ୍ରେସକୁ ବିକାନିରରେ ବିଜୟ ମିଳିଛି। ତେବେ ଯୋଧପୁର, ଅଲୱାର, ଅଜମୀର ଏବଂ ପାଲି ପୌର ନିଗମରେ କାହାରିକୁ ସ୍ପଷ୍ଟ ବହୁମତ ମିଳିନାହିଁ। ଏହି ପୌର ନିଗମରେ ସ୍ୱାଧୀନ କାଉନସିଲଙ୍କର ନିର୍ଣ୍ଣାୟକ ଭୂମିକା ରହିଛି। ଯୋଧପୁରରେ ବିଜେପି ଓ କଂଗ୍ରେସ ୪୪ଟି ଲେଖାଏଁ ୱାର୍ଡ ଜିତିଛନ୍ତି। ସେହିଭଳି ଅଜମେର ଓ ପାଲିରେ କଂଗ୍ରେସ ଆଗୁଆ ରହିଛି। ୨୦୨୮ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଫଳାଫଳକୁ ଭଜନଲାଲ ଶର୍ମା ସରକାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପରୀକ୍ଷା ଭାବେ ଦେଖାଯାଉଛି।

## ଭିକାରୀ ବେଶରେ ବୁଲିଲେ ୩୩୮୩ କୋଟିର ମାଲିକ ବିଜେପି ବିଧାୟକ



ମୁମ୍ବାଇ, ୧୪।୯(ଏଜେନ୍ସି): ମହାରାଷ୍ଟ୍ରର ସବୁଠାରୁ ଧନୀ ରାଜନେତାଙ୍କ ମଧ୍ୟରେ ଥିବା ବିଜେପି ବିଧାୟକ ପରାଗ ଶାହ ଏକ ଅଭିନବ ଅନୁଭୂତି ପାଇଁ ମୁମ୍ବାଇର ଘାଟକୋପରରେ ଦିନଟିଏ ଭିକାରୀ ବେଶରେ ବୁଲିଛନ୍ତି। ତାଙ୍କ ଏହି ଅଭିନବ ପ୍ରୟାସର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଜୈନ ଚତୁର୍ମାସ ସମୟରେ ଜୈନ ଧର୍ମଗୁରୁ ନମ୍ରମୁନି ମହାରାଜଙ୍କ ପରାମର୍ଶରେ ଶାହ ଏହି ପ୍ରୟୋଗ କରିଥିବା ଜଣାପଡ଼ିଛି। ସେ ନିଜ ସୁରକ୍ଷାକର୍ମୀ, ଗାଡ଼ି ଓ ମୂଲ୍ୟବାନ ସାମଗ୍ରୀ ଛାଡ଼ି ମେକଅପ୍ ଓ ପୋଷାକ ବଦଳାଇ ଭିକାରୀଙ୍କ ଭଳି ଘାଟକୋପରର ରାସ୍ତାରେ ବୁଲିଥିଲେ। ସେ ରାସ୍ତାକଡ଼ରେ ବସିବା ସହ ଲୋକଙ୍କୁ ଭିକ୍ଷା ମାଗିଥିଲେ। ତାଙ୍କୁ ଚିହ୍ନିପାରି ନଥିଲେ ସାଧାରଣ ଲୋକ। ପରେ ମେକଅପ୍ ହଟାଇ ସେ ସେହି ସ୍ଥାନଗୁଡ଼ିକୁ ପୁଣି ଯାଇ ପୂର୍ବରୁ ଦେଖା ହୋଇଥିବା ଲୋକଙ୍କୁ ଭେଟିଥିଲେ। ଏହି ଅନୁଭୂତି ମାଧ୍ୟମରେ ଅନ୍ୟମାନଙ୍କ ଦୟା ଓ ଭିକ୍ଷା ଉପରେ ନିର୍ଭର କରି ଜୀବନଯାପନ କରୁଥିବା ଲୋକଙ୍କ ସମସ୍ୟା ଓ ଜୀବନଶୈଳୀକୁ ନିକଟରୁ ବୁଝିବାର ସୁଯୋଗ ପାଇଥିବା କୁହାଯାଇଛି। ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସତ୍ୟପାଠରେ ପରାଗ ଶାହ ୩, ୩୮୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଘୋଷଣା କରିଥିଲେ। ତାଙ୍କର ପ୍ରମୁଖ ବ୍ୟବସାୟିକ ରୁଚି ରିଅଲ୍ ଇଷ୍ଟେଟ୍ ସହ ଜଡ଼ିତ। ବିଧାୟକ ହେବା ପୂର୍ବରୁ ସେ ବୃହନ୍‌ମୁମ୍ବାଇ ମହାନଗର ନିଗମର କର୍ପୋରେଟର ମଧ୍ୟ ଥିଲେ।

## ୟେମେନର ମାୟୁନ୍ ଦ୍ୱୀପ ଦଖଲକଲେ ହୁତି

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ୟେମେନର ରଣନୀତିକ ମାୟୁନ୍ ଦ୍ୱୀପ ଦଖଲ କରିବା ପରେ ଇରାନ ସମର୍ଥିତ ହୁଥି ବିଦ୍ରୋହୀଙ୍କ ପ୍ରଭାବ ବାବ୍-ଏଲ୍-ମନ୍ଦେବ୍ ପ୍ରଣାଳୀରେ ବଢ଼ିଛି। ଏହା ଫଳରେ ଆଫ୍ରିକାରେ ଥିବା ଆମେରିକାର ପ୍ରମୁଖ ସାମରିକ ଘାଟି 'କ୍ୟାମ୍ପ ଲେମୋନିଏର୍' ମଧ୍ୟ ହୁଥିଙ୍କ ଡ୍ରୋନ ଓ ବାଲିଷ୍ଟିକ୍ ମିସାଇଲ୍‌ର ଆକ୍ରମଣ ପରିସର ମଧ୍ୟରେ ଆସିଥିବା ନେଇ ଚିନ୍ତା ବଢ଼ିଛି।

- ସାଉଦିର ଜୋରଦାର ମିଶାଇଲ ଆକ୍ରମଣ
- ଟାର୍ଗେଟ୍‌ରେ ଆମେରିକାର ଘାଟି


ମାୟୁନ୍ ଦ୍ୱୀପ ବାବ୍-ଏଲ୍-ମନ୍ଦେବ୍ ପ୍ରଣାଳୀର ମଝିରେ ଅବସ୍ଥିତ। ଏହି ପ୍ରଣାଳୀ ଲୋହିତ ସାଗରକୁ ଆଡେନ୍ ଉପସାଗର ଓ ଭାରତ ମହାସାଗର ସହ ଯୋଡ଼ିଥାଏ। ଏସିଆ ଓ ୟୁରୋପ ମଧ୍ୟରେ ଜାହାଜ ଓ ଶକ୍ତି ସମ୍ପଦ ପରିବହନ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜଳପଥ। ହୁଥିମାନେ ମାୟୁନ୍ ସହ ରଣନୀତିକ ବନ୍ଦର ମୋଖା ମଧ୍ୟ ଦଖଲ କରିଛନ୍ତି। ଏହା ଦ୍ୱାରା ବାବ୍-ଏଲ୍-ମନ୍ଦେବ୍ ଉପରେ ସେମାନଙ୍କ ନିୟନ୍ତ୍ରଣ ଆହୁରି ମଜବୁତ ହୋଇଛି। ମାୟୁନ୍ ଦ୍ୱୀପରୁ ଜିବୁତି ଉପକୂଳର ଦୂରତା ପ୍ରାୟ ୩୨ କିଲୋମିଟର ଏବଂ ଆମେରିକାର କ୍ୟାମ୍ପ ଲେମୋନିଏର୍ ପ୍ରାୟ ୧୩୦ କିଲୋମିଟର ଦୂରରେ ରହିଛି। କ୍ୟାମ୍ପ ଲେମୋନିଏର୍ ଆଫ୍ରିକାରେ ଆମେରିକାର ଏକମାତ୍ର ସ୍ଥାୟୀ ସାମରିକ ଘାଟି। ଏଠାରେ ୪, ୦୦୦ରୁ ଅଧିକ ସାମରିକ ଓ ବେସାମରିକ କର୍ମଚାରୀ ରହିଥିବା ବେଳେ ଆତଙ୍କବାଦ ବିରୋଧୀ ଅଭିଯାନ, ଡ୍ରୋନ୍ ଓ ସାମୁଦ୍ରିକ ସୁରକ୍ଷା କାର୍ଯ୍ୟକୁ ସମର୍ଥନ ଦିଆଯାଏ। ଜିବୁତିରେ ଚୀନ୍, ଫ୍ରାନ୍ସ ଓ ଜାପାନର ମଧ୍ୟ ସାମରିକ ସୁବିଧା ରହିଛି। ହୁଥିଙ୍କ ଅଗ୍ରଗତି ରୋକିବା ପାଇଁ ସାଉଦି ସମର୍ଥିତ ୟେମେନ ସରକାରୀ ବାହିନୀ ପାଲଟା ଆକ୍ରମଣ ଆରମ୍ଭ କରିଛି।

## ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ମିଳିଲା ମାତ୍ର ଗୋଟିଏ ଭୋଟ୍

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ରାଜସ୍ଥାନର ପୌର ନିର୍ବାଚନରେ ବିଜେପି ପ୍ରାର୍ଥୀ କୈଳାସଚନ୍ଦଙ୍କୁ ମିଳିଛି ମାତ୍ର ଗୋଟିଏ ଭୋଟ୍। ପୌରପାଳିକାର ୧୩ ନମ୍ବର ୱାର୍ଡରୁ ସେ ପ୍ରାର୍ଥୀ ହୋଇଥିଲେ। ଏହି ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ୩୭୬ ଭୋଟ୍ ପାଇ ବିଜୟୀ ହୋଇଥିବାବେଳେ ବିଜେପି ପ୍ରାର୍ଥୀଙ୍କୁ ମିଳଛି ମାତ୍ର ଗୋଟିଏ ଭୋଟ୍।

## ଆମେରିକା ଗାଁରେ ଭାରତୀୟ ଆତ୍ମା
### ୧୮୦ ଘର, ଜୈବିକ ଚାଷ, ମନ୍ଦିର ଘଣ୍ଟିର ଧ୍ୱନି

ୱିନ୍‌ଷ୍ଟନ୍-ସେଲମ୍, ୧୪।୯(ଏଜେନ୍ସି): ଆମେରିକାର ନର୍ଥ କାରୋଲିନାରେ ଗଢ଼ିଉଠୁଛି ଏକ ନିଆରା 'ବୈଦିକ ଗାଁ', ଯେଉଁଠି ଆଧୁନିକ ଆମେରିକୀୟ ଜୀବନଶୈଳୀ ସହ ଭାରତୀୟ ଗ୍ରାମୀଣ ଜୀବନର ଛାପ ଦେଖିବାକୁ ମିଳିବ। ପ୍ରାୟ ୨୧୫ ଏକର ଜମିରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପରେ ୧୮୦ଟି ଘର, ଜୈବିକ ଚାଷ, ଆଧ୍ୟାତ୍ମିକତା ଓ ସ୍ୱାସ୍ଥ୍ୟସେବା ସୁବିଧା ସହ ସାମୁଦାୟିକ ଜୀବନର ବ୍ୟବସ୍ଥା ରହିବ। ଏଠାରେ ଶଙ୍ଖଧ୍ୱନି ଓ ମନ୍ଦିର ଘଣ୍ଟି ସହ ପଡ଼ୋଶୀଙ୍କ ସହ ମିଳାମିଶା, ସାମୁଦାୟିକ ଉତ୍ସବ ଏବଂ ନିଜସ୍ୱ ଜୈବିକ ଖାଦ୍ୟ ଉତ୍ପାଦନ ଭଳି ଭାରତୀୟ ଗାଁର ପରିବେଶ ସୃଷ୍ଟି କରାଯିବ। ଦ୍ରୁତ ଜୀବନଶୈଳୀ, ଏକାକୀପଣ ଓ ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସରୁ ମୁକ୍ତି ପାଇଁ ଏଭଳି ଜୀବନଶୈଳୀ ପ୍ରତି ଆମେରିକାରେ ଆଗ୍ରହ ବଢୁଥିବା କୁହାଯାଉଛି। ଭାରତୀୟ-ଆମେରିକୀୟ ଉଦ୍ୟୋଗୀ ପ୍ରକାଶ ବୁଟିରେଡ୍ଡୀ ଏହି ପ୍ରକଳ୍ପର ଉଦ୍ୟୋକ୍ତା। ତିରୁପତି ନିକଟ ପ୍ରକୃତିକେନ୍ଦ୍ରିକ ପରିବେଶରେ ବଢ଼ିଥିବା ବୁଟିରେଡ୍ଡୀଙ୍କ ମତରେ, ଭାରତୀୟ ଗ୍ରାମୀଣ ଜୀବନର ଅନେକ ମୂଲ୍ୟବୋଧ ଆମେରିକାର ସାମାଜିକ ସମସ୍ୟାର ସମାଧାନରେ ସହାୟକ ହୋଇପାରେ। ତାଙ୍କ କହିବା ଅନୁସାରେ, ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମର ଲୋକଙ୍କ ପାଇଁ ସୀମିତ ଅଞ୍ଚଳ ନୁହେଁ। ବରଂ ଆଧୁନିକ ସୁବିଧା ସହ ଶାନ୍ତିପୂର୍ଣ୍ଣ ସାମୁଦାୟିକ ଜୀବନର ଏକ ନୂଆ ପ୍ରୟାସ। ଗାଁର କିଛି ଅଟ୍ଟାଳିକାର ନାମ 'ମୋକ୍ଷ' ଓ 'ସନ୍ତୋଷ' ଭଳି ସଂସ୍କୃତ ଶବ୍ଦରେ ରଖାଯାଇଛି। ପ୍ରାୟ ୧୫୦ ଏକର ଅଞ୍ଚଳରେ ସବୁଜିମା, ଚାଷ ଓ ମନୋରଞ୍ଜନ ସୁବିଧା ରହିବ। ମାର୍ଚ୍ଚ ସୁଦ୍ଧା ୧୧୦ଟି ଘର ବୁକ୍ ହୋଇସାରିଥିବା ଉଦ୍ୟୋକ୍ତାଙ୍କ ପକ୍ଷରୁ କୁହାଯାଇଛି। ୨୦୨୮ ଶେଷ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ଆଶା ରହିଛି। ପ୍ରାୟ ୭୧୭ କୋଟି ଟଙ୍କାର ଏହି ପ୍ରକଳ୍ପରୁ ପ୍ରାୟ ୩୭୮ଟି ସ୍ଥାୟୀ ନିଯୁକ୍ତି ସୃଷ୍ଟି ହେବ। ଚାଷ ଓ ପଶୁପାଳନ ସହିତ ବିଭିନ୍ନ କାର୍ଯ୍ୟରେ ଏହି ନିଯୁକ୍ତି ରହିବ। ନର୍ଥ କାରୋଲିନାର ମଡେଲ୍‌କୁ ଅନୁସରଣ କରି ଜର୍ଜିଆରେ 'ବୃନ୍ଦାବନ' ଓ ଟେନେସିରେ 'ବାନପ୍ରସ୍ଥ' ନାମରେ ଆଉ ଦୁଇଟି ବୈଦିକ ଗାଁ ନିର୍ମାଣର ଯୋଜନା ରହିଛି। ବିଶେଷକରି 'ବାନପ୍ରସ୍ଥ'ରେ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯିବ।



# ମେଡିକାଲ୍ ସାର୍ଟିଫିକେସନ୍‌ରେ ଖସିଲା ଓଡ଼ିଶା

## ୮୦ ପ୍ରତିଶତ ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ

ଭୁବନେଶ୍ୱର,୧୪।୯ (ସମିସ): ଓଡ଼ିଶାରେ ପ୍ରତି ୧୦୦ଟି ମୃତ୍ୟୁ ମଧ୍ୟରୁ ପ୍ରାୟ ୮୦ ଜଣଙ୍କ ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ । ରାଜ୍ୟରେ ପଞ୍ଜିକୃତ ହେଉଥିବା ମୃତ୍ୟୁ ମଧ୍ୟରୁ ମାତ୍ର ୨୦.୪ ପ୍ରତିଶତ କ୍ଷେତ୍ରରେ ଡାକ୍ତରୀ କାରଣ ସହ ମୃତ୍ୟୁ ପ୍ରମାଣପତ୍ର ଜାରି ହେଉଛି। ପଞ୍ଜିକୃତ ମୃତ୍ୟୁ ସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ମୃତକଙ୍କ ମୃତ୍ୟୁର ଡାକ୍ତରୀ କାରଣ ସରକାରୀ ରେକର୍ଡରେ ରହୁନାହିଁ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନ ଜନଗଣନା କମିଶନରଙ୍କ କାର୍ଯ୍ୟାଳୟ (ଓଆର୍‌ଜିଆଇ) ପକ୍ଷରୁ ପ୍ରକାଶିତ "ମେଡିକାଲ୍ ସାର୍ଟିଫିକେସନ୍ ଅଫ୍ କଜ୍ ଅଫ୍ ଡେଥ୍' (ଏମ୍‌ସିସିଡି) ରିପୋର୍ଟରେ ଏଭଳି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ପଞ୍ଜିକୃତ ମୃତ୍ୟୁ ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ଏଥିରେ ଏହି ବର୍ଷକ ମଧ୍ୟରେ ରାଜ୍ୟରେ ୪.୧୫ ଲକ୍ଷ ମୃତକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ମାତ୍ର ୮୪,୫୬୨ ଜଣଙ୍କ ମୃତ୍ୟୁର କାରଣ ସହ ପ୍ରମାଣ ପତ୍ର ଜାରି କରାଯାଇଛି। ମୋଟ ପଞ୍ଜିକୃତ ମୃତ୍ୟୁ ତୁଳନାରେ ମେଡିକାଲ୍ ସାର୍ଟିଫିକେସନ୍ ହାର ୨୦.୪ ପ୍ରତିଶତ ହୋଇଥିବାବେଳେ ପ୍ରାୟ ୭୯.୬ ପ୍ରତିଶତ ମୃତ୍ୟୁ ଡାକ୍ତରୀ କାରଣ ବିନା ପଞ୍ଜିକୃତ ହୋଇଛି। ବଡ଼ କଥା ହେଉଛି ଯେ ଏହି କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଅବନତି ଦେଖାଇଛି। ୨୦୨୨ରେ ରାଜ୍ୟର "ମେଡିକାଲ୍ ସାର୍ଟିଫିକେସନ୍ ଅଫ୍ କଜ୍ ଅଫ୍ ଡେଥ୍' ହାର ୨୧.୯ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୨୩.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୪ରେ ଏହା ହ୍ରାସ ପାଇ ୨୦.୪ ପ୍ରତିଶତରେ ପହଞ୍ଚିଛି। ଫଳସ୍ୱରୂପ ଦେଶର ୨୧ଟି ପ୍ରମୁଖ ବଡ଼ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ୨୦୨୩ରେ ଷଷ୍ଠ ଥିବାବେଳେ ୨୦୨୪ରେ ଏହା ୧୧ତମ ସ୍ଥାନକୁ ଖସିଛି। ସେହିପରି ଦେଶର ମୋଟ୍ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ

- ୪.୧୫ ଲକ୍ଷ ମୃତ୍ୟୁରୁ ଡାକ୍ତରୀ ପ୍ରମାଣପତ୍ର ୨୦%
- ଷଷ୍ଠରୁ ୧୧ତମ ସ୍ଥାନକୁ ଖସିଲା ଓଡ଼ିଶା

ହୋଇଥିବା ତାଲିକାରେ ଓଡ଼ିଶାର ସ୍ଥାନ ୨୧ରେ ରହିଛି। ସବୁଠୁ ବଡ଼ କଥା ହେଉଛି, ଏହି କ୍ଷେତ୍ରରେ ଜାତୀୟ ହାର ୨୩.୧ ରହିଛି। ୨୦୨୩ରେ ଓଡ଼ିଶା ଜାତୀୟ ହାରଠାରୁ ଉପରେ ରହିଥିବା ବେଳେ ୨୦୨୪ରେ ଓଡ଼ିଶାର ହାର ଜାତୀୟ ହାରଠାରୁ ତଳକୁ ଖସିଛି।

ଜାରି ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଡାକ୍ତରୀ କାରଣ ପ୍ରମାଣିତ ହୋଇଥିବା ମୃତ୍ୟୁ କ୍ଷେତ୍ରରେ ହୃଦ୍‌ରୋଗ ଓ ରକ୍ତ ସଞ୍ଚାଳନ ପ୍ରଣାଳୀ ସମ୍ପର୍କିତ ସମସ୍ୟା ଯୋଗୁଁ ଅଧିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ହାର ୨୮.୨ ପ୍ରତିଶତ। ଏହାସହିତ ୧୭.୮ ପ୍ରତିଶତ ମୃତ୍ୟୁର କାରଣ ଅସ୍ପଷ୍ଟ ଲକ୍ଷଣ ବା ଅଜ୍ଞାତ ବୋଲି ରେକର୍ଡ କରାଯାଇଛି। ଏହି ମାମଲାରେ ଦେଶରେ ଓଡ଼ିଶାର ସ୍ଥାନ ୬ ନମ୍ବରରେ ରହିଛି। ଡାକ୍ତରୀ ଭାବେ ପ୍ରମାଣିତ ମୃତ୍ୟୁର ଅନ୍ୟାନ୍ୟ କାରଣ ମଧ୍ୟରେ ଶ୍ୱାସକ୍ରିୟାଜନିତ ରୋଗ ୮.୯ ପ୍ରତିଶତ, ସଂକ୍ରାମକ ରୋଗ ୮.୪ ପ୍ରତିଶତ, କର୍କଟ ୪.୯ ପ୍ରତିଶତ, ମୂତ୍ର ଓ ପ୍ରଜନନ ପ୍ରଣାଳୀ ସମ୍ପର୍କିତ ରୋଗ ୪.୭ ପ୍ରତିଶତ, ପାଚନତନ୍ତ୍ରଜନିତ ରୋଗ ୪.୧ ପ୍ରତିଶତ, ଦୁର୍ଘଟଣା ଓ ବିଷକ୍ରିୟା ଭଳି ବାହ୍ୟ କାରଣ ୩.୮ ପ୍ରତିଶତ ଏବଂ ମଧୁମେହ ୩ ପ୍ରତିଶତ ରହିଛି। ମୃତ୍ୟୁର ଡାକ୍ତରୀ କାରଣ ପ୍ରମାଣିତ କରିବାର ବ୍ୟବସ୍ଥା ମୁଖ୍ୟତଃ ସହରାଞ୍ଚଳ ଓ ବଡ଼ ଡାକ୍ତରଖାନାକୁ କେନ୍ଦ୍ର କରି ରହିଥିବା ରିପୋର୍ଟରୁ ସ୍ପଷ୍ଟ ହେଉଛି। ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ଆଇନ, ୨୦୨୩ ଅନୁସାରେ ସରକାରୀ ଓ ଘରୋଇ ଡାକ୍ତରଖାନା ସମେତ ଚିକିତ୍ସା କରୁଥିବା ଡାକ୍ତରଙ୍କ ଦ୍ୱାରା ମୃତ୍ୟୁର କାରଣ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ତେଣୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ମୃତ୍ୟୁର ଡାକ୍ତରୀ କାରଣ ପ୍ରମାଣିତ କରିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବେ ରାଜ୍ୟ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି।

## ସୁନ୍ଦରଗଡ଼ ପୁଲିସର ଚଢ଼ଉ

# ସାଇବର ଠକେଇ ମାମଲାରେ ବାରିପଦାରୁ ଦମ୍ପତି ଗିରଫ

ବାରିପଦା, ୧୪।୯ (ସମିସ): ସାଇବର ଠକେଇ ମାମଲାରେ ସୁନ୍ଦରଗଡ଼ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ମାମଲାରେ ଅଭିନାଶ ଗ୍ରହାଚାର୍ଯ୍ୟ ଓ ତାଙ୍କ ସ୍ତ୍ରୀ ଇନ୍ଦୁ ଲେଖା ଓଝାଙ୍କୁ ପୁଲିସ ବାରିପଦା ଟାଉନଥାନା ଅଧୀନ ପ୍ରଫୁଲ୍ଲ ନଗର ଅଞ୍ଚଳରୁ ଗିରଫ କରି ସୁନ୍ଦରଗଡ଼ ନେଇଯାଇଥିବା ଜଣାପଡ଼ିଛି। ବାରିପଦା ଟାଉନ ପୁଲିସ ସୂଚନା ମୁତାବକ, ଏହି ଘଟଣା ସମ୍ପର୍କରେ ସୁନ୍ଦରଗଡ଼ ସାଇବର ଥାନାରେ କେସ୍ ନମ୍ବର ୫,୧୭।୪।୨୦୨୪ରେ ମାମଲା ରୁଜୁ ହୋଇଥିଲା। ଏହାପରେ ଘଟଣାର ତଦନ୍ତ ଜାରି ରହିଥିଲା। ଗିରଫ ଦମ୍ପତିଙ୍କ ପ୍ରକୃତ ଘର ବାଲେଶ୍ୱର ଜିଲ୍ଲାର ବରହମପୁର ଅଞ୍ଚଳରେ ବୋଲି ପୁଲିସ ଜାଣିବାକୁ ପାଇଛି।

**କୋଲକାତାରେ ରହି ଚଳାଉଥିଲେ ଠକେଇ କାରବାର**

ସେମାନେ କୋଲକାତାରେ ରହି ସାଇବର ଠକେଇ କାରବାର ଚଳାଇଥିବା ଅଭିଯୋଗ ରହିଛି। ପୁଲିସ ସେମାନଙ୍କୁ ଖୋଜୁଥିବା ଜାଣିବା ପରେ ସେମାନେ ସୁନ୍ଦରଗଡ଼ରୁ ଆସି ବାରିପଦା ପ୍ରଫୁଲ୍ଲ ନଗର ଅଞ୍ଚଳରେ ରହୁଥିଲେ। ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏହି ନେଟୱର୍କରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୁଲିସ ଖୋଳତାଡ଼ କରୁଛି।

# ୧୯ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର,୧୪।୯ (ସମିସ): ଦେଶରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହୋଇଛି। ଆସନ୍ତା ୧୯ରୁ ମୌସୁମୀ ପଶ୍ଚିମ ରାଜସ୍ଥାନ ପଟୁ ଅପସାରଣ ଆରମ୍ଭ ହେବ। ଏନେଇ ଆଜି ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଦେଶର ବିଭିନ୍ନ ସ୍ଥାନରେ ମୌସୁମୀ ବାୟୁ ପ୍ରବାହ ଦୁର୍ବଳ ରହିଛି। ତେଣୁ ଗତ ୧୫ଦିନ ଧରି ପଶ୍ଚିମ ରାଜସ୍ଥାନ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଆଦୌ ବର୍ଷା ଅନୁଭୂତ ହୋଇନାହିଁ। ଏଥିପାଇଁ ଉତ୍ତରପଶ୍ଚିମ ଭାରତରୁ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି ବୋଲି ଆଇଏମ୍‌ଡି କହିଛି। ସାଧାରଣତଃ ଦେଶରେ ରାଜସ୍ଥାନ ଓ ପଞ୍ଜାବ ପଟୁ ପ୍ରଥମେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସାରଣ ଆରମ୍ଭ ହୋଇଥାଏ। ମୌସୁମୀ ଓଡ଼ିଶା ଛାଡ଼ିବା ବେଳକୁ ପ୍ରାୟ ଅକ୍ଟୋବର ଦ୍ୱିତୀୟ ସପ୍ତାହ ହୋଇଥାଏ।



ରାଜ୍ୟରେ ମଧ ଧୀରେ ଧୀରେ ବର୍ଷାର ପ୍ରଭାବ କମୁଛି। ମାତ୍ର ମୌସୁମୀ ଟ୍ରଫ୍‌ର ପ୍ରଭାବ ହେତୁ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଅନୁଭୂତ ହେଉଛି। ସୋମବାର ଗଣେଶ ପୂଜା ଅବସରରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ସକାଳୁ ସକାଳୁ କୋହଲା ପାଗ ସାଙ୍ଗକୁ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଛି। ଉତ୍ତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପଟି ବର୍ତ୍ତମାନ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ରାଜସ୍ଥାନ ନିକଟରେ ପହଞ୍ଚିଛି। ହେଲେ ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଯୋଗୁଁ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ କାଁ ଭାଁ ବର୍ଷା ଆଶଙ୍କା ରହୁଛି। ତେବେ ୨୦ ତାରିଖ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଥିବାରୁ ରାଜ୍ୟରେ ୧୮-୧୯ ତାରିଖରୁ ପୁଣି ପାଗରେ ପରିବର୍ତ୍ତନ ଆସିବ ବୋଲି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି।


# ମୋଦୀଙ୍କ ପାଇଁ ଆଶୀର୍ବାଦର ଦୀପ ଜାଳିବାକୁ ମୋହନଙ୍କ ଆହ୍ୱାନ


ଭୁବନେଶ୍ୱର,୧୪।୯ (ସମିସ): ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳନ ହେବ। ଏହି ଜନ୍ମଦିନକୁ ରାଜ୍ୟରେ ପାଳନ କରିବାକୁ ଉଭୟ ବିଜେପି ଓ ରାଜ୍ୟ ସରକାର ଜୋରଦାର ଉଦ୍ୟମ କରୁଛନ୍ତି। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଆଶୀର୍ବାଦର ଦୀପ ଜାଳିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୫୦ ବର୍ଷର ନିରବଚ୍ଛିନ୍ନ ସେବା-ତପସ୍ୟା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷର ଅଦମ୍ୟ ନେତୃତ୍ୱ ଆଜି ସମଗ୍ର ଭାରତବର୍ଷକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ର ଭାବେ ଗଢ଼ିତୋଳିଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ତାଙ୍କର ୭୬ତମ ଜନ୍ମଦିନ ଅବସରରେ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେଉଛି, ଯେଉଁଥିରେ 'ସେବା ଜ୍ୟୋତି ଯାତ୍ରା', 'ନମୋ ସେବା ଗାଥା', 'ସ୍ୱପ୍ନର ଭାରତ', 'ପରିବର୍ତ୍ତନର କାହାଣୀ', 'ବିକଶିତ ଭାରତ ସଂକଳ୍ପ ଯାତ୍ରା', ବୃକ୍ଷରୋପଣ ଓ ରକ୍ତଦାନ ଶିବିର ପରି ଅନେକ ମହତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସେବା ସଂକଳ୍ପ ଅଭିଯାନ ଅବସରରେ ୧୭ ତାରିଖ ଦିନ ସାରା ଓଡ଼ିଶାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ତେଣୁ ରାଜ୍ୟବାସୀ ସେଦିନ ସକାଳେ କିମ୍ବା ସନ୍ଧ୍ୟାରେ ନିଜ ଘର, ମନ୍ଦିର କିମ୍ବା କୌଣସି ପ୍ରମୁଖ ସ୍ଥାନରେ ଗୋଟିଏ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରିବା ସହ ନିଜର ଶୁଭେଚ୍ଛା ବାର୍ତ୍ତା ସହ ମୋଦୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିବା ସହ ସେହି ମୁହୂର୍ତ୍ତର ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ରାସ୍ତା ଡିଭାଇଡର୍‌ରେ ପିଟିହୋଇ ଦୁଇ ମୃତ

ଜଟଣୀ, ୧୪।୯ (ସମିସ): ଜଟଣୀ ହରିଭାଇନା ଛକ ନିକଟରେ ରାସ୍ତା ଡିଭାଇଡରରେ ଲାଗିଥିବା ଲୁହା ବାଡ଼ରେ ଏକ ସ୍ପୋର୍ଟ୍ସ ବାଇକ ପିଟି ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଜଟଣୀ କୁଦିଆରୀ ଅଞ୍ଚଳର ଶକ୍ତିରଞ୍ଜନ ବେହେରା (୧୯) ଏବଂ ଓମପ୍ରକାଶ ସିଂ (୧୭) । ଗତକାଲି ବିଳମ୍ବିତ ରାତି ପ୍ରାୟ ୩ ଟାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ନିଜ ଗାଁରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗଣେଶ ପୂଜା ପ୍ରସ୍ତୁତି ସରିବା ପରେ ଉଭୟ ଏକ ସ୍ପୋର୍ଟ୍ସ ବାଇକରେ ଦ୍ରୁତ ଗତିରେ ଜଟଣୀ ପଟରୁ ଖୋର୍ଦ୍ଧା ପଟକୁ ଯିବା ବେଳେ ଏହି ଦୁର୍ଘଟଣା ଘଟିଥିବା ପୁଲିସ ସୂଚନା ଦେଇଛି । ଘଟଣା ସ୍ଥଳରେ ହିଁ ଉଭୟଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ଦୁର୍ଘଟଣା ପରେ ପିସିଆର ଭ୍ୟାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଛି।






ସକାଳ
THE SAKALA



# ସହରର ବିଭିନ୍ନ ସ୍ଥାନରେ ବିରାଜିଲେ ବିଘ୍ନବିନାଶକ


ହାଇଭୋଲ୍‌ଟେଜ୍ କ୍ଲବ୍



ଲୋରି କ୍ଲବ୍ ତୋରଣ


ମରାଠା ବଏଜ୍


ଓମ୍‌କାର୍ କ୍ଲବ୍


କ୍ଲବ୍ ଅଟ୍ରାକ୍ସନ୍




କ୍ଲବ୍ ସାଇନିଂ ଷ୍ଟାର୍


ମାଣିଖମ୍ବ ବିକାଶ


କ୍ଲବ୍ ଲୋରିଏଲ୍


ବାଲେଶ୍ୱର ବିଘ୍ନରାଜ



ବିଘ୍ନହର୍ତ୍ତା କ୍ଲବ୍


ବିନ୍‌ଦାସ ବଏଜ୍ କ୍ଲବ୍


ଭାଉବ୍ରେସନ୍ କ୍ଲବ୍


ଡିଭାଇନ୍ ବଏଜ୍


ଶିବନନ୍ଦନ କ୍ଲବ୍



ମୋରିଆ ବଏଜ୍


ରାମଦୂତ ବଏଜ୍


ସରକାର ବଏଜ୍



ରାଇରଙ୍ଗପୁର


ଫକୀରମୋହନ ବିଶ୍ୱବିଦ୍ୟାଳୟ



ବଡ଼ଖ୍ୟା ଲଭର୍ ଗ୍ରୁପ୍


ସକାଳ ଓ ନନ୍ଦିଘୋଷ କାର୍ଯ୍ୟାଳୟ






# କଳିଙ୍ଗ ୟୁନିଅନ ଅଫ ୱାର୍କିଂ ଜର୍ଣ୍ଣାଲିଷ୍ଟ ମୟୂରଭଞ୍ଜ ଶାଖା ବୈଠକ

## 'ପ୍ରତିଶ୍ରୁତି ଓ ପ୍ରତାରଣାର ବଳୟରେ ଓଡ଼ିଶା ସାମ୍ବାଦିକ' ଶୀର୍ଷକ ଆଲୋଚନାଚକ୍ର

ରାଇରଙ୍ଗପୁର,୧୪।୯(ସମିସ): ରାଇରଙ୍ଗପୁର ମହତାବ ଭବନରେ କଳିଙ୍ଗ ୟୁନିଅନ ଅଫ ୱାର୍କିଂ ଜର୍ଣ୍ଣାଲିଷ୍ଟ ରାଜ୍ୟ ସଂଘର ମୟୂରଭଞ୍ଜ ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ, ଅଧିବେଶନ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘ ସଭାପତି ଅରୁଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢ଼େଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ପୁଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରେଶ ପାତ୍ର, କଳିଙ୍ଗ ୟୁନିଅନ ଅଫ ୱାର୍କିଂ ଜର୍ଣ୍ଣାଲିଷ୍ଟର ରାଜ୍ୟ ସଭାପତି ମନୋଜ ଦାସ, ସମ୍ପାଦକ ରାଜକିଶୋର ସ୍ୱାଇଁ, ସମ୍ପାଦକ ସଞ୍ଜୟ ଅଗ୍ରୱାଲ, ସମାଜସେବୀ ଇଂ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ଚାରି ଉପଖଣ୍ଡରୁ ବିଭିନ୍ନ ସମ୍ବାଦପତ୍ର ଓ ବୈଦ୍ୟୁତିକ




ଗଣମାଧ୍ୟମରେ କାର୍ଯ୍ୟରତ ଦେଢ଼ଶହରୁ ଅଧିକ ସାମ୍ବାଦିକ ଯୋଗ ଦେଇଥିଲେ। ପ୍ରତିଶ୍ରୁତି ଓ ପ୍ରତାରଣାର ବଳୟରେ ଓଡ଼ିଶା ସାମ୍ବାଦିକ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ସାମ୍ବାଦିକଙ୍କ ପେନସନ, କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଭଳି ବିଭିନ୍ନ ସମସ୍ୟା ସମ୍ବଳିତ ଏକ ୮ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଂସଦ ତଥା ଉପସ୍ଥିତ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରକୁ ଅତିଥିମାନେ ନିଜ ବକ୍ତବ୍ୟ ମାଧ୍ୟମରେ ସମର୍ଥନ ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ସହ ସାମ୍ବାଦିକଙ୍କ ଏ ମୌଳିକ ତଥା ନ୍ୟାର୍ଯ୍ୟ ଦାବି ବାବଦରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଯଥାସମ୍ଭବ କାର୍ଯ୍ୟକାରୀ କରିବାକୁ ଅନୁରୋଧ ରଖିବେ ବୋଲି ସଭାରେ ଘୋଷଣା କରିଥିଲେ। ସାମ୍ବାଦିକଙ୍କ ଏହି ଦାବି ଯୁକ୍ତିଯୁକ୍ତ ଓ ଏହାର ଆବଶ୍ୟକତା ରହିଛି। ସରକାର ସାମ୍ବାଦିକଙ୍କ ଏହି ଦାବି ପ୍ରତି ଧ୍ୟାନ ଦେବାର ଯଥାର୍ଥତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ରାଇରଙ୍ଗପୁର ପୁଲିସ ଜିଲ୍ଲା ଏସପି ସୁରେଶ ପାତ୍ର ଜିଲ୍ଲାରେ କର୍ତ୍ତବ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାରର ସୁରକ୍ଷାରେ ସହାୟତା କରିବେ ବୋଲି ବକ୍ତବ୍ୟ ରଖିଥିଲେ। ଏ ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ଅନଶନ ମହାନ୍ତ, ଲଲାଟେନ୍ଦୁ ପାତ୍ର, ଅଜିତ କୁମାର ସେନାପତି, ଅଭିଜିତ ବିଶ୍ୱାଳ ଓ ପ୍ରଭାତ କୁମାର ହୋତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିବା ସାମ୍ବାଦିକଙ୍କୁ ଉତ୍ତରୀୟ ଓ ପ୍ରୀତି ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରଞ୍ଜନ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

କୁଆମରା,୧୪।୯(ସମିସ): ଗୋପବନ୍ଧୁନଗର ବ୍ଲକ ପଶୁଦା କ୍ଲଷ୍ଟରର ଚିତଉଦା ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ଭାନୁମତୀ କଟୁଆଳ (୪୮)ଙ୍କ ରବିବାର ପରଲୋକ ଘଟିଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ପରଲୋକରେ ଶିକ୍ଷକ ମହଲରେ ଶୋକ ପ୍ରକାଶ ପାଇଛି। ଉକ୍ତ ବିଦ୍ୟାଳୟର କିଛିଦିନ ତଳେ ପ୍ରଧାନଶିକ୍ଷକ ଅବସର ନେବା ପରେ ଉକ୍ତ ଶିକ୍ଷୟିତ୍ରୀ ଜଣକ ପାଠ ପଢାଇବା ସହ ଅଫିସ କାର୍ଯ୍ୟ ତୁଲାଇଥିଲେ। ମାତ୍ର ଶାରିରୀକ ଅସୁସ୍ଥତା ଯୋଗୁଁ ଶିକ୍ଷା ବିଭାଗ ପକ୍ଷରୁ ଏଠାରେ ଜଣକୁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବାବେଳେ ଜଣେ ସ୍ଥାୟୀ ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି। ତାଙ୍କ ମରଶରୀରଙ୍କୁ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।














ସକାଳ
THE SAKALA

# ଡଲାର-ଲକ୍ଷ୍ମଣରେଖା

ଭାରତ ଭୂମିରେ ସଦ୍ୟସମାପ୍ତ ବ୍ରିକ୍ସ ଶିଖର ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ଅନେକ ଆଶା ସଞ୍ଚାର ହୋଇଥିଲା। ମୁଖ୍ୟତଃ ବିଶ୍ୱ ବାଣିଜ୍ୟରେ ଆଧିପତ୍ୟ ବିସ୍ତାର କରିଥିବା ଆମେରିକୀୟ ମୁଦ୍ରା ଡଲାରର ସମାନ୍ତରାଳ ଭାବେ ବ୍ରିକ୍ସ ମୁଦ୍ରା ପ୍ରଚଳନ ଘୋଷଣାକୁ ନେଇ ବିଶ୍ୱସ୍ତରୀୟ ଦୃଷ୍ଟି ଭାରତ ଉପରେ ନିବଦ୍ଧ ଥିଲା। କିନ୍ତୁ ସେପରି କିଛି ହୋଇନାହିଁ। ଅଧିକନ୍ତୁ ଆତଙ୍କବାଦ ବିରୋଧରେ ମିଳିତ ସଂଗ୍ରାମ ଓ ସହଯୋଗ, ଆନ୍ତଃବାଣିଜ୍ୟରେ ପାଶ୍ଚାତ୍ୟ ପ୍ରଭାବକୁ ଯଥାସମ୍ଭବ ହ୍ରାସ ଭଳି କେତେକ ଔପଚାରିକ ଓ ଅବାସ୍ତବ ଘୋଷଣାରେ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ରୁଷ୍-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ଚୀନ୍ ଓ ଭାରତ ମଧ୍ୟସ୍ଥତା କରିବେ ବୋଲି ପ୍ରସ୍ତାବ ପାରିତ ହୋଇଛି, ଯେଉଁଥିରେ ବାସ୍ତବତା ଆଦୌ ଦେଖାଯାଉନାହିଁ। ଏହାପଛର କାରଣ ତାଲିକା ବହୁଦୀର୍ଘ। ଅପରପକ୍ଷରେ ଇରାନ୍, ସାଉଦି ଆରବ, ୟୁଏଇ ଆଦି ରାଷ୍ଟ୍ରର ରାଷ୍ଟ୍ର ଓ ଶାସନ ମୁଖ୍ୟମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ ମଧ୍ୟ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କଥା ଆଦୌ ଉଠିନାହିଁ। ଏଥିପାଇଁ ଏକ ଭଲ ସୁଯୋଗ ଥିଲା। ତେଣୁ ବ୍ରିକ୍ସ ସମ୍ମିଳନୀକୁ ବହ୍ୱାଡ଼ମ୍ବରରେ ଲଘୁକ୍ରିୟା ଭାବରେ ବର୍ଣ୍ଣନା କଲେ ଭୁଲ୍ ହେବ ନାହିଁ। ସର୍ବୋପରି ଏଥିରୁ ଭାରତୀୟ ଜନସାଧାରଣ କିମ୍ବା ବ୍ରିକ୍ସ ନିବାସୀ କିଛି ଲାଭ ପାଇବା ପରି ଲାଗୁନାହିଁ।

ଏସବୁର ଊର୍ଦ୍ଧ୍ୱରେ ବ୍ରିକ୍ସର ମୁଖ୍ୟ ଆକର୍ଷଣ ବ୍ରିକ୍ସ ମୁଦ୍ରା କଥା ଆଲୋଚନା କରାଯାଉ। ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ରୁଷ୍ ଓ ଚୀନ୍ ଡଲାର ବିହୀନ ବାଣିଜ୍ୟ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ବ୍ରାଜିଲ୍ ଏ ସମ୍ପର୍କରେ ନିର୍ଭୟରେ ଘୋଷଣା ମଧ୍ୟ କରିସାରିଛି। କିନ୍ତୁ ଭାରତ ଏ ସମ୍ପର୍କରେ ସ୍ୱଷ୍ଟ ମତ ରଖୁନାହିଁ କି ଡଲାରମୁକ୍ତ ବାଣିଜ୍ୟ ସପକ୍ଷରେ ମତ ଦେଇନାହିଁ। ଏହାପଛରେ ଟ୍ରମ୍ପଙ୍କ ଭୟ ନା ଅନ୍ୟକିଛି ବାଧ୍ୟବାଧକତା ରହିଛି ତାହା ଆଲୋଚନାସାପେକ୍ଷ। ଏହି ସଂଗଠନରେ ଭାରତ ଦ୍ୱିତୀୟ ବୃହତ୍ ଅର୍ଥନୀତି। ତେଣୁ ଭାରତର ମତ ଓ ନୀତିଗତ ନିଷ୍ପତ୍ତି ଅନେକ ପ୍ରାସଙ୍ଗିକତା ବହନ କରୁଛି।

ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତ ଆଗରେ ଡଲାର ଆକାରରେ ଭୂରାଜନୀତି ଓ କୂଟନୀତିର ଯେଉଁ ଲକ୍ଷ୍ମଣରେଖାଟି ଆମେରିକା ଟାଣି ଦେଇଛି ତାହାକୁ ଅତିକ୍ରମ କରିବା ଭାରତ ପାଇଁ ଏତେ ସହଜ ନୁହେଁ। କିଛିଦିନ ତଳେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ଲକ୍ଷ୍ମଣରେଖାକୁ ଆହୁରି ଗାଢ଼ କରିଦେଇଛନ୍ତି। ୱାଶିଂଟନ୍‌ଠାରେ ଏକ ବୈଠକରେ ସେ ସ୍ୱଷ୍ଟ କରିଛନ୍ତି ଯେ ଡଲାର ଉପରେ ନିର୍ଭରଶୀଳତା ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥାଇପାରେ; କିନ୍ତୁ ଏହାର ଅର୍ଥ ନୁହେଁ ଯେ ଭାରତ ଡଲାର ବିକଳ୍ପ ଚିନ୍ତା କରିବ। ଅଧିକନ୍ତୁ ଭାରତୀୟ ଅର୍ଥନୀତି, ରାଜନୀତି ଓ ରଣନୀତି ପାଇଁ ଡଲାର ଏକ ଆହ୍ୱାନ ନୁହେଁ ବୋଲି ଜୟଶଙ୍କର ସ୍ୱଷ୍ଟ କଲା ପରେ ବ୍ରିକ୍ସ ସମ୍ମିଳନୀରୁ ଡଲାର ବିହୀନ ବାଣିଜ୍ୟ ଘୋଷଣାର ଆଉ ଅବକାଶ ହିଁ ପ୍ରାୟ ନଥିଲା କହିଲେ ଚଳେ। ଏହାଛଡ଼ା ବ୍ରିକ୍ସରେ ଏବେ ଇଜିପ୍ଟ, ଇଥିଓପିଆ, ଇରାନ୍, ସାଉଦି ଆରବ, ୟୁଏଇ ଆଦି ଦେଶ ସଦସ୍ୟ ହୋଇସାରିଛନ୍ତି। ତେଣୁ ସେମାନେ ଆଦୌ ଡଲାର ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମ୍ଭାବନା ହିଁ ନାହିଁ। ଏହି ଦୃଷ୍ଟିରୁ ବ୍ରିକ୍ସ ସମ୍ମିଳନୀ କେବଳ ଏକ ଔପଚାରିକତାରେ ସୀମିତ ହେବା ସ୍ୱାଭାବିକ।

ଏହାଛଡ଼ା ଏକ ଆଞ୍ଚଳିକ ମୁଦ୍ରା ପ୍ରଚଳନ ପାଇଁ ଯେଉଁ ଗୋଷ୍ଠୀଗତ ଓ ରାଜନୈତିକ ଏକତା ଆବଶ୍ୟକ ତାହାର ପ୍ରସ୍ତୁତି ମଧ୍ୟ ବ୍ରିକ୍ସରେ ଆରମ୍ଭ ହୋଇନାହିଁ। ବ୍ରିକ୍ସ ବ୍ୟାଙ୍କର କାର୍ଯ୍ୟକଳାପ କେବଳ କାଗଜକଲମରେ ଅଟକି ରହିଯାଇଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱ ବାଣିଜ୍ୟରେ ଡଲାର ବିକଳ୍ପ ହିଁ ନାହିଁ କହିଲେ ଚଳେ। ଡଲାର ବିକଳ୍ପ ମଧ୍ୟ ଏତେ ସହଜ ନୁହେଁ। ଅନେକ କସରତ ଓ ବର୍ଷବର୍ଷର ବିଚାରବିମର୍ଶ ପରେ ୟୁରୋପୀୟ ସଂଘ ଦେଶ ମଧ୍ୟରେ ଏକକ ମୁଦ୍ରା ୟୁରୋ ପ୍ରଚଳନ ହେବା ପରେ ଯେଉଁ ଆର୍ଥିକ ସମସ୍ୟା ସୃଷ୍ଟି ହେଲା ଏବଂ ଗ୍ରୀସ୍ ପ୍ରାୟତଃ ଦେବାଳିଆ ହୋଇଗଲା ସେ ପରିସ୍ଥିତି ବ୍ରିକ୍ସରେ ସୃଷ୍ଟି ହେବା ପାଇଁ ବିଶେଷ ବିଳମ୍ବ ହେବ ନାହିଁ। କେବଳ ଭାରତର ବାଧ୍ୟବାଧକତାକୁ ଦେଖାଯାଉ। ଭାରତ-ରୁଷ୍ ମଧ୍ୟରେ ଡଲାରକୁ ବାଦ୍ ଦେଇ ଉଭୟ ଦେଶର ମୁଦ୍ରାରେ ବାଣିଜ୍ୟ ପାଇଁ ଚୁକ୍ତି ହେବା ପରେ ଏବେ ରୁଷ୍ ପାଖରେ ଯେତିକି ଭାରତୀୟ ଟଙ୍କା ଗଚ୍ଛିତ ହେଲାଣି ତାହାକୁ ନେଇ ସେ ଦେଶ ଚିନ୍ତାରେ ପଡ଼ିଯାଇଛି। ତେଣୁ ଏବେ ପୁଣି ଥରେ ଡଲାର ହିଁ ବିନିମୟର ମାଧ୍ୟମ କରିବାକୁ ଦୁଇ ଦେଶ ବାଧ୍ୟ ହୋଇଛନ୍ତି। ଆହୁରି ମଧ୍ୟ ବ୍ରିକ୍ସ ସଦସ୍ୟ ଦେଶଙ୍କ ସହିତ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ପ୍ରାୟ ୨୨୬ ବିଲିୟନ ଡଲାର। ଭାରତ ଯଦି ଡଲାରମୁକ୍ତ ବାଣିଜ୍ୟକୁ ସ୍ୱୀକୃତି ଦେବ ତେବେ ଏହି ପରିମାଣର ଡଲାର ବିନିମୟ ବନ୍ଦୋବସ୍ତ ହେବା ଦୁରୂହ ବ୍ୟାପାର।

ଭାରତର ଆଉ ଏକ ବିବଶତା ହେଲା ସେ ବ୍ରିକ୍ସ ସମେତ ଆମେରିକା ସହିତ କ୍ୱାଡ୍ ଏବଂ ଜି-୭ର ସଦସ୍ୟ ରହିଛି। ତେଣୁ ଡଲାରକୁ ଏତେଶୀଘ୍ର ବିଦାୟ ଦେବାର ସମ୍ଭାବନା କ୍ଷୀଣ। ସର୍ବୋପରି ବ୍ରିକ୍ସକୁ ଅଣଆମେରିକୀୟ ଭାବେ ଟ୍ରମ୍ପ ଅଭିହିତ କରୁଥିବାରୁ ଡଲାର ବିକଳ୍ପ ଘୋଷଣା ସ୍ଥଗିତ ପଛରେ ଟ୍ରମ୍ପଙ୍କ ଭୟ ଯେତିକି ରହିଛି, ବ୍ରିକ୍ସର ସଦସ୍ୟ ସମାପ୍ତ ସମ୍ମିଳନୀରୁ ଟ୍ରମ୍ପଙ୍କ ଆଶ୍ୱସ୍ତି ତା'ଠାରୁ ଅଧିକ ହୋଇଛି। ●



## ସମ୍ପାଦକୀୟ



ଧର୍ମଧାରଣା ବିଶ୍ୱାସରୁ ଜନ୍ମନିଏ ଏବଂ ବିଶ୍ୱାସ ଜନ୍ମନିଏ ସୀମାବଦ୍ଧ ଚିନ୍ତାଧାରାରୁ।
-ଜିଡୁ କ୍ରିଷ୍ଣମୂର୍ତ୍ତି

# ବିଦ୍ୟାଳୟରେ ଭୂତଭୟ!

**ଅବଶ ପରିଡ଼ା**

ଭୂତ ଅଦୃଶ୍ୟ, କିନ୍ତୁ ଭୂତର ଭୟ ସାମାଜିକ ଭାବେ ସ୍ୱଷ୍ଟ ଓ ଦୃଶ୍ୟମାନ। କିଛି ଦିନ ତଳର ଘଟଣା। ନବମ ଓ ଦଶମ ଶ୍ରେଣୀର ସାତଜଣ ଝିଅ ସ୍କୁଲ ଯିବା ବାଟରେ ଅଚେତ ହୋଇଗଲେ ଏବଂ ଅସାମାନ୍ୟ ଆଚରଣ ପ୍ରଦର୍ଶନ କଲେ। ଛାତ୍ରୀଙ୍କ ଏହି ଅସ୍ୱାଭାବିକ ବ୍ୟବହାରକୁ ଭୂତର ପ୍ରକୋପ ଭାବେ ସାଧାରଣରେ ଆଲୋଚନା ଆରମ୍ଭ ହୋଇଗଲା। ବିଦ୍ୟାଳୟରେ ଭୂତ ଅଛି - ଏହି ଧାରଣା ହୋଇଗଲା ବ୍ୟାପକ। ଫଳସ୍ୱରୂପ ଅନ୍ୟ ବିଦ୍ୟାର୍ଥୀମାନେ ବିଦ୍ୟାଳୟ ଯିବା ବନ୍ଦ କରିଦେଲେ। ପରିସ୍ଥିତି ଏପରି ହେଲା ଯେ ଡାକ୍ତର ଓ ପ୍ରଶାସକଙ୍କ ହସ୍ତକ୍ଷେପ ଲୋଡ଼ାଗଲା। ଡାକ୍ତରୀଦଳ ଛାତ୍ରୀମାନଙ୍କୁ ପରୀକ୍ଷା କରି ଜଣାଇଲେ ଯେ ଏହି ଘଟଣାଗୁଡ଼ିକ କୌଣସି ଅପ୍ରାକୃତିକ କାରଣ ଦ୍ୱାରା ନୁହେଁ ବରଂ ମାନସିକ ଚାପ ଯୋଗୁଁ ହୋଇଛି। ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଭୂତ ଗୁଜବ ଏଡ଼ାଇବାକୁ ପ୍ରଶାସନ ପରାମର୍ଶ ଦେଇଥିଲେ।

ଘଟଣାଟି କେବଳ ଓଡ଼ିଶାର ଗୋଟିଏ ସ୍କୁଲ କିମ୍ବା ଅଞ୍ଚଳର ନୁହେଁ। ଭାରତରେ ଅନେକ ସ୍କୁଲ, ହଷ୍ଟେଲ ଓ ପରିବାରରେ ଏହିପରି ଘଟଣା ରିପୋର୍ଟ କରାଯାଇଛି। ଯେଉଁଠାରେ ମୂର୍ଚ୍ଛା ହେବା, ଥରିବା, କାନ୍ଦିବା କିମ୍ବା ଅସ୍ୱାଭାବିକ ଆଚରଣ ଓ ଲକ୍ଷଣଗୁଡ଼ିକୁ ଭୂତର ନିୟନ୍ତ୍ରଣ, ପ୍ରେତାତ୍ମାର ଆକ୍ରମଣ କିମ୍ବା ଅଲୌକିକ ପ୍ରଭାବ ଭାବରେ ବ୍ୟାଖ୍ୟା କରାଯାଇଛି। ଅନେକ କ୍ଷେତ୍ରରେ, ଡାକ୍ତରୀ ତଦନ୍ତ ପରେ ଏସବୁ ମାନସିକ ଚାପ, ସାମୂହିକ ମାନସିକ ରୋଗ କିମ୍ବା ମାନସିକ ଆଘାତଜନିତ ସମସ୍ୟାର ଲକ୍ଷଣ ବୋଲି ଜଣାପଡ଼ିଛି। ତେଣୁ ଚିକିତ୍ସାଗତ କାରଣ ଚିହ୍ନଟ ସହିତ ଆମକୁ ଜାଣିବାକୁ ହେବ ଯେ ଭୂତ ଭୟ ପରି ଏକ ଅସ୍ୱଷ୍ଟ ଘଟଣାକୁ ସାମୂହିକ ଭାବେ ଏକ ନିର୍ଦ୍ଦିଷ୍ଟ ଉପାୟରେ କିପରି ଓ କାହିଁକି ବ୍ୟାଖ୍ୟା କରାଯାଏ।

ଯଦିଓ ଏହା ଶାରୀରିକ ଭାବରେ ସତ୍ୟ ନୁହେଁ, କିନ୍ତୁ ଭୂତ ହେଉଛି ଏକପ୍ରକାର ସାମାଜିକ ବାସ୍ତବତା ବୋଲି ଅନେକ ସାମାଜିକ ବିଶାରଦ ବିଶ୍ୱାସ କରନ୍ତି। ସରଳରେ ଏହାର ଅର୍ଥ ହେଉଛି ଯେ ସମ୍ପୂର୍ଣ୍ଣ ଗୋଷ୍ଠୀ ବା ଅଞ୍ଚଳର ଆଚରଣକୁ ପ୍ରଭାବିତ କରିବା ପାଇଁ ଭୂତର ବିଶ୍ୱାସ ଓ ଭୟ ଏକ ଯଥେଷ୍ଟ ଶକ୍ତିଶାଳୀ ଉପାଦାନ ହୋଇପାରେ। ଯଦି କେହି ବିଶ୍ୱାସ କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଭୂତପ୍ରବଣ, ତେବେ ଭୟ, ଶାରୀରିକ ଲକ୍ଷଣ, ପରିହାର ଏବଂ ଏପରିକି ଅସ୍ୱସ୍ତିକର ଅନୁଭବ କରିବା ହେଉଛି ଏକ ସାଧାରଣ ମାନସିକ ଆଚରଣ। ତେଣୁ ଭୂତର ଅସ୍ତିତ୍ୱ ଓ ତଦ୍‌ଜନିତ ଅଲୌକିକ ଦାବିଟି ହୁଏତ ବିଜ୍ଞାନସମ୍ମତ ପ୍ରମାଣିତ ହୋଇ ନ ପାରେ, କିନ୍ତୁ ଏହାକୁ ବିଶ୍ୱାସ କରିବାର ସାମାଜିକ ପରିଣାମ କେବଳ ଦୃଶ୍ୟମାନ ନୁହେଁ ବରଂ ଲୋକପ୍ରିୟ।

ପୁଣି ଫେରିବା ସେହି ଭୂତ ଭୟରେ ବନ୍ଦ ହୋଇଥିବା ବିଦ୍ୟାଳୟକୁ। ରିପୋର୍ଟ ଅନୁଯାୟୀ ବିଦ୍ୟାର୍ଥୀମାନେ ଅଳ୍ପସମୟ ମଧ୍ୟରେ ସମାନ ଘଟଣା ଅନୁଭବ କରିଥିଲେ। ତା'ପରେ ଅନ୍ୟ ପିଲାମାନଙ୍କ ମଧ୍ୟରେ ଏହି ଭୟ ଦେଖାଦେଇଥିଲା। ସମାଜଶାସ୍ତ୍ରରେ ଏହି ଭୟର ସାମାଜିକ ସଂକ୍ରମଣ ଏବଂ ଏହା କେଉଁ ମାଧ୍ୟମରେ ଯାତ୍ରା କରେ ସେ ବିଷୟରେ ଉଲ୍ଲେଖ ଅଛି। ପ୍ରଥମ ହେଉଛି ବ୍ୟକ୍ତିର ଅନୁଭୂତି। ଏହାକୁ ସହପାଠୀ ବା ସହକର୍ମୀମାନେ ଲକ୍ଷ୍ୟ କରନ୍ତି। ପରବର୍ତ୍ତୀ ସମୟରେ ଏହା ଆଲୋଚନା ହୁଏ ଏବଂ ବ୍ୟାଖ୍ୟାରେ ପରିଣତ ହୁଏ। ବ୍ୟାଖ୍ୟାଟି ଗୁଜବରେ ଅତିଶୀଘ୍ର ପରିଣତ ହୁଏ ଏବଂ ସାମାଜିକ ସ୍ତରରେ ଗୁଜବଟି ପରବର୍ତ୍ତୀ ପର୍ଯ୍ୟାୟରେ ଏକ ସାମୂହିକ ଆପେକ୍ଷିକ ବ୍ୟବହାର ହୋଇଯାଏ। ଫଳସ୍ୱରୂପ ଅଧିକ ଭୟର ପରିବେଶ ସୃଷ୍ଟି ହୁଏ। ଏହା ନିଜ ପ୍ରଭାବରେ ନିଜେ ବୃଦ୍ଧି ପାଉଥିବା ଏକ ଘଟଣା ଓ ଆଲୋଚନା ହୋଇଯାଏ। ଅନେକ ଜାଗାରେ ଗୋଷ୍ଠୀଗତ ଭୂତଭୟକୁ 'ଡୋମିନୋ ଇଫେକ୍ଟ'ରେ ନାମିତ କରାଯାଏ।

ସମାଜବିଜ୍ଞାନୀ ଏମିଲ୍ ଡୁର୍କହାଇମ୍‌ଙ୍କ 'ସାମୂହିକ ପ୍ରତିନିଧିତ୍ୱ'ର ଧାରଣା ଏଠାରେ ବିଶେଷ ଉପଯୋଗୀ। ଏହାର ଅର୍ଥ - ସମାଜ ଏପରି କିଛି ସାଧାରଣ ଧାରଣା, ପ୍ରତୀକ ଓ ବିଶ୍ୱାସ ସୃଷ୍ଟି କରେ, ଯାହା ମାଧ୍ୟମରେ ଲୋକମାନେ ନିଜ ଦୁନିଆକୁ ବୁଝିଥା'ନ୍ତି ବା ଅର୍ଥ ପ୍ରଦାନ କରିଥା'ନ୍ତି। ବିଦ୍ୟାଳୟ କେବଳ ଏକ ଭୌତିକ କୋଠାଘର ନୁହେଁ। ଛାତ୍ରଛାତ୍ରୀଙ୍କ ପାଇଁ ଏହା ହେଉଛି ଏକ ପ୍ରତୀକାତ୍ମକ ସ୍ଥାନ, ଯେଉଁଥିରେ ପିଲାମାନେ କାହାଣୀ, ଗୁଜବ, ସ୍ମୃତି, ଭୟ, ଆଚାର-ଅନୁଷ୍ଠାନ, ସ୍ଥାନୀୟ ବିଶ୍ୱାସ ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଘଟଣାକୁ ନିଜ ଅନୁଭୂତିରେ ସାଉଁଟି ରଖନ୍ତି। ତେଣୁ ଯଦି କୌଣସି ନିର୍ଦ୍ଦିଷ୍ଟ କୋଠା, ଗଛ, ରାସ୍ତା କିମ୍ବା ସ୍ଥାନ ଭୂତ-ପ୍ରେତଙ୍କ ସହ ଜଡ଼ିତ ହୋଇଯାଏ, ସେହି ସମ୍ପର୍କ ଏକ ସାମୂହିକ ଅର୍ଥ ବହନ କରିପାରେ। ଯେତେବେଳେ ଆମେ କୌଣସି ଏକ ଦ୍ୱିଧାଜନକ ବା ଅସ୍ୱଷ୍ଟତାରେ ପୂର୍ଣ୍ଣ ଘଟଣାର ସମ୍ମୁଖୀନ ହେଉ, ସେତେବେଳେ ଆମେ ଏହାର ଏକ ବ୍ୟାଖ୍ୟା ଖୋଜୁ। ଯଦି ଏଥିରେ ବୈଜ୍ଞାନିକ ସୂଚନା ବା ଯୁକ୍ତିଯୁକ୍ତ କାରଣ ଅନୁପସ୍ଥିତ ଥାଏ, ତେବେ ଗୁଜବ ଏହି ବ୍ୟାଖ୍ୟାମୂଳକ ଶୂନ୍ୟସ୍ଥାନ ପୂରଣ କରିଦିଏ। ଉଦାହରଣ ସ୍ୱରୂପ, ଜଟିଳ ଅଲୌକିକ ବ୍ୟାଖ୍ୟାର ଗୁଜବ କ୍ଷେତ୍ରରେ 'ଭୂତ ଅଛି' ହେଉଛି ଏକ ସରଳ ଉତ୍ତର।

ଏଠାରେ ପ୍ରଶ୍ନ ଆସିପାରେ ଯେ କିଶୋରୀମାନେ କାହିଁକି ଅଧିକ ପ୍ରଭାବିତ ହୁଅନ୍ତି? ଯଥେଷ୍ଟ ବୈଜ୍ଞାନିକ ଓ ମନସ୍ତାତ୍ତ୍ୱିକ ପ୍ରମାଣରୁ ଜଣାପଡ଼େ ଯେ ପୁରୁଷଙ୍କ ତୁଳନାରେ ବାଳିକା ଓ ମହିଳାମାନେ ଅଧିକ ଭୟ ଅନୁଭବ କରନ୍ତି ଏବଂ ପ୍ରାୟ ଦ୍ୱିଗୁଣ ହାରରେ ଉଦ୍‌ବେଗଜନିତ ସମସ୍ୟା(ଏଙ୍ଗଜାଇଟି ଡିସଅର୍ଡର)ର ଶିକାର ହୁଅନ୍ତି। ଦ୍ୱିତୀୟ କଥାଟି ହେଉଛି ଭୟ ଓ ମାନସିକ ଅସ୍ଥିରତାର ପ୍ରକାଶଭଙ୍ଗୀକୁ ରୂପ ଦେବାରେ କିଶୋର ଅବସ୍ଥା, ଲିଙ୍ଗଗତ ସାମାଜିକୀକରଣ, ଅନୁଷ୍ଠାନିକ ଚାପ ଓ ସାଂସ୍କୃତିକ ବିଶ୍ୱାସ ପରସ୍ପର ସହ ଜଡ଼ିତ। ଏହାବ୍ୟତୀତ ଭୂତ ଭୟ, ଯାହାକୁ ବୈଜ୍ଞାନିକ ଭାବରେ 'ଫାସ୍ମୋଫୋବିଆ' କୁହାଯାଏ, ବ୍ୟାଖ୍ୟା କରେ ଯେ ଏହା ଏକ ଅତିପ୍ରାଚୀନ ଘଟଣା ନୁହେଁ, ବରଂ ଏକ ବିବର୍ତ୍ତନବାଦୀ, ମନସ୍ତାତ୍ତ୍ୱିକ ଓ ସ୍ନାୟୁଗତ କ୍ରିୟାପ୍ରଣାଳୀରୁ ଉତ୍ପନ୍ନ ହୋଇଥିବା ଭୟ। ଭୂତ-ପ୍ରେତ ଓ ଆତ୍ମା ଭଳି ଅଭୌତିକ ଘଟଣାବଳୀ ସମ୍ବନ୍ଧୀୟ ଭୟ ଓ ବିଶ୍ୱାସ କ୍ଷେତ୍ରରେ ମହିଳାମାନେ ଅଧିକ ପ୍ରଭାବିତ ହୁଅନ୍ତି।

ନାରୀବାଦୀ ତତ୍ତ୍ୱବାଦୀଙ୍କ ଅନୁସାରେ କୌଣସି ସାମାଜିକ ଚାପରେ ଭାଙ୍ଗି ପଡ଼ିବାର ଗୋଟିଏ ଝିଅକୁ ଦେଖି ଅନ୍ୟ ଝିଅମାନେ ନିଜକୁ ତାହା ସହ ତୁଳନା କରନ୍ତି। କାରଣ ସେମାନେ ମଧ୍ୟ ସମାନ ପ୍ରକାର ସାମାଜିକ ଆଶା ଓ ଚାପର ଶିକାର ହେଉଛନ୍ତି ବୋଲି ବିଶ୍ୱାସ କରନ୍ତି। ସେମାନଙ୍କର ଏହି ଚାପ ଗୋଷ୍ଠୀ ମାଧ୍ୟମରେ ବ୍ୟାପିପାରେ, ଯାହା ଏକ ବ୍ୟକ୍ତିଗତ ଅବସାଦକୁ ସାମୂହିକ ଅଭିବ୍ୟକ୍ତିରେ ପରିଣତ କରେ। ଯେତେବେଳେ ଏକ ସାମାଜିକ ବ୍ୟବସ୍ଥା ଯୁବତୀ, ମହିଳା ଓ କିଶୋରୀମାନଙ୍କୁ ସେମାନଙ୍କ ମାନସିକ ଚାପ ବିଷୟରେ ମୁକ୍ତ ଭାବେ ପ୍ରକାଶ କରିବାର ସୁଯୋଗ କିମ୍ବା ଅଧିକାର ଦିଏନାହିଁ, ସେତେବେଳେ ସେମାନଙ୍କ ମନ ଓ ଶରୀର ଏହାକୁ ବ୍ୟକ୍ତ କରିବା ପାଇଁ ଏକ ବିକଳ୍ପ ତଥା ଅନିୟନ୍ତ୍ରିତ ପନ୍ଥା ବାଛିନିଏ। ଏହାକୁ 'ସୋମାଟାଇଜେସନ୍' କୁହାଯାଏ। ଏହାର ଅର୍ଥ ହେଉଛି ଶାରୀରିକ ଲକ୍ଷଣ ମାଧ୍ୟମରେ ମାନସିକ ଓ ସାମାଜିକ ଦୁଶ୍ଚିନ୍ତା ବା କଷ୍ଟର ପ୍ରକାଶ କରିବା। ତେଣୁ ଯାହା ଅଯୌକ୍ତିକ ଆଚରଣ ପରି ମନେହୁଏ, ତାହା କେତେକ କ୍ଷେତ୍ରରେ ପ୍ରକୃତ ଯନ୍ତ୍ରଣାର ଏକ ସାମାଜିକ ଭାବେ ଗଠିତ ଅଭିବ୍ୟକ୍ତି ହୋଇପାରେ।

ସ୍କୁଲରେ ଭୂତଭୟକୁ କେବଳ ଅନ୍ଧବିଶ୍ୱାସ କହି ଖାରଜ କରିଦେଲେ କିମ୍ବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିକ୍ରିୟା ପାଇଁ ଦାୟୀ କରିଦେଲେ ହେବ ନାହିଁ। ଏଗୁଡ଼ିକ ହେଉଛି ସାମାଜିକ, ଭାବପ୍ରବଣ ଓ ସାଂଗଠନିକ ଚାପର ସଙ୍କେତ। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଭୟ ପରିଚାଳନା ସହ ସାମାଜିକ ନିବାରଣ ଆବଶ୍ୟକ। ବିଦ୍ୟାଳୟଟି ଏପରି ହେବା ଉଚିତ, ଯେଉଁଠାରେ ଛାତ୍ରଛାତ୍ରୀମାନେ ନିରାପଦରେ ନିଜ ଚିନ୍ତା, ଘର କଥା, ଶିକ୍ଷାଗତ ଚାପ ଏବଂ ବ୍ୟକ୍ତିଗତ ଅସୁବିଧାକୁ କୌଣସି ବିନାସଙ୍କୋଚରେ ପ୍ରକାଶ କରିପାରିବେ। ପରାମର୍ଶଦାତାମାନଙ୍କ ସହିତ, ଶିକ୍ଷକ ତାଲିମ, ଅଭିଯୋଗ ପ୍ରଣାଳୀ, ସହକର୍ମୀ-ସହାୟତା ଗୋଷ୍ଠୀ ଏବଂ ଗୋପନୀୟ ରିପୋର୍ଟିଂ ଭଳି ବ୍ୟବସ୍ଥାକୁ ମଜବୁତ କରିବା ଉଚିତ। ଆବାସିକ ଓ ଦୂରବର୍ତ୍ତୀ ସ୍କୁଲଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ, ଯେଉଁଠାରେ ପରିବାରଠାରୁ ବିଚ୍ଛିନ୍ନତା ଯୋଗୁଁ ପିଲାମାନଙ୍କ ମାନସିକ ଦୁର୍ବଳତା ବୃଦ୍ଧି ପାଉଛି। ପିତାମାତା ଓ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟ ଭୟର ଉତ୍ସ ନୁହେଁ, ବରଂ ସାମାଜିକ ନିବାରଣର ଅଂଶୀଦାର ହେବା ଉଚିତ। ଦାୟିତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣ ଏକ ଭୀତ ସମ୍ପ୍ରଦାୟକୁ ଶାନ୍ତ କରିପାରେ ଏବଂ ଚାଞ୍ଚଲ୍ୟକର ଖବର ସମ୍ପ୍ରଦାୟକୁ ଭୟଭୀତ କରିପାରେ। ତେଣୁ ଗଣମାଧ୍ୟମର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ସେହିପରି ଭୂତ/ପ୍ରେତ ପରି ପାରମ୍ପରିକ ବିଶ୍ୱାସକୁ ଉପହାସ ନୁହେଁ, ବରଂ ଆଲୋଚନା ଏବଂ ବୈଜ୍ଞାନିକ ସଚେତନତା ମାଧ୍ୟମରେ ସମ୍ମାନର ସହିତ ସମାଧାନ କରାଯିବା ଉଚିତ। ପରିଶେଷରେ ପ୍ରକୃତ ରହସ୍ୟ ଏହା ନୁହେଁ ଯେ ଭୂତର ଅସ୍ତିତ୍ୱ ଅଛି କି ନାହିଁ; ବରଂ ପ୍ରକୃତ ରହସ୍ୟ ହେଉଛି କାହିଁକି ଏବଂ ସେହି ଭୟ କ'ଣ ଏତେ ବାସ୍ତବ ଯେ ତାହା ମଣିଷର ଆଚରଣକୁ ବଦଳାଇ ପାରେ? ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଗୁରୁଙ୍କଠାରୁ ଗୁଗୁଲ୍ ପର୍ଯ୍ୟନ୍ତ

**ଡ. ସୋମ୍ୟା ନନ୍ଦ**

କେବେ ଜଣେ ଛାତ୍ର ପାଇଁ ତାଙ୍କ ଗୁରୁ ହିଁ ଥିଲେ ଜ୍ଞାନର ପ୍ରଥମ ଓ ପ୍ରମୁଖ ଦ୍ୱାର। ଗୁରୁଙ୍କ କଥା ଥିଲା ଶିକ୍ଷା, ଗୁରୁଙ୍କ ଆଚରଣ ଥିଲା ଆଦର୍ଶ ଏବଂ ଗୁରୁଙ୍କ ଶାସନ ଥିଲା ଚରିତ୍ର ଗଠନର ଏକ ଅଂଶ। ଆଜି ସମୟ ବଦଳିଛି। ଗୋଟିଏ ମୋବାଇଲ୍ ଫୋନ୍‌ରେ ହଜାର ହଜାର ପୁସ୍ତକ, ଅସଂଖ୍ୟ ଶିକ୍ଷାମୂଳକ ଚିତ୍ର, ଶ୍ରବଣ ପାଠ ଏବଂ କୃତ୍ରିମ ବୁଦ୍ଧିମତ୍ତାର ସହାୟତା ଉପଲବ୍ଧ। ତେବେ ପ୍ରଶ୍ନ ଉଠେ - ଯେତେବେଳେ ଜ୍ଞାନ ଆମ ଅଙ୍ଗୁଠିର ସ୍ପର୍ଶରେ, ସେତେବେଳେ ଶିକ୍ଷକଙ୍କ ଭୂମିକା କ'ଣ? ଏହା କେବଳ ଶିକ୍ଷା ବ୍ୟବସ୍ଥାର ପ୍ରଶ୍ନ ନୁହେଁ, ଏହା ଆମ ସମାଜ କେଉଁ ମୂଲ୍ୟବୋଧରେ ଆଗକୁ ବଢ଼ିବ, ତାହାର ମଧ୍ୟ ଏକ ବଡ଼ ପ୍ରଶ୍ନ।

ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ମୂଳରେ ଥିଲା ଶ୍ରଦ୍ଧା, ଆସ୍ଥା ଓ ଆଦର। ତେବେ ପାରମ୍ପରିକ ବ୍ୟବସ୍ଥାର କିଛି ସୀମାବଦ୍ଧତା ମଧ୍ୟ ଥିଲା। ଶିକ୍ଷକଙ୍କ ପ୍ରତି ଅତ୍ୟଧିକ ଆଜ୍ଞାପାଳନ ଯୋଗୁଁ ଛାତ୍ରଙ୍କ ପ୍ରଶ୍ନ କରିବା ବା ନିଜ ମତ ରଖିବାର ସୁଯୋଗ ଆଜିର ତୁଳନାରେ କମ୍ ଥିଲା। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଚିତ୍ରଟି ବଦଳିଛି। ଛାତ୍ର ଆଉ ନିରବ ଶ୍ରୋତା ନୁହେଁ। ସେ ପ୍ରଶ୍ନ କରୁଛି, ଆଲୋଚନା କରୁଛି, ନିଜ ମତ ରଖୁଛି ଏବଂ ଅନେକ ସମୟରେ ଶିକ୍ଷକଙ୍କ ଦିଆଯାଇଥିବା ତଥ୍ୟକୁ ନିଜେ ଯାଞ୍ଚ ମଧ୍ୟ କରୁଛି। ଛାତ୍ରଙ୍କୁ ଉତ୍ତର ଦେବା ନୁହେଁ, ଠିକ୍ ପ୍ରଶ୍ନ କରିବାକୁ ଶିଖାଇବା ମଧ୍ୟ ଶିକ୍ଷାର ଲକ୍ଷ୍ୟ। ଆଜିର ଶିକ୍ଷକ ତେଣୁ କେବଳ ଜ୍ଞାନ ପ୍ରଦାନକାରୀ ନୁହନ୍ତି; ସେ ଜଣେ ସହାୟକ, ପରାମର୍ଶଦାତା ଓ ମାର୍ଗଦର୍ଶକ। ସେ ଛାତ୍ରଙ୍କୁ ତଥ୍ୟ ଦେବା ସହିତ ତଥ୍ୟକୁ ବୁଝିବା, ବିଶ୍ଳେଷଣ କରିବା ଓ ଜୀବନରେ ପ୍ରୟୋଗ କରିବା ଶିଖାନ୍ତି। କେହି କେହି କୁହନ୍ତି, ଆଜିର ଛାତ୍ରମାନେ ପୂର୍ବଭଳି ଶିକ୍ଷକଙ୍କୁ ସମ୍ମାନ କରୁନାହାନ୍ତି। କଥାଟିକୁ ସମ୍ପୂର୍ଣ୍ଣ ଭୁଲ୍ କହିହେବ ନାହିଁ, କିନ୍ତୁ ଏହାକୁ ଅନ୍ୟ ଦିଗରୁ ମଧ୍ୟ ଦେଖିବା ଦରକାର। ପୂର୍ବେ ସମ୍ମାନର ଅର୍ଥ ଥିଲା କଥା ମାନିବା। ଆଜି ସମ୍ମାନର ଅର୍ଥ ହେବା ଉଚିତ କଥା ଶୁଣିବା, ପ୍ରଶ୍ନ କରିବା ଓ ଯୁକ୍ତିରେ ବୁଝିବା। ଆଜିର ଛାତ୍ର ଅନ୍ଧ ଆଜ୍ଞାପାଳନ ଚାହେଁ ନାହିଁ; ସେ ଚାହେଁ ଯୁକ୍ତି, ସଂଳାପ ଓ ସମ୍ମାନଜନକ ବ୍ୟବହାର। ତେଣୁ ଶିକ୍ଷକଙ୍କ ଅଧିକାର କେବଳ ତାଙ୍କ ପଦବୀରୁ ନୁହେଁ, ତାଙ୍କ ଜ୍ଞାନ, ଚରିତ୍ର, ନ୍ୟାୟପରାୟଣତା ଓ ମାନବିକତାରୁ ଆସିବା ଦରକାର।

ଆଜି ଛାତ୍ରଙ୍କ ହାତରେ ଗୁଗୁଲ୍, ୟୁଟ୍ୟୁବ୍, ଅନଲାଇନ୍ ପୁସ୍ତକାଳୟ ଓ କୃତ୍ରିମ ବୁଦ୍ଧିମତ୍ତା ଭଳି ଅସଂଖ୍ୟ ସାଧନ ଅଛି। ଗୋଟିଏ ପ୍ରଶ୍ନର ଉତ୍ତର କିଛି ସେକେଣ୍ଡ ମଧ୍ୟରେ ମିଳିଯାଉଛି। କିନ୍ତୁ ସୂଚନା ଓ ଜ୍ଞାନ ଏକ ନୁହେଁ। ଇଣ୍ଟରନେଟ୍ ଆମକୁ କହିପାରେ କ'ଣ ଅଛି। କିନ୍ତୁ ଜଣେ ଭଲ ଶିକ୍ଷକ ଆମକୁ ଶିଖାନ୍ତି କ'ଣ ଠିକ୍, କାହିଁକି ଠିକ୍ ଏବଂ କେବେ ତାହା ପ୍ରୟୋଗ କରିବା ଉଚିତ। କୃତ୍ରିମ ବୁଦ୍ଧି ଏକ ଲେଖା ପ୍ରସ୍ତୁତ କରିଦେଇପାରେ; କିନ୍ତୁ ଶିକ୍ଷକ ଛାତ୍ରକୁ ବୁଝାଇପାରନ୍ତି ଯେ ତାହାର ଚିନ୍ତା ନିଜର କି ନୁହେଁ। ଇଣ୍ଟରନେଟ୍ ଅନେକ ପେସାର ପଥ ଦେଖାଇପାରେ; କିନ୍ତୁ ଜଣେ ମାର୍ଗଦର୍ଶକ କହିପାରିନ୍ତି ତୁମ ପାଇଁ କେଉଁ ପଥଟି ଠିକ୍। ମାନବିକ ସ୍ପର୍ଶର ମୂଲ୍ୟ ଅପରିମିତ ପ୍ରଯୁକ୍ତି ସୂଚନା ଦେଇପାରେ, କିନ୍ତୁ ସମବେଦନାର ସ୍ଥାନ ସମ୍ପୂର୍ଣ୍ଣ ଭାବେ ନେଇପାରେ ନାହିଁ। ତେଣୁ ଆଧୁନିକ ଶିକ୍ଷାରେ ପ୍ରଯୁକ୍ତିର ବ୍ୟବହାର ଆବଶ୍ୟକ, କିନ୍ତୁ ତାହା ସହିତ ମାନବିକ ସମ୍ପର୍କର ସୁରକ୍ଷା ମଧ୍ୟ ଆବଶ୍ୟକ। ଶିକ୍ଷା ମୁଣ୍ଡକୁ ଜ୍ଞାନ ଦିଏ; ଶିକ୍ଷକ ସେହି ଜ୍ଞାନକୁ ବିବେକରେ ପରିଣତ କରନ୍ତି। ଜଣେ ଛାତ୍ର ନିଜ କ୍ଷେତ୍ରରେ ସଫଳ ହୋଇ ଜଣେ ଭଲ ପେସାଜୀବୀ ହୋଇପାରେ। କିନ୍ତୁ ସତ୍ୟନିଷ୍ଠା, ଦୟା, ଦାୟିତ୍ୱବୋଧ ଓ ମାନବିକତାକୁ ଧରି ରଖିଲେ ହିଁ ସେ ଜଣେ ଭଲ ମଣିଷ ହୋଇପାରିବ। ଏହି ଦୁଇଟି ମଧ୍ୟରେ ସେତୁ ତିଆରି କରିବାରେ ଶିକ୍ଷକଙ୍କ ବଡ଼ ଦାୟିତ୍ୱ ରହିଛି।

ଯୁବପିଢ଼ି ଆଜି ଅନେକ ସୁଯୋଗ ପାଉଛି, କିନ୍ତୁ ତା'ସହିତ ଅନେକ ଚାପର ସମ୍ମୁଖୀନ ହେଉଛି। ପ୍ରତିଯୋଗିତା, ତୁଳନା, ସଫଳତାର ଚାପ ଓ ସାମାଜିକ ଆଶା ତାଙ୍କ ମନରେ ଅସ୍ଥିରତା ସୃଷ୍ଟି କରିପାରେ। ଏଠି ଶିକ୍ଷକ କେବଳ ପାଠ ପଢ଼ାଇବାର ଦାୟିତ୍ୱରେ ସୀମିତ ରହିଲେ ଚଳିବ ନାହିଁ, ଛାତ୍ରଙ୍କ ମନକୁ ବୁଝିବାକୁ ହେବ। ଛାତ୍ରଙ୍କ ଭିତରେ ଆତ୍ମବିଶ୍ୱାସ ଜଗାଇବାକୁ ହେବ ଏବଂ ବିଫଳତାକୁ ଜୀବନର ଶେଷ ନୁହେଁ, ବରଂ ଶିକ୍ଷାର ଏକ ସୁଯୋଗ ବୋଲି ବୁଝାଇବାକୁ ହେବ। ଜଣେ ଶିକ୍ଷକଙ୍କ ଗୋଟିଏ ଭଲ କଥା, ଗୋଟିଏ ସଠିକ୍ ପରାମର୍ଶ କିମ୍ବା ଗୋଟିଏ ଛୋଟ ପ୍ରଶଂସା ଜଣେ ଛାତ୍ରର ଆତ୍ମବିଶ୍ୱାସକୁ ବଦଳାଇପାରେ। ଶିକ୍ଷାର ଲକ୍ଷ୍ୟ ଯଦି କେବଳ ଚାକିରି ପାଇବା ହୋଇଯାଏ, ତେବେ ସମାଜକୁ ଦକ୍ଷ କର୍ମଚାରୀ ମିଳିପାରନ୍ତି, କିନ୍ତୁ ଭଲ ନାଗରିକ ମିଳିବେ କି?

ଆମକୁ ପାରମ୍ପରିକ ଓ ଆଧୁନିକ ଏହି ଦୁଇ ଯୁଗର ଭଲ ଦିଗକୁ ଏକାଠି କରିବାକୁ ପଡ଼ିବ। ପାରମ୍ପରିକ ଯୁଗରୁ ଆବଶ୍ୟକ ଶ୍ରଦ୍ଧା, ଶୃଙ୍ଖଳା, ନୈତିକତା ଓ ଗୁରୁଙ୍କ ପ୍ରତି ସମ୍ମାନ। ଆଧୁନିକ ଯୁଗରୁ ଆବଶ୍ୟକ ସ୍ୱାଧୀନ ଚିନ୍ତା, ପ୍ରଶ୍ନ କରିବାର ସାହସ, ସୃଜନଶୀଳତା, ପ୍ରଯୁକ୍ତି ଓ ସମାଜତା। ଶିକ୍ଷକ ଛାତ୍ରଙ୍କ ସହିତ ମିତ୍ରସୁଲଭ ହୁଅନ୍ତୁ, କିନ୍ତୁ ନିଜର ପେସାଗତ ସୀମା ରକ୍ଷା କରନ୍ତୁ। ଛାତ୍ର ପ୍ରଶ୍ନ କରୁ, କିନ୍ତୁ ପ୍ରଶ୍ନ ସହିତ ଶ୍ରଦ୍ଧା ରଖୁ। ଶିକ୍ଷା ପ୍ରଯୁକ୍ତିକୁ ଗ୍ରହଣ କରୁ, କିନ୍ତୁ ମାନବିକତାକୁ ହରାଇ ନ ଦେଉ। ଶିକ୍ଷକଙ୍କ ଅଧିକାର ଓ ଛାତ୍ରଙ୍କ ସ୍ୱାଧୀନତା-ଉଭୟର ସନ୍ତୁଳନ ହିଁ ଆଦର୍ଶ ସମ୍ପର୍କର ଭିତ୍ତି।

ପୃଥିବୀ ବଦଳିବ। ପ୍ରଯୁକ୍ତି ଆହୁରି ଆଗକୁ ବଢ଼ିବ। ଭବିଷ୍ୟତର ଶ୍ରେଣୀକକ୍ଷରେ କୃତ୍ରିମ ବୁଦ୍ଧି ଆହୁରି ବଡ଼ ଭୂମିକା ନେଇପାରେ। ଛାତ୍ରଙ୍କ ପାଖରେ ଆଜିଠାରୁ ଅଧିକ ଜ୍ଞାନର ଉତ୍ସ ରହିବ। କିନ୍ତୁ ଗୋଟିଏ ଜିନିଷର ଆବଶ୍ୟକତା କେବେ ଶେଷ ହେବ ନାହିଁ- ମଣିଷକୁ ମଣିଷ କରିବାର ମାନବିକ ସମ୍ପର୍କ। ଗୁଗୁଲ୍ ଉତ୍ତର ଦେଇପାରେ, କୃତ୍ରିମ ବୁଦ୍ଧି ତଥ୍ୟ ବିଶ୍ଳେଷଣ କରିପାରେ ଏବଂ ପୁସ୍ତକ ଜ୍ଞାନ ଦେଇପାରେ। କିନ୍ତୁ ଜଣେ ଶିକ୍ଷକ ଛାତ୍ର ଭିତରେ ଲୁଚିଥିବା ସମ୍ଭାବନାକୁ ଚିହ୍ନଟ କରି କହିପାରନ୍ତି 'ତୁମେ ପାରିବ।' ଏହି ଦୁଇଟି ଶବ୍ଦ ବେଳେବେଳେ ଗୋଟିଏ ଜୀବନର ଦିଗ ବଦଳାଇଦିଏ। ତେଣୁ ଆମକୁ ଅତୀତକୁ ଫେରିଯିବାର କିମ୍ବା ଆଧୁନିକତାକୁ ପ୍ରତ୍ୟାଖ୍ୟାନ କରିବାର ମଧ୍ୟ ଆବଶ୍ୟକତା ନାହିଁ। ଆମକୁ ଆବଶ୍ୟକ ଏକ ଏମିତି ଶିକ୍ଷା ବ୍ୟବସ୍ଥା, ଯେଉଁଠି ପ୍ରଯୁକ୍ତି ଜ୍ଞାନ ଦେବ, ଶିକ୍ଷକ ଦିଗ ଦେଖାଇବେ; ଛାତ୍ର ପ୍ରଶ୍ନ କରିବ, ଶିକ୍ଷକ ଚିନ୍ତା କରିବା ଶିଖାଇବେ। ●

(ସହକାରୀ ପ୍ରାଧ୍ୟାପକ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ)

# ପୃଥିବୀ ଉପରେ ଜୀବଜଗତ ବୋଝ

**ଶ୍ରୀନନ**

ପୃଥିବୀର ବସ୍ତୁତ୍ୱ ପ୍ରାୟତଃ ୫.୯୭ ଟ୍ରିଲିୟନ୍ ଜିଗାଟନ୍ (ଗୋଟିଏ ଜିଗାଟନ୍ = ୧ ଟ୍ରିଲିୟନ ଅର୍ଥାତ୍ ୧ ଲକ୍ଷ କୋଟି କିଲୋଗ୍ରାମ୍)। ତେବେ ପ୍ରତିଦିନ ମହାକାଶ ଧୂଳି ପଡ଼ିବା ଏବଂ ବାୟୁମଣ୍ଡଳର ଅବକ୍ଷୟ ଘଟିବା ହେତୁ ଏହା ବଦଳିବାରେ ଲାଗିଛି। ପୃଥିବୀରେ ବାସ କରୁଛନ୍ତି ଅସଂଖ୍ୟ ଜୀବଜନ୍ତୁ ଓ ବୃକ୍ଷଲତା। ଏମାନଙ୍କର ଓଜନ ୫୫୦ ଜିଗାଟନ୍ ହେଲା ବେଳକୁ କେବଳ ବୃକ୍ଷଲତାର ଓଜନ ପ୍ରାୟ ୪୫୦ ଜିଗାଟନ୍ ଏବଂ ପଶୁମାନଙ୍କର ଓଜନ ୩ ଜିଗାଟନ୍।

୨୦୨୩ ମସିହାରେ 'ୱିଇଜ୍‌ମ୍ୟାନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍' ଦ୍ୱାରା ଅନୁଷ୍ଠିତ ଏକ ଆକଳନ ଅନୁସାରେ ପୃଥିବୀରେ ବାସ କରୁଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ତୁଳନାରେ ମଣିଷର ଓଜନ ବେଶ୍ ଅଧିକ। ଉଦାହରଣ ସ୍ୱରୂପ, ବଣରେ ବାସ କରୁଥିବା ସମସ୍ତ ସ୍ତନ୍ୟପାୟୀମାନଙ୍କ ଓଜନ ୨୦ ନିୟୁତ ଟନ ହେଲା ବେଳେ ମଣିଷମାନଙ୍କର ତାହା ୩୯୦ ନିୟୁତ ଟନ୍।



ବିଜ୍ଞାନ ବାର୍ତ୍ତା

ଏହି ସ୍ତନ୍ୟପାୟୀମାନଙ୍କ ମଧ୍ୟରେ ସବୁଠାରୁ ଓଜନଦାର ଜୀବ ହେଲା ତିମି। ଏହାର ଶରୀର ଓଜନ ୯୦ ହଜାରରୁ ୧୫୦ ହଜାର କିଲୋଗ୍ରାମ ହୋଇପାରେ। ସେହିପରି ହାରାହାରି ଭାବେ ଏସୀୟ ହାତୀ ୨୫୪୬ କିଲୋଗ୍ରାମ, ଏଲିଫ୍ୟାଣ୍ଟସିଲ୍ ୨୩୧୩ କିଲୋଗ୍ରାମ ହେଲା ବେଳେ ଚୁଟିଆମୂଷାର ଓଜନମାତ୍ର ୦.୧୨୫ କେ.ଜି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ହାରାହାରି ଭାବେ ଗାଈ, ବଳଦ ୬୫୦ କେ.ଜି, ଘୁଷୁରୀ ୨୦୦ କେଜି, ଗଧ ୨୫୦ କେଜି, ଛେଳି ଓ ମେଣ୍ଢା ୫୦ କେଜି, କୁକୁର୨୫/୩୦ କେଜି, ଠେକୁଆ ୩/୪ କେଜି, କୁକୁଡ଼ା ୨ କେଜି, ସିଲ୍‌ମାଛ ୪୪୬ କେଜି, ରେହସସ୍ ମାଙ୍କଡ଼ ୬/୭ କେଜି, ଘୋଡା ୫୨୦ କେଜି, ବିରାଡ଼ି ୩.୫ କେଜି ଏବଂ ମଣିଷ ୬୫ କେଜି ହୋଇଥାଏ। ଅତଏବ ବଡ଼ ବଡ଼ ସ୍ତନ୍ୟପାୟୀଙ୍କ ତୁଳନାରେ ମଣିଷର ଓଜନ ସେତେ ବେଶି ନୁହେଁ। ତେବେ ସଂଖ୍ୟାଦୃଷ୍ଟିରୁ ଏହାର ଓଜନକୁ ପୃଥିବୀର ସବୁଠାରୁ ବଡ଼ ବୋଝ ବୋଲି କୁହାଯାଇ ପାରିବ।

ମଣିଷ ଶରୀରର ଭାରକୁ ବାଦ ଦେଲେ ପୃଥିବୀର ଭାର ବୃଦ୍ଧିରେ ତା'ର ଅନ୍ୟତମ ଅବଦାନ ହେଲା ଗୃହପାଳିତ ପଶୁ। ଏହା ପ୍ରାୟ ୬୩୦ ନିୟୁତ ଟନ୍। ଏମାନଙ୍କ ମଧ୍ୟରେ ଗାଈଗୋରୁ ୪୨୦ ନିୟୁତ ଟନ, କୁକୁର ୨୦ ନିୟୁତ, ବିରାଡ଼ି ୨ ନିୟୁତ ଓ ଘୁଷୁରୀ ୪୫ ନିୟୁତ ଟନ। ପୃଥିବୀରେ ବାସ କରୁଥିବା ମଣିଷମାନଙ୍କ ସଂଖ୍ୟା ଆକଳନ କରାଯାଇଛି। ଗୃହପାଳିତ ପଶୁମାନଙ୍କ କ୍ଷେତ୍ରରେ ମଧ୍ୟ ତାହା କିଛି ମାତ୍ରାରେ କରାଯାଇ ପାରିବ। ହେଲେ ଅନ୍ୟାନ୍ୟ ବନ୍ୟଜନ୍ତୁଗୁଡ଼ିକ ସଂଖ୍ୟା ଆକଳନ କରାଯାଇ ପାରିବ ନାହିଁ। କେବେଳ ଆନୁମାନିକ ଭାବେ କହିହେବ। ଉଦାହରଣସ୍ୱରୂପ, ପୃଥିବୀର ଜଙ୍ଗଲମାନଙ୍କରେ ଥିବା ମୂଷା ବା ଠେକୁଆ କଥା ବିଚାରକୁ ନିଆଯାଉ। ଏମାନଙ୍କ ସଂଖ୍ୟା ବା ସମୁଦାୟ ଓଜନ ସଠିକ ଭାବେ ନିର୍ଦ୍ଧାରଣ କରିବା ଆଦୌ ସମ୍ଭବ ନୁହେଁ। ସେହିପରି ବିବିଧ କୀଟ ପତଙ୍ଗଙ୍କ ସଂଖ୍ୟା ଅସୀମ। ଏମାନଙ୍କ ପ୍ରତ୍ୟେକର ଓଜନ ଅତି ନଗଣ୍ୟ। ହେଲେ କମ୍ପ୍ୟୁଟର ଗଣନାରୁ ଜଣାପଡ଼ିଛି ଯେ ଏମାନଙ୍କର ସମୁଦାୟ ଓଜନ ଅନେକ ଜୀବଙ୍କ ତୁଳନାରେ ଖୁବ ବେଶି ହୋଇପାରେ। ସେହିପରି ସାମୁଦ୍ରିକ ଜୀବମାନଙ୍କ ଓଜନ ମଧ୍ୟ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ।

ପୃଥିବୀ ଏକ ବିଶାଳ ମହାକାଶ ପିଣ୍ଡ। ଏହାର ଓଜନ ତୁଳନାରେ ଏଥିରେ ବାସ କରୁଥିବା ଜୀବଜନ୍ତୁ ଓ ଗଛଲତାଙ୍କ ଓଜନ ଅତି ନଗଣ୍ୟ। ସେଥିପାଇଁ ଜୀବଜଗତକୁ ପୃଥିବୀ ଉପରେ ଏକ ଗୁରୁତର ବୋଝ ବା ଭାର ବୋଲି ଗଣନା କରିବା ଠିକ୍ ନୁହେଁ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ


ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଜାତୀୟ ପ୍ରେସ୍ ଦିବସ ପାଳନ ନେଇ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ପ୍ରସ୍ତୁତି କମିଟି ବୈଠକ

## ଚଳିତବର୍ଷ ବରିଷ୍ଠ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯିବ ସ୍ମାରକୀ ସିଲ୍ଡ

ଭୁବନେଶ୍ୱର,୧୪।୯(ସମିସ): ରାଜ୍ୟରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସଂଯୋଗ ସେତୁ ଭାବେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ପରିପ୍ରେକ୍ଷୀରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଦୀର୍ଘ ୧୯ବର୍ଷ ଧରି ପ୍ରତିବର୍ଷ ନଭେମ୍ବର ମାସ ୧୬ ତାରିଖରେ ଜାତୀୟ ପ୍ରେସ୍ ଦିବସ ପାଳନ କରି ଆସୁଛି। ଚଳିତବର୍ଷ ଏହି ପ୍ରେସ୍ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ବୋର୍ଡର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଳବ୍ୟଙ୍କ ସହିତ ରାଜ୍ୟଶାଖା କର୍ମକର୍ତ୍ତାମାନଙ୍କର ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଜାତୀୟ ପ୍ରେସ୍ ଦିବସ ପାଳନ ପୂର୍ବରୁ ସାମ୍ବାଦିକତା ବିଭାଗ ଥିବା ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱର୍ଣ୍ଣପଦକ ବିଜେତାମାନଙ୍କୁ ଦିଆଯାଉଥିବା ସ୍ମାରକୀ ସିଲ୍ଡ ଗୁଡ଼ିକର ସମ୍ମାନ ବୃଦ୍ଧି ଦିଗରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ବରିଷ୍ଠ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ସ୍ମୃତିରେ ସ୍ମାରକୀ ସିଲ୍ଡ ପ୍ରଦାନ କରାଯିବା ସହ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାକୁ ଉତ୍ସବର ୧୫ ଦିନ ପୂର୍ବରୁ ଆୟୋଜନ କରାଯିବାକୁ ସ୍ଥିର ହୋଇଛି।ଜାତୀୟ ପ୍ରେସ୍ ଦିବସର ମୁଖ୍ୟ ଉତ୍ସବରେ ଓଡ଼ିଶାର ସମ୍ବାଦପତ୍ରର ଜଣେ



ପ୍ରଖ୍ୟାତ ସମ୍ପାଦକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ' ଦିଆଯିବା ସହିତ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ ରାଜ୍ୟର ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ' ପ୍ରଦାନ କରାଯିବ। ୬୫ ବର୍ଷ ବୟସ ଏବଂ ତଦୁଦ୍ଧ୍ୱର୍ ଅନ୍ୟୁନ ଥରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ପାଇଥିବା ସାମ୍ବାଦିକମାନଙ୍କୁ ବେସରକାରୀସ୍ତରରେ ସମଗ୍ର ଦେଶରେ କେବଳ ଓଡ଼ିଶାରେ ପେନସନ ଦେବା ବ୍ୟବସ୍ଥାକୁ .ଲୁ ରଖିବାକୁ ବୋଡର୍ ନିଷ୍ପତ୍ତି ଗ୍ରହଣ କରିଛି।୭୮୭୬ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ଦିଆଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ନୂଆ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯିବା ଓ ଏହାର ପରିମାଣ ୫ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଆଲୋଚନାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସହ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର ଏବଂ ରାଜ୍ୟ ଶାଖା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ପୌର ନିର୍ବାଚନ ପାଇଁ ପାଗ ଭିଡ଼ା

## ୱାର୍ଡ ପୁନର୍ଗଠନ ପାଇଁ ୧୯ରେ ପ୍ରକାଶ ପାଇବ ଚିଠା ବିଜ୍ଞପ୍ତି

ଭୁବନେଶ୍ୱର,୧୪।୯(ସମିସ): ରାଜ୍ୟରେ ପଞ୍ଚାୟତ ନିର୍ବାଚନ ସହ ପୌର ନିର୍ବାଚନ ୨୦୨୭ରେ ହେବ। ପୌର ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ୨୦୨୭ ଏପ୍ରିଲ୍ ୬ରେ ଶେଷ ହେବ। ଏହା ପୂର୍ବରୁ ରାଜ୍ୟ ନିର୍ବାଚନ କମିସନ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ଆରମ୍ଭ କରିଛନ୍ତି। ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଗ ଭିଡ଼ିଛି। ଏହି କ୍ରମରେ ରାଜ୍ୟର

**■ ୨୮ ଯାଏଁ ୯୯ ପୌର ସଂସ୍ଥାରେ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ**
**■ ୧୫ ଅକ୍ଟୋବର ସୁଦ୍ଧା ଆବେଦନ, ୩୧ରେ ଚୂଡ଼ାନ୍ତ ବିଜ୍ଞପ୍ତି**

ସମସ୍ତ ଜିଲ୍ଲାପାଳଙ୍କୁ (ବୌଦ୍ଧ ଜିଲ୍ଲା ବ୍ୟତୀତ) ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଚିଠି ଲେଖି ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ କହିଛନ୍ତି।

ବିଭାଗର ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ୯୯ଟି ପୌର ସଂସ୍ଥାରେ ସେପ୍ଟେମ୍ବର ୧୯ ରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ଉପରେ ସେପ୍ଟେମ୍ବର ୨୮ ଯାଏଁ ଲୋକଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଗ୍ରହଣ କରାଯିବ। ଏହାପରେ ଅକ୍ଟୋବର ୧ ରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣର ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରାଥମିକ ବିଜ୍ଞପ୍ତି ବିରୋଧରେ ଅପିଲ କରିବା ପାଇଁ ଅକ୍ଟୋବର ୧୫ ଶେଷ ତାରିଖ ରଖାଯାଇଛି। ଜିଲ୍ଲାପାଳମାନେ ଗ୍ରହଣ କରିଥିବା ଅପିଲଗୁଡ଼ିକୁ ନିଜସ୍ୱ ମତାମତ ସହ ସ୍ୱତନ୍ତ୍ର ଭାବେ ଅକ୍ଟୋବର ୧୬ ସୁଦ୍ଧା ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ସରକାରୀ ସୂଚୀ ଅନୁଯାୟୀ ଅକ୍ଟୋବର ୨୩ରୁ ୨୮ ମଧ୍ୟରେ ଅପିଲର ଶୁଣାଣି ଓ ନିଷ୍ପତ୍ତି ପ୍ରକ୍ରିୟା ଜାରି ରହିବ। ଏହାପରେ ଆବଶ୍ୟକ ପରିବର୍ତ୍ତନ କରି ଅକ୍ଟୋବର ୩୧ରେ ଚୂଡ଼ାନ୍ତ ୱାର୍ଡ ପୁନର୍ଗଠନ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଧାର୍ଯ୍ୟ ହୋଇଛି।

ବିଭାଗ ପକ୍ଷରୁ କୁହାଯାଇଛି, ଆଗାମୀ ସାଧାରଣ ପୌର ନିର୍ବାଚନ ପାଇଁ ବିଭିନ୍ନ ଜିଲ୍ଲାର ୧୦୭ଟି ପୌରସଂସ୍ଥାର ତାଲିକା ରହିଛି। ଏଥିରେ ମ୍ୟୁନିସିପାଲିଟି ଓ ଏନ୍ଏସି ସହିତ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ମଧ୍ୟ ସାମିଲ ଅଛି। ଭୁବନେଶ୍ୱର, ବ୍ରହ୍ମପୁରରେ ନୂତନ ୱାର୍ଡ ବିନ୍ୟାସ ସାଙ୍ଗକୁ ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ନୂଆ ଗ୍ରାମାଞ୍ଚଳ ସାମିଲ ହୋଇଥିବାରୁ ଏହି ଦୁଇ ମହାନଗର ନିଗମର ୱାର୍ଡ ପୁନର୍ଗଠନ ଓ ସୀମା ନିର୍ଦ୍ଧାରଣ ଆବଶ୍ୟକ ହୋଇଛି। ଏହି ପ୍ରକ୍ରିୟା ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆଇନ, ୨୦୦୩ ଅନୁସାରେ କରାଯିବ। ସେହିପରି ସମ୍ବଲପୁର ମହାନଗର ନିଗମର ୱାର୍ଡ ସୀମା ନିର୍ଦ୍ଧାରଣ ସମ୍ପର୍କିତ ମାମଲା ହାଇକୋର୍ଟରେ ଖାରଜ ହୋଇଥିବା ବେଳେ ରାଉରକେଲା ମହାନଗର ନିଗମର ୩ ଟି ୱାର୍ଡ ସମ୍ପର୍କିତ ମାମଲା ବିଚାରାଧୀନ ଥିବା ନିର୍ବାଚନ କମିଶନଙ୍କ ଚିଠିରେ ଉଲ୍ଲେଖ ରହିଛି।

# ଦେଶ ବିଦେଶ

### ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧର ଆଶଙ୍କା

## ହୁତିଙ୍କ ଅଗ୍ରଗତିରେ ଚାପରେ ସାଉଦି

ସାନିଆ, ୧୪।୯(ଏଜେନ୍ସି): ପଶ୍ଚିମ ଏସିଆରେ ପୁଣିଥରେ ଯୁଦ୍ଧର ଆଶଙ୍କା ଘନୀଭୂତ ହୋଇଛି। ୟେମେନରେ ହୁତି ବିଦ୍ରୋହୀଙ୍କ ସାମରିକ ଅଗ୍ରଗତି ଏବଂ ସାଉଦି ସମର୍ଥିତ ସରକାରୀ ଅଞ୍ଚଳ ଉପରେ ବଢୁଥିବା ଚାପ ଅଞ୍ଚଳୀୟ ଉତ୍ତେଜନାକୁ ଆହୁରି ବଢ଼ାଇଛି। ବିଶେଷକରି ତୈଳ ଓ ଗ୍ୟାସ ସମୃଦ୍ଧ ମାରିବ୍ ଏବଂ ତାଇଜ୍ ଦିଗରେ ହୁତିଙ୍କ ଅଗ୍ରସରତା ସାଉଦି ଆରବକୁ କଠିନ ସାମରିକ ଓ କୂଟନୈତିକ ପରିସ୍ଥିତିରେ ପକାଇଛି। ୨୦୧୫ରୁ ଚାଲିଥିବା ୟେମେନ ସଂଘର୍ଷରେ ମାରିବ୍ ସରକାରୀ ବାହିନୀର ଏକ ପ୍ରମୁଖ ଘାଟି ଭାବେ ରହିଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି, ତୈଳ ଓ ଗ୍ୟାସ କ୍ଷେତ୍ର, ବିଦ୍ୟୁତ୍ କେନ୍ଦ୍ର ରହିଥିବା ସହ ପ୍ରାୟ ୨୦ ଲକ୍ଷ ବିସ୍ଥାପିତ ଲୋକ ଆଶ୍ରୟ ନେଇଛନ୍ତି। ତେଣୁ ମାରିବ୍ ଉପରେ ନିୟନ୍ତ୍ରଣ ୟେମେନର ଭବିଷ୍ୟତ ସାମରିକ ସମୀକରଣ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହୁତି ବିଦ୍ରୋହୀମାନେ ମାରିବ୍ ଚାରିପାଖରେ ବାହିନୀ ଓ ସାମରିକ ଉପକରଣ ଠୁଳ କରୁଥିବା ଖବର ମିଳିଛି। ଏହାକୁ ନୂଆ ଆକ୍ରମଣ ପାଇଁ ପ୍ରସ୍ତୁତି ବୋଲି ଆଶଙ୍କା କରାଯାଉଛି। ୟେମେନର ସରକାରୀ ବାହିନୀ ତେବେ ହୁତିଙ୍କ ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାକୁ ପ୍ରସ୍ତୁତ ଥିବା କହିଛି। ୟେମେନ ସେନାର ସାମରିକ ଗଣମାଧ୍ୟମ ନିର୍ଦ୍ଦେଶକ ବ୍ରିଗେଡ଼ିୟର ୟାହ୍ୟା ଅଲ୍-ହାତେମି କହିଛନ୍ତି, ଦୀର୍ଘ ଦଶନ୍ଧିର ସଂଘର୍ଷ ମଧ୍ୟରେ ସରକାରୀ ବାହିନୀ ଯୁଦ୍ଧର ଅନୁଭବ ହାସଲ କରିଛି। ସେନା ଏବେ ଅଧିକ ସଂଗଠିତ, ଶକ୍ତିଶାଳୀ ଓ ପ୍ରଭାବଶାଳୀ ହୋଇଥିବାରୁ ହୁତିଙ୍କ ଆକ୍ରମଣକୁ ରୋକିବାରେ ସକ୍ଷମ ବୋଲି ସେ ଦାବି କରିଛନ୍ତି। ହୁତିଙ୍କ ଅଗ୍ରଗତି କେବଳ ମାରିବ୍‌ରେ ସୀମିତ ନାହିଁ। ୟେମେନର ପଶ୍ଚିମ ଉପକୂଳରେ

**ମାରିବ୍‌କୁ ଟାର୍ଗେଟ୍ କରୁଛି ହୁତି**

ମଧ୍ୟ ସେମାନଙ୍କ ଗତିବିଧି ବଢ଼ିଛି। ହୁତିଙ୍କ ଅଗ୍ରଗତି ସାଉଦି ଆରବ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଉଠିଛି। ୟେମେନରେ ନିଜ ସମର୍ଥିତ ସରକାରୀ ବାହିନୀ ଉପରେ ଚାପ ବଢ଼ିବା ସହ ହୁତିଙ୍କ ଦ୍ୱାରା ସାଉଦି ଅଞ୍ଚଳକୁ ଆକ୍ରମଣର ଆଶଙ୍କା ମଧ୍ୟ ରହିଛି। ୟେମେନରେ ହୁତିଙ୍କ ନୂଆ ଅଗ୍ରଗତି, ସାଉଦି ଆରବ ଉପରେ ବଢୁଥିବା ଚାପ ଏବଂ ଇରାନ-ଆମେରିକା ମଧ୍ୟରେ ତୀବ୍ର ହେଉଥିବା ମୁକାବିଲା ଏବେ ପରସ୍ପର ସହ ଜଡ଼ିତ ହୋଇପଡ଼ିଛି। ହୁତିମାନେ ଆହୁରି ଆଗକୁ ବଢ଼ିଲେ କିମ୍ବା ସାଉଦି ଓ ଆମେରିକୀୟ ସ୍ୱାର୍ଥକୁ ଲକ୍ଷ୍ୟ କରି ବଡ଼ ଆକ୍ରମଣ କଲେ, ଏହି ସଂଘର୍ଷ ପଶ୍ଚିମ ଏସିଆର ଅନ୍ୟ ଅଞ୍ଚଳକୁ ମଧ୍ୟ ବ୍ୟାପିବାର ଆଶଙ୍କା ରହିଛି। ଏହି କାରଣରୁ ଲୋହିତ ସାଗରଠାରୁ ହର୍ମୁଜ୍ ପ୍ରଣାଳୀ ପର୍ଯ୍ୟନ୍ତ ବିଶ୍ୱ ବାଣିଜ୍ୟ ଓ ତୈଳ ଯୋଗାଣ ଉପରେ ଏହାର ପ୍ରଭାବ ନେଇ ଚିନ୍ତା ବଢ଼ିଛି।

## ମଣିପୁରରେ କୁକି ବସତି ଉପରେ ୨ ଆକ୍ରମଣ; ୪ ମୃତ

ଇମ୍ଫାଲ୍, ୧୪।୯(ଏଜେନ୍ସି): ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାର ଦୁଇଟି କୁକି ବସତିରେ ରବିବାର ଅଜଣା ସଶସ୍ତ୍ର ବ୍ୟକ୍ତିଙ୍କ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ଅନ୍ୟ କିଛି ଲୋକ ଆହତ ହୋଇଛନ୍ତି। ଲଙ୍ଗପି ଗାଁରେ ଅପରାହ୍ନ ପ୍ରାୟ ୩ଟାରେ ଆକ୍ରମଣ ହୋଇ ଜୁଲି ସିଙ୍ଗସନ୍ ଓ ଥାଙ୍ଗଭେଲ୍ ଗାଙ୍ଗଟେଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ନିଖୋଜ ଅଛନ୍ତି। ଅନ୍ୟ ଏକ ଘଟଣାରେ ଟୋଲେନ୍ ଗାଁରେ ଜଣେ ଦମ୍ପତିଙ୍କ ମୃତ୍ୟୁ ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି।ସେପ୍ଟେମ୍ବର ୧୩ 'ବ୍ଲାକ୍ ଡେ' ଦିନ ଏହି ଘଟଣା ଘଟିଥିବାରୁ ଏହାକୁ ନେଇ ଚିନ୍ତା ବଢ଼ିଛି। କୁକି ସମ୍ପ୍ରଦାୟ ୧୯୯୦ ଦଶକର କୁକି-ନାଗା ସଂଘର୍ଷରେ ମୃତକଙ୍କ ସ୍ମୃତିରେ ଏହି ଦିନ ପାଳନ କରେ। ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

### ଏଲ୍ଏସିରେ ଚୀନ୍ ହ୍ରାସ କରିଛି ସେନା ମୁତୟନ

## ୨୦୨୫ରେ ୧୨ ପାକିସ୍ତାନୀ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଦେଶର ଉତ୍ତର ସୀମାରେ ୨୦୨୫ରେ ଚୀନ୍‌ର ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍ଏ) ନିଜ ସେନା ମୁତୟନ କିଛି ମାତ୍ରାରେ କମାଇଥିବା ବେଳେ ଏଲ୍ଏସିର ସମସ୍ତ କ୍ଷେତ୍ରରେ ଭାରତୀୟ ସେନାର ମୁତୟନ ଦୃଢ଼ ରହିଛି। ୨୦୨୫-୨୬ର ପ୍ରତିରକ୍ଷା ମନ୍ତ୍ରଣାଳୟ ରିପୋର୍ଟରେ ଭାରତୀୟ ସେନା ଯେକୌଣସି ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି କୁହାଯାଇଛି। ଭାରତ-ଚୀନ୍ ମଧ୍ୟରେ ରାଜନୈତିକ, କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା ବଢ଼ିବାରୁ ଉତ୍ତର ସୀମାରେ ସ୍ଥିରତା ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୫ରେ ଦୁଇ ଦେଶ ମଧ୍ୟରେ ଆଲୋଚନା ପୁଣି ଗତିଶୀଳ ହୋଇଥିଲା। ମାର୍ଚ୍ଚ ଓ ଜୁଲାଇରେ ସୀମା ପ୍ରସଙ୍ଗରେ ପରାମର୍ଶ ଓ ସମନ୍ୱୟ ପାଇଁ କାର୍ଯ୍ୟ ପ୍ରଣାଳୀର ୨୩ତମ ଓ ୨୪ତମ ବୈଠକ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଜମ୍ମୁ-କାଶ୍ମୀରର ସୁରକ୍ଷା ପରିସ୍ଥିତିରେ ମଧ୍ୟ ସୁଧାର ହୋଇଛି। ହିଂସା ଓ ବିକ୍ଷୋଭ ଘଟଣା ହ୍ରାସ ପାଇଥିବା ବେଳେ ପଥରମାଡ଼ ଘଟଣା ଶୂନକୁ ହ୍ରାସ ପାଇଛି। ୨୦୨୫ରେ ମାତ୍ର ଜଣେ ସ୍ଥାନୀୟ ଯୁବକ ଆତଙ୍କବାଦୀ ସଂଗଠନରେ ଯୋଗ ଦେଇଥିବା ସେନା ରିପୋର୍ଟରେ କହିଛି। ସରକାର ଓ ସେନାର ବିକାଶମୂଳକ କାର୍ଯ୍ୟକ୍ରମରେ ଜମ୍ମୁ-କାଶ୍ମୀରବାସୀଙ୍କ ସକ୍ରିୟ ଅଂଶଗ୍ରହଣ ବଢ଼ିଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ୨୦୨୫ରେ ନିୟନ୍ତ୍ରଣରେଖା (ଏଲ୍ଓସି) ଦେଇ ଆତଙ୍କବାଦୀମାନେ ୬ ଥର ଅନୁପ୍ରବେଶ ଉଦ୍ୟମ କରିଥିଲେ। ଏହି ସମୟରେ ୧୨ ଜଣ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଥିବା ସେନା ରିପୋର୍ଟରେ କୁହାଯାଇଛି। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏଲ୍ଓସି

**'ଅପରେସନ ସିନ୍ଦୂର' ପରେ ଏଲ୍ଓସିରେ ଆସିଛି ସ୍ଥିରତା**

ଦେଇ ଅନୁପ୍ରବେଶ ଉଦ୍ୟମ ହ୍ରାସ ପାଇଛି। ତେବେ ଆତଙ୍କବାଦୀମାନେ ଜମ୍ମୁ-କାଶ୍ମୀରର ଅନ୍ତର୍ଜାତୀୟ ସୀମାକୁ ଅନ୍ୟ ଏକ ମାର୍ଗ ଭାବେ ବ୍ୟବହାର କରିବା ଉଦ୍ୟମ ବଢ଼ାଇଥିବା ରିପୋର୍ଟରେ କୁହାଯାଇଛି। ନିଶାଦ୍ରବ୍ୟ ଓ ଯୁଦ୍ଧ ସାମଗ୍ରୀ ଚୋରାଚାଲାଣ ପାଇଁ ମଧ୍ୟ ଏହି ମାର୍ଗ ବ୍ୟବହାର ହେଉଥିବା ଉଲ୍ଲେଖ ରହିଛି। 'ଅପରେସନ ସିନ୍ଦୂର' ପରେ ଜମ୍ମୁ-କାଶ୍ମୀର ଓ ଏଲ୍ଓସିର ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିଥିବା ରିପୋର୍ଟରେ କୁହାଯାଇଛି। ମେ' ୧୦ ଓ ୧୨ ତାରିଖରେ ଭାରତ ଓ ପାକିସ୍ତାନର ଡିଜିଏମ୍ଓ ସ୍ତରରେ ଆଲୋଚନା ହୋଇଥିଲା। ଏହା ପରେ ସୀମାରେ ପରିସ୍ଥିତି ଯଥେଷ୍ଟ ସ୍ଥିର ହୋଇଥିଲେ ମଧ୍ୟ ଅନିଶ୍ଚିତତା ଏବେ ବି ରହିଛି। 'ଅପରେସନ ସିନ୍ଦୂର' ପରେ ସେନା ନିଜ ସାମରିକ କ୍ଷମତାର ଦୁର୍ବଳତାଗୁଡ଼ିକର ସମୀକ୍ଷା ମଧ୍ୟ କରିଛି। ସେନାର ପୁନର୍ଗଠନ, ତିନି ସେନା ମଧ୍ୟରେ ଅଧିକ ସମନ୍ୱୟ ଏବଂ ନୂଆ ପ୍ରଯୁକ୍ତିର ବ୍ୟବହାର ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି।

## ପାର୍କିଂ ବିବାଦ: କାର୍ଗିଲ ଯୁଦ୍ଧ ବୀରଙ୍କୁ ଲୁହା ରଡ୍‌ରେ ଆକ୍ରମଣ

ଗୁରୁଗ୍ରାମ, ୧୪।୯(ଏଜେନ୍ସି): ଗୁରୁଗ୍ରାମରେ ପାର୍କିଂକୁ ନେଇ ବିବାଦରୁ ଅବସରପ୍ରାପ୍ତ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଅମିତ କୁମାର ଗୁପ୍ତାଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିବା ସହ କହୁଣୀର ହାଡ଼ ଭାଙ୍ଗିଛି। ଗୁପ୍ତା ୧୯୯୯ କାର୍ଗିଲ ଯୁଦ୍ଧ ସମୟର 'ଅପରେସନ୍ ସଫେଦ ସାଗର'ରେ ସାମିଲ ଥିଲେ। ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧୦ ରାତିରେ ପରିବାର ସହ ଗୁରୁଗ୍ରାମର ମ୍ୟାଗ୍ନମ୍ ଗ୍ଲୋବାଲ ପାର୍କର ଏକ ରେସ୍ତୋରାଁକୁ ଖାଇବାକୁ ଯାଇଥିଲେ। ଗାଡ଼ି ପାର୍କ କରିବା ସମୟରେ ପାର୍କିଂ କର୍ମଚାରୀ ତାଙ୍କୁ ଭ୍ୟାଲେଟ୍, ବେସମେଣ୍ଟ ଓ ମଲ୍ଟି-ଲେଭେଲ ପାର୍କିଂକୁ ବାରମ୍ବାର ପଠାଇଥିବା ସେ ଅଭିଯୋଗ କରିଛନ୍ତି। ପରେ ଗାଡ଼ି ପଛକୁ ନେବା ସମୟରେ ବିବାଦ ହୋଇଥିଲା। ଜଣେ ପାର୍କିଂ କର୍ମଚାରୀ ଗାଡ଼ିର କାଚ ଭାଙ୍ଗିବାକୁ ଉଦ୍ୟମ କରିଥିବା ଗୁପ୍ତା ଅଭିଯୋଗ କରିଛନ୍ତି। ସେ ବାହାରକୁ ଆସିବା ପରେ ଉକ୍ତ କର୍ମଚାରୀ ଲୁହା ରଡ୍‌ରେ ପ୍ରଥମେ ତାଙ୍କ ହାତ ଓ ପରେ ମୁଣ୍ଡରେ ଆଘାତ କରିଥିବା ସେ କହିଛନ୍ତି। ଆକ୍ରମଣ ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଦାନ୍ତ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଅସ୍ତ୍ରପଚାର କରାଯାଇ କହୁଣୀର ଭଙ୍ଗା ହାଡ଼ରେ ପ୍ଲେଟ୍ ଲଗାଯାଇଥିବା ସେ କହିଛନ୍ତି। ଗୁପ୍ତା ସେକ୍ଟର-୬୫ ଥାନାରେ ଅଭିଯୋଗ କରି ପାର୍କିଂ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ହତ୍ୟା ଉଦ୍ୟମ ସମେତ ଗୁରୁତର ଆଘାତ ଧାରାରେ ମାମଲା ରୁଜୁ ପାଇଁ ଦାବି କରିଛନ୍ତି। ପୁଲିସ ବିଳମ୍ବରେ ପହଞ୍ଚିଥିବା ଏବଂ ହସ୍ପିଟାଲର ଚିକିତ୍ସା-ଆଇନଗତ ରିପୋର୍ଟରେ ଆଘାତ ସମ୍ପର୍କିତ ତଥ୍ୟ ଠିକ୍ ଭାବେ ଦର୍ଶାଯାଇନଥିବା ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। 'ଅପରେସନ୍ ସଫେଦ ସାଗର' ୧୯୯୯ କାର୍ଗିଲ ଯୁଦ୍ଧ ସମୟରେ ଭାରତୀୟ ବାୟୁସେନାର ଏକ ପ୍ରମୁଖ ଅଭିଯାନ ଥିଲା। ଏହାର ଲକ୍ଷ୍ୟ ଥିଲା କାର୍ଗିଲ ଅଞ୍ଚଳର ଭାରତୀୟ ସାମରିକ ଘାଟିରୁ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ହଟାଇବା।

### ସୋସିଆଲ ମିଡିଆରେ ଭାଇରାଲ ହେଲା ମହିଳା ବାଇକର୍‌ଙ୍କୁ କାର୍ ଧକ୍କା

## ରାସ୍ତାରେ ଅନେକଥର ଗଡ଼ିଲେ; ନିଜେ ବାଇକ୍ ଚଳାଇ ଘରେ ପହଞ୍ଚିଲେ



ଗୁରୁଗ୍ରାମ,୧୪।୯(ଏଜେନ୍ସି): ଗୁରୁଗ୍ରାମରେ ଜଣେ ମହିଳା ବାଇକର୍‌ଙ୍କୁ ଏକ ଧଳା ରଙ୍ଗର ସେଡାନ୍ କାର୍ ଦ୍ରୁତ ଗତିରେ ପାର୍ଶ୍ୱରୁ ଧକ୍କା ଦେଇଥିବା ଘଟଣାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। 'ରେବେଲ୍ ହ୍ୱିଲ୍ସ ସିଆ' ନାମରେ ପରିଚିତ ଏହି ମହିଳା ବାଇକର୍ ଦୁର୍ଘଟଣା ପରେ ଗୁରୁତର ଆହତ ହୋଇନଥିବା ବେଳେ ନିଜେ ବାଇକ୍ ଚଳାଇ ଘରକୁ ଫେରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ସିଆ ଏକ ଦଳ ବାଇକର୍‌ଙ୍କ ସହ ଯାଉଥିବା ବେଳେ ଏକ ଧଳା କାର୍ ତାଙ୍କୁ ଅନୁସରଣ କରୁଥିଲା। କିଛି ସମୟ ପରେ ସେ କାର୍ ଚାଳକଙ୍କୁ ଦୁଇ ଗାଡ଼ି ମଧ୍ୟରେ ଯଥେଷ୍ଟ ଦୂରତା ରଖିବାକୁ କହିଥିଲେ। ଏହାର କିଛି ସେକେଣ୍ଡ ପରେ କାର୍‌ଟି ଡାହାଣ ପାର୍ଶ୍ୱର ଲେନ୍‌ରୁ ବାମପଟକୁ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ପରେ ସିଆ ରାସ୍ତା ଉପରେ ପଡ଼ି ଅନେକ ଥର ଗଡ଼ିଥିଲେ। ତାଙ୍କ ବାଇକ୍ ରାସ୍ତାରେ ଘୋଷାଡ଼ି ହେବା ବେଳେ ସେଥିରୁ ସ୍ପାର୍କ ବାହାରୁଥିବା ଦୃଶ୍ୟ ତାଙ୍କ ବାଇକ୍‌ରେ ଲାଗିଥିବା କ୍ୟାମେରାରେ କଏଦ ହୋଇଛି। ସୋସିଆଲ୍ ମିଡିଆରେ ଭିଡିଓକୁ ଦେଖି ଅନେକେ ଏହାକୁ ଜାଣିଶୁଣି ଧକ୍କା ଦେବା ଭଳି ଘଟଣା ବୋଲି ମତ ଦେଇଛନ୍ତି। ତେବେ ଏହା ଉଦ୍ଦେଶ୍ୟମୂଳକ ଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ପରିବାର ଅନୁସାରେ, ଦୁର୍ଘଟଣା ପରେ ସିଆ ପ୍ରଥମେ ନିଜ ଶରୀରରେ ଆଘାତ ଲାଗିଛି କି ନାହିଁ ଯାଞ୍ଚ କରିଥିଲେ। ତାଙ୍କ ସୁରକ୍ଷା ସାମଗ୍ରୀ ଯୋଗୁଁ ଆଘାତ ଗୁରୁତର ହୋଇନଥିଲା। କେବଳ ହାତ ଓ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଛି। ଦୁର୍ଘଟଣା ସମୟରେ ପଛରେ କୌଣସି ଭାରୀ ଯାନ ନ ଥିବାରୁ ବଡ଼ ବିପଦ ଟଳିଥିବା ତାଙ୍କ ସାଙ୍ଗମାନେ କହିଛନ୍ତି। ଘଟଣାରେ ଧଳା ସେଡାନ୍ ଚଳାଉଥିବା କଲ୍ୟାଣ ବୈନ୍ସଲାଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରାଯାଇଛି। ଘଟଣା ପରେ ସେ ନିଜ ସୋସିଆଲ୍ ମିଡିଆ ଖାତା ନିଷ୍କ୍ରିୟ କରିଦେଇଥିବା ଜଣାପଡ଼ିଛି। ତାଙ୍କୁ ଧରିବା ପାଇଁ ପୁଲିସ ୩ଟି ଟିମ୍ ଗଠନ କରିଛି। କାର୍‌ର ମାଲିକ ହରିୟାଣାର ପାଲୱାଲ୍ ବାସିନ୍ଦା ମନୀଷ ବୋଲି ପୁଲିସ ସୂଚନାରୁ ଜଣାପଡ଼ିଛି। ତାଙ୍କ କହିବା ଅନୁସାରେ, ତାଙ୍କ ବନ୍ଧୁ ରବିବାର କାର୍‌ଟି ନେଇ ଯାଇଥିଲେ ଏବଂ ଭିଡିଓ ଭାଇରାଲ୍ ହେବା ପରେ ସେ ଘଟଣା ସମ୍ପର୍କରେ ଜାଣିଥିଲେ।


**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 5571, dated 09.09.2026, I am Prafulla Kumar Das, S/o- Srimanta Das, At-Bagrukhi,Po -Baitpur, PS-Bhograi District-Balsore, Odisha, pin-756035 declare that, I have changed my minor daughter name from Manalisa Das to Monalisa Das.Henceforth, she shall be known as **Monalisa Das** for all purpose.

**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 2403, dated 01.09.2026, I Saharuk Beg S/o Taraf Beg, At-Purusottampur, Po-Kakhada PS- Bhograi District-Balsore, Odisha, pin-756039 declare that, I have changed my name from Saruba Beg to Saharuk Beg .Henceforth, I shall be known as **Saharuk Beg** for all purposes.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାତୀୟ ହାରଠାରୁ...

୪.୩୧ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ମୁଦ୍ରାସ୍ଫୀତିକୁ ମାପୁଥିବା କଞ୍ଜ୍ୟୁମର ଫୁଡ୍ ପ୍ରାଇସ୍ ଇଣ୍ଡେକ୍ସ (ସିଏଫ୍‌ପିଆଇ) ଜୁଲାଇରେ ୫.୫୨ ପ୍ରତିଶତ ଥିବାବେଳେ ଅଗଷ୍ଟରେ ୫.୯୫ ପ୍ରତିଶତକୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୧୩ ପ୍ରତିଶତ ଏବଂ ସହରାଞ୍ଚଳରେ ୫.୬୪ ପ୍ରତିଶତ ରହିଛି।

ଅଗଷ୍ଟରେ ଅଲ୍ ଇଣ୍ଡିଆ କଞ୍ଜ୍ୟୁମର ପ୍ରାଇସ୍ (ସିପିଆଇ) ୧୦୭.୯୫ରୁ ବଢ଼ି ୧୦୮.୬୪ରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ୧୦୮.୩୪ରୁ ୧୦୯.୨୭କୁ ଏବଂ ସହରାଞ୍ଚଳର ୧୦୭.୪୫ରୁ ୧୦୮.୦୭କୁ ବୃଦ୍ଧି ପାଇଛି। ଅଦା, ପିଆଜ, ରଶୁଣ ଆଦିର ମୂଲ୍ୟ ୪୩ ପ୍ରତିଶତରୁ ୭୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ସମୟରେ ସୁନା, ହୀରା ଓ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ପାଖାପାଖି ୩୫% ଯାଏ ବଢ଼ିଛି। ଅନ୍ୟପକ୍ଷରେ ପ୍ରସାଧାନ, ଔଷଧ ଆଦିରେ ୧୫.୧୭% ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ରେସ୍ତୋରାଁ ଓ ହୋଟେଲ ସେବାରେ ଏହା ୮.୩୮ ପ୍ରତିଶତ, ଖାଦ୍ୟ ଓ ପାନୀୟରେ ୫.୬୬ ପ୍ରତିଶତ ଏବଂ ପରିବହନ କ୍ଷେତ୍ରରେ ୪.୬୦ ପ୍ରତିଶତ ରହିଛି। ଶିକ୍ଷା ସେବାରେ ୩.୬୩ ପ୍ରତିଶତ, ପୋଷାକ ଓ ଜୋତାରେ ୩.୫୬ ପ୍ରତିଶତ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ୧.୩୪ ପ୍ରତିଶତ ମୁଦ୍ରାସ୍ଫୀତି ରହିଛି।

## ଅର୍ଥନୈତିକ ଅବରୋଧ...

ସଂଶୋଧନ କରାଯାଇଛି ଓ କେଉଁ ଅଦୃଶ୍ୟ କାରଣରୁ କେନ୍ଦ୍ର ସରକାର ପୁଞ୍ଜିପତି, ଖଣି ମାଲିକଙ୍କୁ ବକେୟା ଅର୍ଥରାଶି ଛାଡ଼ିଦେଲେ ତାହା ଜାଣିବାର ଅଧିକାର ରାଜ୍ୟବାସୀଙ୍କର ରହିଛି ବୋଲି ଡ଼. ସାହୁ କହିଛନ୍ତି ।ଦିଆଗଲା ବୋଲି ଡଃ ସାହୁ ଅଭିଯୋଗ କରିଛନ୍ତି।

ଏହି ଆଇନ୍ ସଂଶୋଧନ ଦ୍ୱାରା ଖଣି ମାଲିକ ମାନେ ଲାଭବାନ ହେଲେ। ଖଣି ଓ ଖଣିଜ ସମ୍ପଦ ପରିପୂର୍ଣ୍ଣ ଜମିର ଅଧିକାର ରାଜ୍ୟଠାରୁ କେନ୍ଦ୍ର ସରକାର ଛଡ଼ାଇନେଲେ। ଏହା ପରେ ବି ରାଜ୍ୟ ବିଜେପି ସରକାରଙ୍କ ସ୍ୱାଭିମାନ ଜାଗ୍ରତ ହେଉନାହିଁ। ରାଜ୍ୟ ସ୍ୱାବଲମ୍ବୀ ହେବା ପାଇଁ ପ୍ରକୃତି ଦେଇଥିବା ସମ୍ବଳ ଆଉ ଆମ ହାତରେ ରହିବ ନାହିଁ। ତେଣୁ ଏମଏମଡିଆର ଆଇନ ସଂଶୋଧନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡି ଦାବି କରୁଛି। ଏହାକୁ ପ୍ରତ୍ୟାହାର ନ କଲେ ବିଜେଡି ରାଜ୍ୟରେ ଅର୍ଥନୈତିକ ଅବରୋଧ କରିବ ବୋଲି ଡ଼.ସାହୁ କହିଛନ୍ତି ।

### ବନ୍ୟା ପରେ ନେପାଳକୁ ଦୈନିକ ୬୫୪ ମେଗାୱାଟ୍ ବିଦ୍ୟୁତ୍ ଦେବ ଭାରତ

## ୨୮ ଲକ୍ଷ ଘରର ଆବଶ୍ୟକତା ମେଣ୍ଟାଇବ

ନୂଆଦିଲ୍ଲୀ/କାଠମାଣ୍ଡୁ, ୧୪।୯(ଏଜେନ୍ସି): ସାମ୍ପ୍ରତିକ ବନ୍ୟାରେ ନେପାଳର ଜଳବିଦ୍ୟୁତ୍ ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହେବା ପରେ ଭାରତ ସହାୟତାର ହାତ ବଢ଼ାଇଛି। ଭାରତୀୟ ବିଦ୍ୟୁତ୍ ମନ୍ତ୍ରଣାଳୟ ନେପାଳକୁ ପ୍ରତିଦିନ ୬୫୪ ମେଗାୱାଟ୍ ବିଦ୍ୟୁତ୍ ଯୋଗାଣକୁ ଅନୁମୋଦନ କରିଛି। ଡିସେମ୍ବର ୩୧, ୨୦୨୬ ପର୍ଯ୍ୟନ୍ତ ଦୈନିକ ୧୮ ଘଣ୍ଟା—ମଧ୍ୟରାତ୍ରିରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ—ଏହି ବିଦ୍ୟୁତ୍ ଯୋଗାଣ ହେବ। ଏତେ ପରିମାଣର ବିଦ୍ୟୁତ୍ ନିରବଚ୍ଛିନ୍ନ ଭାବେ ମିଳିଲେ ପ୍ରାୟ ୨୮ ଲକ୍ଷ ପରିବାରର ବାର୍ଷିକ ବିଦ୍ୟୁତ୍ ଆବଶ୍ୟକତା ପୂରଣ ହୋଇପାରିବ। ଅଗଷ୍ଟ ୨୬ର ବନ୍ୟାରେ ନେପାଳର ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରଭାବିତ ହେବାରୁ ଦେଶର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ହ୍ରାସ ପାଇଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୩-୨୪ରେ ଭାରତ ନେପାଳକୁ ପ୍ରାୟ ୧୮ କୋଟି ୟୁନିଟ୍ ବିଦ୍ୟୁତ୍ ଯୋଗାଇଥିଲା। ଏହାର ହାରାହାରି କ୍ଷମତା ପ୍ରାୟ ୨୦୬ ମେଗାୱାଟ୍ ଥିଲା। ଶୀତ ଋତୁରେ ନେପାଳ ଭାରତରୁ ବିଦ୍ୟୁତ୍ ଆମଦାନି କରୁଥିବା ବେଳେ ବର୍ଷା ଋତୁରେ ନିଜ ଅତିରିକ୍ତ ବିଦ୍ୟୁତ୍ ଭାରତକୁ ବିକ୍ରି କରିଥାଏ। ବନ୍ୟା ଯୋଗୁଁ ନେପାଳର ଭୋଟେକୋଶୀ ନଦୀ ଅଞ୍ଚଳର ଶକ୍ତି କ୍ଷେତ୍ରରେ ପ୍ରାୟ ୯୯୭ ନିୟୁତ ଡଲାରର କ୍ଷତି ହୋଇଛି। ଏହା ଫଳରେ ବାର୍ଷିକ ପ୍ରାୟ ୨, ୫୨୦ ଗିଗାୱାଟ୍ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବାର ଆକଳନ କରାଯାଇଛି। ନେପାଳର ଜାତୀୟ ବିପର୍ଯ୍ୟୟ ଝୁମ୍ପ ହ୍ରାସ ଓ ପରିଚାଳନା ପ୍ରାଧିକରଣ ଅନୁସାରେ, ବନ୍ୟାରେ ମୋଟ କ୍ଷୟକ୍ଷତି ପ୍ରାୟ ୨.୭ ବିଲିୟନ୍ ଡଲାର ରହିଛି। ଭିତ୍ତିଭୂମି କ୍ଷେତ୍ରରେ ସର୍ବାଧିକ କ୍ଷତି ହୋଇଥିବା ବେଳେ ପ୍ରାୟ ୬୯ କିଲୋମିଟର ରାସ୍ତା ନଷ୍ଟ ହୋଇଛି।

## ମହାରାଷ୍ଟ୍ରରେ ଶୀତକାଳୀନ ଅଧିବେଶନରେ ଆସିପାରେ ୟୁସିସି ବିଲ୍: ଫଡନାଭିସ୍

ମୁମ୍ବାଇ, ୧୪।୯(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଆଗତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛି। ସୋମବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏହା କହିଛନ୍ତି। ୟୁସିସି ପାଇଁ ଗଠିତ ୭ ଜଣିଆ କମିଟି ରିପୋର୍ଟ ଦେବା ପରେ ସରକାର ଆଗକୁ ବଢ଼ିବ ବୋଲି ଫଡନାଭିସ୍ କହିଛନ୍ତି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିକୁ ଜୁଲାଇରେ ୬ ମାସ ମଧ୍ୟରେ ସୁପାରିସ ଦେବାକୁ ସମୟ ଦିଆଯାଇଛି। ଫଡନାଭିସ୍ କହିଛନ୍ତି, କମିଟି ଏବେ ୟୁସିସିର ରୂପରେଖା ପ୍ରସ୍ତୁତ କରୁଛି। ରିପୋର୍ଟ ମିଳିବା ପରେ ଏହାର ଆଧାରରେ ବିଧାନସଭାରେ ବିଲ୍ ଆଗତ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିକଟରେ କହିଥିଲେ ଯେ ୨୦୨୯ ପୂର୍ବରୁ ବିଜେପି-ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଥିବା ୨୧ଟି ରାଜ୍ୟରେ ୟୁସିସି ଲାଗୁ କରାଯିବ। ଏହା ପୂର୍ବରୁ ଉତ୍ତରାଖଣ୍ଡ, ଗୁଜରାଟ ଓ ଆସାମ ୟୁସିସି ସମ୍ପର୍କିତ ଆଇନ ପାସ୍ କରିସାରିଛନ୍ତି।


## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଡୁଙ୍ଗୁରିପାଲି

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ "ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ମାଁ ସୁରେଶ୍ୱରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇ ସୁଖ ଓ ସମୃଦ୍ଧି କରନ୍ତୁ ଏହାହିଁ ପ୍ରାର୍ଥନା ।

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି**
**ଡୁଙ୍ଗୁରିପାଲି**

**ଅଧ୍ୟକ୍ଷ**
**ନିୟନ୍ତ୍ରିତ ବଜାର କମିଟି**
**ଡୁଙ୍ଗୁରିପାଲି**

## ନୁଆଖାଇ ଜୁହାର

BALANGIR

ISO 9001 QCERT Certified quality system

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୁଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ

# ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା; ପୁରପଲ୍ଲୀ ଉତ୍ସବମୁଖର



କେନ୍ଦୁଝର, ୧୪।୯ (ସମିସ)

କେନ୍ଦୁଝର ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଆରାଧନା ଧୁମଧାମରେ କରାଯାଉଛି। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ପୂଜା କମିଟି, କ୍ଲବ, ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ କେତେକ ବ୍ୟବସାୟିକ ପ୍ରତିଷ୍ଠାନରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଛି।

କେନ୍ଦୁଝର ସଦର ମହକୁମାର କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଡେଲି ମାର୍କେଟ ଗଣେଶପୂଜା କମିଟି, ପ୍ରାଇଭେଟ୍ ବସଷ୍ଟାଣ୍ଡରେ ଥିବା ରେକ୍ସ କ୍ଲବ୍ ପୂଜା କମିଟି, ମାଇନିଂ ରୋଡ ପିପୁଲ୍ସ କ୍ଲବ, କାଶିପୁର ଲକ୍ଷ୍ମୀପଡ଼ିଆ ଗଣେଶ ପୂଜା କମିଟି, ମଣ୍ଡୁଆ ଗଣେଶ ପୂଜା କମିଟି, ବଣିଆପାଟ ୟୁଥ୍ କ୍ଲବ ଗଣେଶ ପୂଜା କମିଟି, କଲେଜ ରୋଡ ଗଣେଶ ପୂଜା କମିଟି, ଗଣପତି କ୍ଲବ ବଡ଼ହଳ, ଗୌରଡୋଟା ଗଣେଶ ପୂଜା କମିଟି, ସାମନ୍ତରାୟପୁର ଗଣେଶ ପୂଜା କମିଟି, ଫରେଷ୍ଟ କଲୋନୀ ଗଣେଶ ପୂଜା କମିଟି, ଯୁବ କଂଗ୍ରେସ କାର୍ଯ୍ୟାଳୟ, ଧରଣୀଧର ବିଶ୍ୱ ବିଦ୍ୟାଳୟର ବିଭିନ୍ନ ବିଭାଗ, ଡିଡି ୟୁନିଭରସିଟିର ଏଫ୍ଏମ୍ ଛାତ୍ରାବାସ, ଦି ବେଷ୍ଟ କୋଚିଂ ସେଣ୍ଟର, ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ଜୁନିୟର କମର୍ସ କଲେଜ,ସିଟିଜି ଫାଉଣ୍ଡେସନ,ବୀରବରପୁର କଂସାରୀସାହି,କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ,କେନ୍ଦୁଝର ଇଞ୍ଜିନିୟରିଂ କଲେଜ ଡିପ୍ଲୋ, ଡିଏନ୍ ହାଇସ୍କୁଲ,କେନ୍ଦୁଝର ଜିଲ୍ଲା ବାର ଆସୋସିଏସନ, ନରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସାଇ ପ୍ରେରଣା କୋଚିଂ ସେଂଟର,ପାୱାର ହାଉସ୍ ପୋଖରୀ ନିକଟ ଗଣେଶ ପୂଜା କମିଟି, ମାଇନିଂ ରୋଡ ପିପୁଲ୍ସ କ୍ଲବ, ଇ ଫରଚୁନ କମପୁଟର ଶିକ୍ଷାକେନ୍ଦ୍ର, ପ୍ରଭାଷ ମଞ୍ଜରୀ ଆଇନ ମହାବିଦ୍ୟାଳୟ, ରାଇସୁଆଁ ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ସହରର ମାଧପୁର ଶ୍ରୀଗଣେଶ କ୍ଲବ୍ ପକ୍ଷରୁ ଗଣେଶ ପୂଜାର ବ୍ୟାପକ ଆୟୋଜନ କରାଯାଇଥିବାବେଳେ ସୁଦୃଶ୍ୟ ମେଢ଼ ଓ ତୋରଣ ଆକର୍ଷିତ କରିଛି। ସହରର ପୂଜା ମେଢ଼ ବୁଲିଦେଖିବା ପାଇଁ ଅପରାହ୍ଣରୁ ଭିଡ଼ ହୋଇଥିବାବେଳେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

**ଚମ୍ପୁଆ :** ବିଘ୍ନବିନାଶକ ଶ୍ରୀଗଣେଶଙ୍କ ଆରାଧନାରେ ଆଜି ଚମ୍ପୁଆର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ଶ୍ରଦ୍ଧା ଓ ଭକ୍ତିର ସହ ପୂଜାମଣ୍ଡପଗୁଡ଼ିକରେ ବିଘ୍ନରାଜଙ୍କ ପୂଜାର୍ଚ୍ଚନା କରାଯାଇଛି। ଚମ୍ପୁଆ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ବିଭିନ୍ନ କ୍ଲବ, ଅନୁଷ୍ଠାନ ଓ ପୁରପଲ୍ଲୀରେ ମଧ୍ୟ ଆକର୍ଷଣୀୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଇଥିଲା। ସକାଳୁ ପୂଜାମଣ୍ଡପଗୁଡ଼ିକରେ ବିଧିବିଧାନ ଅନୁଯାୟୀ ପୂଜା, ହୋମ ଓ ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ହୋଇଥିଲା। ଗଣେଶଙ୍କ ଦର୍ଶନ ପାଇଁ ବିଭିନ୍ନ ସ୍ଥାନରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା। ପୂଜାକୁ ନେଇ ଛାତ୍ରଛାତ୍ରୀ, ଯୁବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା।



## ଗଣେଶ ଚତୁର୍ଥୀରେ ବାଲିବନ୍ଧ ଜଙ୍ଗଲରେ ନୂଆ ଅତିଥି



ମା' ଓ ଶାବକ ସୁସ୍ଥ

ଚମ୍ପୁଆ,୧୪।୯ (ସମିସ): ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଚମ୍ପୁଆ ରେଞ୍ଜର ଜଙ୍ଗଲରୁ ଆସିଛି ଖୁସି ଖବର। ବାଲିବନ୍ଧ ସେକ୍ସନ ଅନ୍ତର୍ଗତ ବାସୁଦେବପୁର ନିକଟସ୍ଥ ଜଙ୍ଗଲରେ ଏକ ହାତୀ ଶାବକ ଜନ୍ମ ନେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ନବଜାତ ଶାବକ ସହ ମା' ହାତୀ ଉଭୟ ସୁସ୍ଥ ଥିବା ବେଳେ ଜଙ୍ଗଲରେ ସ୍ୱଚ୍ଛନ୍ଦ ଭାବେ ଚଳପ୍ରଚଳ କରୁଛନ୍ତି। ଏହି ନୂଆ ଶାବକର ଜନ୍ମ ଚମ୍ପୁଆ ଜଙ୍ଗଲରେ ହାତୀଙ୍କ ସଂଖ୍ୟା ବୃଦ୍ଧିର ଆଉ ଏକ ସଙ୍କେତ ବୋଲି ପରିବେଶପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚା ହେବା ସହ ଆନନ୍ଦ ପ୍ରକାଶ ପାଇଛି। ତେବେ ମା' ଓ ଶାବକ ହାତୀ ଚଳାଚଳ କରୁଥିବା ସମୟରେ ୫୨୦ ନମ୍ବର ଜାତୀୟ ରାଜପଥ ନିକଟକୁ ଆସିଥିଲେ। ଖବର ପାଇ ବନ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ସୁରକ୍ଷିତ ଭାବେ ରାସ୍ତା ପାର କରାଇଥିଲେ। ଚମ୍ପୁଆ ବନାଞ୍ଚଳ ଅଧିକାରୀ ସାଗର ରାଜ ନାୟକଙ୍କ ସୂଚନା ଅନୁଯାୟୀ, ମା' ଓ ଶାବକ ହାତୀର ଗତିବିଧି ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଛି। ଜାତୀୟ ରାଜପଥ ନିକଟରେ ହାତୀଙ୍କ ଚଳାଚଳ ଯୋଗୁଁ କୌଣସି ଅପ୍ରୀତିକର ଘଟଣା ନ ଘଟିବ, ସେଥିପାଇଁ ବିଭାଗ ପକ୍ଷରୁ ନଜରଦାରି ଜାରି ରହିଛି।

## ଶତ୍ରୁଘ୍ନ ସାହୁଙ୍କୁ ରାଷ୍ଟ୍ର ନିର୍ମାଣ ପୁରସ୍କାର



ଆନନ୍ଦପୁର,୧୪।୯ (ସମିସ): ଘସିପୁରାସ୍ଥିତ ପିଏମ୍ଶ୍ରୀ ସରକାରୀ ଝାଡ଼େଶ୍ୱର ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଆୟୋଜିତ ମାତୃବନ୍ଦନା କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ନିଷ୍ଠାପର ଓ ଉତ୍କୃଷ୍ଟ ସେବା ପାଇଁ ଧକୋଠା ସରକାରୀ ହାଇସ୍କୁଲ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁଙ୍କୁ ରାଷ୍ଟ୍ରନିର୍ମାଣ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି। ରୋଟାରିଆନ ଡ.ସୁମିତ୍ରା ମିଶ୍ରଙ୍କ ପୌରୋହିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ଗଙ୍ଗାଧର ମିଶ୍ର ସଞ୍ଚାଳନ କରିଥିଲେ। ଡିଜି ଅନୀଲ ସାମଲ, ପିଡିଜି ଯୋଗ୍ୟଶିଷ ମହାପାତ୍ର, ଡିଜିଇ ଇନ୍ଦ୍ରଜିତ ସାହୁ, ସଭାପତି ବିଘ୍ନେଶ୍ୱର ବେହେରା ସମ୍ପାଦକ ଉଦୟପତି, ରୋଟାରିଆନ ନରେନ୍ଦ୍ର ପ୍ରସାଦ ସାହୁ, ଅବସରପ୍ରାପ୍ତ ବିଇଓ ଉମାକାନ୍ତ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ବୀଣା ଆଦିତି ପରିଡ଼ାଙ୍କ ସଂଯୋଜନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଘସିପୁରାରେ ସାର୍ବଜନୀନ ଗଣେଶ ପୂଜା



ଆନନ୍ଦପୁର,୧୪।୯ (ସମିସ): ଘସିପୁରାରେ ସାର୍ବଜନୀନ ଗଣେଶ ପୂଜା କମିଟି ପକ୍ଷରୁ ଶ୍ରୀଗଣପତିଙ୍କ ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ପ୍ରଥମେ କଳସ ଯାତ୍ରା ଅନୁଷ୍ଠିତ ହେବା ପରେ ବୈତରଣୀ ନଦୀ କୂଳରେ ପୂଜା ନୀତି ଅନୁଯାୟୀ କଳସରେ ଜଳ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନା କରାଯାଇଥିଲା। ସମସ୍ତ କମିଟି ସଦସ୍ୟଙ୍କ ଉପସ୍ଥିତିରେ ପୂଜାକୁ ମହାଆଡ଼ମ୍ବର ସହକାରେ ପାଳନ କରାଯାଇଛି। ତା' ପରେ ପ୍ରସାଦ ବିତରଣ କରାଯାଇଥିଲା। କମିଟି ସଂଯୋଜକ ଆଶିଷ ବେହେରା ସଂକଳ୍ପ ଦାୟିତ୍ୱ ନିର୍ବାହ କରିଥିବାବେଳେ କମିଟି ଉପଦେଷ୍ଟା ରଶ୍ମିରଞ୍ଜନ ନନ୍ଦ, ଉପଦେଷ୍ଟା ଦୀପକ ଜେନା, ସଭାପତି ପୋଲୋଷ୍ଟ୍ୟ ସାହୁ, ସମ୍ପାଦକ ମଙ୍ଗଳ ପ୍ରସାଦ ନାୟକ, ସୌଭାଗ୍ୟ ରାଉତ, ଅମୀୟ ମିଶ୍ର, ମାନସ କୁମାର ସାହୁ, ଦୀପକ କୁମାର ସାହୁ, ପଙ୍କଜ ସାହୁ, ସଦାଶିବ ସାହୁ, ମନ୍ମଥ ସାହୁ, ଜୟନ୍ତ ସାହୁ, ବିପିନ ପଣ୍ଡା, ଅମୟ ସାହୁ, ଭବଭୂତି ସାହୁ, ମାନସ ରଞ୍ଜନ ସାହୁ, ଦିଲ୍ଲୀପ ବେହେରା, ଲାଲଟୁ ନାହାକ, ନୀଳ ମାଧବ ସାହୁ, ନରେନ୍ଦ୍ର ଦାସ, ଜୟନ୍ତ ସାହୁ,ରଜତ ଖଟୁଆ, ସ୍ୱାଧୀନ ଖଟୁଆ, ଦୀପକ ଖଟୁଆ, ଲୋକନାଥ ସେଠୀ, ଦୀପକ ମହାରଣା, ରତିକାନ୍ତ ସାହୁ, ସୁଜିତ୍ ସାହୁ, ତାରିଣୀ ପ୍ରସାଦ ବେହେରା, ରାଜ କିଶୋର ସାହୁ, ଅନୀଲ କୁମାର ନାୟକ, ମିଲୁ ନାହାକ, ସୁବ୍ରତ ବେହେରା, ସରୋଜ ସାହୁ, ରଞ୍ଜନ ସାହୁ, ତାପସ ପଢ଼ିଆରି, ତ୍ରିଲୋଚନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ରାସ୍ତାରେ ଚିପ୍ସ, ବାଲି ଗଦା ଯୋଗୁଁ ହୋଇଛି ଦୁର୍ଘଟଣା'

କେନ୍ଦୁଝର,୧୪।୯ (ସମିସ): କେନ୍ଦୁଝର ସହର ମାଇନିଂରୋଡ ରାସ୍ତାରେ ଚଳିତ ମାସ ୨ ତାରିଖ ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ରାସ୍ତା ଉପରେ ପଡ଼ିଥିବା ଚିପ୍ସ ଓ ବାଲି ଗଦାରେ ସ୍ଲିପ ହୋଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଘଟଣାକୁ ନେଇ ଟାଉନ ପୁଲିସ ଏକ ମାମଲା ରୁଜୁ କରି ମୃତ୍ୟୁର କାରଣ ନେଇ ତଦନ୍ତ କରୁଥିଲା। ତଦନ୍ତ ବେଳେ ଟାଉନ ପୁଲିସ ଉକ୍ତ ସ୍ଥାନରେ ଚିପ୍ସ ଓ ବାଲି କେଉଁଠୁ ଆସିଲା ଏବଂ କିଏ ପକାଇଥିଲା ତାହାର ରିପୋର୍ଟ କେନ୍ଦୁଝରଗଡ଼ ନିର୍ବାହୀ ଅଧିକାରୀଙ୍କୁ ଗତ ତାରିଖ ଦିନ ମାଗିଥିଲେ। ପୁଲିସ ରିପୋର୍ଟକୁ ଭିତ୍ତି କରି କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ୪ଜଣ ଅଧିକାରୀଙ୍କୁ ନେଇ ଯୁଗ୍ମ ତଦନ୍ତ କରାଯାଇଥିଲା। ଏନ୍ଫୋର୍ସମେଣ୍ଟ ଅଫିସର, ଆସିଷ୍ଟାଣ୍ଟ ପ୍ଲାନିଂ ଅଫିସର, ଅମିନ, ଟାକ୍ସ କଲେକ୍ଟର ରିପୋର୍ଟକୁ ଟାଉନ ପୁଲିସକୁ ଶନିବାର ପ୍ରଦାନ କରାଯାଇଛି ବୋଲି କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି। ଉକ୍ତ ରିପୋର୍ଟରେ ଦୁର୍ଘଟଣାସ୍ଥଳ ନିକଟରେ କୋଠା ନିର୍ମାଣ କରୁଥିବା ବ୍ୟବସାୟୀଙ୍କ ସଂପୃକ୍ତି ଜଣାପଡ଼ିଥିଲା। ଏହାକୁ ନେଇ ପୌରପାଳିକା ପକ୍ଷରୁ ୧୧ହଜାର ଟଙ୍କା ଫାଇନ କରାଯିବା ସହ ପୁଲିସକୁ ବ୍ୟବସାୟୀଙ୍କର ସାମଗ୍ରୀ ପଡ଼ିଥିବା ଅବଗତ କରାଯାଇଛି। ୩ ତାରିଖ ଦିନ ବ୍ୟବସାୟୀ ପ୍ରଫୁଲ୍ଲ ପଣ୍ଡାଙ୍କ ପୁଅ ସୌମ୍ୟ ପ୍ରକାଶ ପଣ୍ଡା ଆଉ ସେଠାରେ ଚିପ୍ସ ଓ ବାଲି ପକାଇବେ ନାହିଁ ଏକ ଲିଖିତ ଦରଖାସ୍ତ ଦେଇ ନିଜ ଦୋଷ ମାନିଛନ୍ତି। ତେବେ ଏହି ଘଟଣାକୁ ନେଇ ପୁଲିସ ପରବର୍ତ୍ତୀ ପଦକ୍ଷେପ କ'ଣ ତାହା ଉପରେ ସମସ୍ତଙ୍କର ନଜର ରହିଛି। ଅନ୍ୟପକ୍ଷରେ ବ୍ୟବସାୟୀଙ୍କର ଅବହେଳା ଯୋଗୁଁ କଲେଜ ଛାତ୍ର ଶୁଭ୍ରାଂଶୁ ବେହେରା(୨୨)ଙ୍କ ଅକାଳରେ ଜୀବନ ଗଲା। ଏ ନେଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କ୍ଷତିଗ୍ରସ୍ତ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି। ପରିବାରର ଏକ ମାତ୍ର ସାହା ଭରସାକୁ ହରାଇ ମା' ସ୍ମିତାରାଣୀ ବେହେରା ଭାଙ୍ଗି ପଡ଼ିଛନ୍ତି। ଏହାର ତଦନ୍ତ ମାନବାଧିକାର କମିଶନ ତଦନ୍ତ କରିବାକୁ ଦାବି ହେଉଛି। ମୃତ ଛାତ୍ର ବାଂଶପାଳ ବ୍ଲକ୍ ପାଟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ବାଣିଜ୍ୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପାଠ ପଢୁଥିଲେ।

**ଛାତ୍ର ମୃତ୍ୟୁ ଘଟଣା ନେଇ ପୁଲିସକୁ ପୌରପାଳିକାର ରିପୋର୍ଟ**

## ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ



ତୁରୁମୁଙ୍ଗା,୧୪।୯ (ସମିସ): ପୋଷ୍ଟ ଅଫିସ୍ ଉପରେ ଭରସା କରି ନିଜର କଷ୍ଟାର୍ଜିତ ଟଙ୍କା ଜମା ରଖିଥିଲେ ଜମାକାରୀ। ହେଲେ ଏବେ ସେହି ଜମା ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ଆସିବା ପରେ ଜମାକାରୀ ଚିନ୍ତାରେ ପଡ଼ିଛନ୍ତି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ପୋଷ୍ଟ ଅଫିସରେ ଜମାକାରୀଙ୍କ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜମା ରାଶି ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି। ପୂର୍ବତନ ପୋଷ୍ଟମାଷ୍ଟର ବିଜ୍ଞାନ ନାଏକ ଜମାକାରୀଙ୍କ ଟଙ୍କାକୁ ଜମା ଖାତାରେ ଜମା ନକରି ନିଜେ ହଡ଼ପ କରିଥିବା ଅଭିଯୋଗ ଆଣିଛନ୍ତି ଜମାକାରୀ। ନିଜର କଷ୍ଟାର୍ଜିତ ଅର୍ଥକୁ ସୁରକ୍ଷିତ ଭାବି ପୋଷ୍ଟ ଅଫିସରେ ଜମା ରଖିଥିବା ଲୋକଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟଙ୍କା ହରାଇବା ଅଭିଯୋଗ ପରେ ଅନେକ ଜମାକାରୀ ମାନସିକ ଚାପରେ ଥିବା କହିଛନ୍ତି। ନିଜର ଜମା ଟଙ୍କା ତୁରନ୍ତ ଫେରସ୍ତ କରିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଜମାକାରୀ ସୁଲେଖା ସାହୁ ଶୈଳବାଳା ବେହେରା, ସରୋଜ କୁମାର ସାହୁ, ବାବୁରାମ ସାହୁ, ସରୋଜିନୀ ସାହୁ ପ୍ରମୁଖ ଜିଲ୍ଲା ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ସର୍ବେଶ୍ୱର ବଳିଆର ସିଂଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ ହେବା ସହ ପୋଷ୍ଟ ମାଷ୍ଟର ବିଜ୍ଞାନ ନାଏକ ଙ୍କୁ ନିଲମ୍ବିତ କରାଯାଇଛି ଅର୍ଥ ଆଦାୟ ପାଇଁ ତାଙ୍କୁ ନୋଟିସ କାରାଯାଉଛି ମାତ୍ର ସେ ଫେରାର ଥିବା ଜଣା ପଡ଼ିଛି ବୋଲି ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ସର୍ବେଶ୍ୱର ବଳିଆର ସିଂ କହିଛନ୍ତି। ଡାକ ବିଭାଗ ଜମାକାରୀଙ୍କ କଷ୍ଟାର୍ଜିତ ଟଙ୍କା ତୁରନ୍ତ ନ ଫେରାଇଲେ ଆନ୍ଦୋଳନ କରାଯିବ ବୋଲି ଜମାକାରୀ କହିଛନ୍ତି।

## ମଦନପୁର-ଗୋଡ଼ିପାଟଣାରେ ଶ୍ରୀଗଣେଶ ପୂଜା ଉତ୍ସବ



ଆନନ୍ଦପୁର,୧୪।୯ (ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର-ଗୋଡ଼ିପାଟଣାଠାରେ ପୂର୍ବ ବର୍ଷମାନଙ୍କ ଭଳି ଏଥର ମଧ୍ୟ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମଦନପୁର ଓ ଗୋଡ଼ିପାଟଣା, ଦୁଇଟି ଯାକ ରାଜସ୍ୱ ମୌଜାର ଶତାଧିକ ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ଦ୍ୱାରା ଗୋଡିପାଟଣା ଖେଳପଡ଼ିଆରେ ଏହି ସମାରୋହ ଅନୁଷ୍ଠିତ ହେଇଥିଲା। ସର୍ବଶ୍ରୀ ହୃଦାନନ୍ଦ କୁଅଁର, ସୁବ୍ରତ ବେହେରା, ସୌମ୍ୟରଞ୍ଜନ ବେହେରା, ସିପୁନ ବେହେରା, ଜଗନ୍ ବେହେରା, ରଞ୍ଜନ ପରିଡ଼ା, ପିଣ୍ଟୁ ମହାରଣା, ସୁଦର୍ଶନ ସାହୁ, ମନୋରଞ୍ଜନ ମହାରଣା, ସିପୁନ ସାହୁ, ସରୋଜ ସାହୁ, ଜଗବନ୍ଧୁ ସାହୁ, ଦୀପୁନା ମହାରଣା, ବାପୁ ସାହୁ, ଓମ୍ ପ୍ରକାଶ ମହାରଣା ପ୍ରମୁଖଙ୍କ ସହଯୋଗରେ ପୂଜା କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥିବାରୁ ଗ୍ରାମ ଦ୍ୱୟର ଅଧିବାସୀବୃନ୍ଦ ଦୁଇଟିଯାକ ଗ୍ରାମର ଯୁବକମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

## ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାର୍ଚ୍ଚନା

ତୁରୁମୁଙ୍ଗା,୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଞ୍ଚଳ ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ପାଟଣା, ତୁରୁମୁଙ୍ଗା ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମ ସହ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନ, ଘରୋଇ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ କ୍ଲବରେ ମହାଡ଼ମ୍ବର ସହ ଗଣେଶ ପୂଜା ସମ୍ପନ୍ନ ହୋଇଛି। ତୁରୁମୁଙ୍ଗାସ୍ଥିତ ହାପି କ୍ଲବ ପକ୍ଷରୁ ସୁଉଚ୍ଚ ତୋରଣ ସାଙ୍ଗକୁ ଆକର୍ଷଣୀୟ ମୂର୍ତ୍ତିକୁ ପୂଜା ପାଉଛନ୍ତି। ଏଥିସହ ଆକର୍ଷଣ ପାଇଁ ଚଳିତବର୍ଷ ପ୍ରଥମ ଥର ପାଇଁ ରାମ ସେତୁ ନିର୍ମାଣ ସମୟର କାଳ୍ପନିକ ଚିତ୍ରକୁ ପ୍ରଦର୍ଶନ କରାଯାଇଛି। କ୍ଲବ୍ର ସଭାପତି ଗୁରୁଦେବ ସାହୁ, ପ୍ରଦୀପ କୁମାର ସାହୁ, ସାଇବ ସାହୁ, ସୁଧାରଞ୍ଜନ ସେଠୀ, ସତ୍ୟବ୍ରତ ସାହୁ, ବିଜୟ ମହାନ୍ତ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ତୁରୁମୁଙ୍ଗା ଫ୍ରେଣ୍ଡସିପ୍ କ୍ଲବ୍ ପକ୍ଷରୁ ମଧ୍ୟ ସୁଉଚ୍ଚ ତୋରଣ ସାଙ୍ଗକୁ ଆକର୍ଷଣୀୟ ମୂର୍ତ୍ତି ଶୋଭାପାଉଛି। ଫ୍ରେଣ୍ଡସିପ୍ କ୍ଲବ୍ର ପରେଶ ଦେହୁରୀ, ସୁକାନ୍ତ ନାଏକ, ସୁମନ୍ତ ନାଏକ ଦେବବ୍ରତ ବେହେରା, ନୀଳମଣି ବେହେରା, ମନୋଜ ବେହେରା, ବଣ୍ଟି ନାଏକ, ରୋହିତ ମହରଣା ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ।






## 'ଆମ ଖାଦ୍ୟ, ଆମ ସଂସ୍କୃତି' କାର୍ଯ୍ୟକ୍ରମ ଉଦ୍ଯାପିତ



କେନ୍ଦୁଝର,୧୪।୯ (ସମିସ): କେନ୍ଦୁଝରଗଡ଼ ପୌରପାଳିକା ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରର ମିଳିତ ଆନୁକୂଲ୍ୟରେ ଆୟୋଜିତ ତିନି ଦିନିଆ 'ଆମ ଖାଦ୍ୟ, ଆମ ସଂସ୍କୃତି' କାର୍ଯ୍ୟକ୍ରମ ଆଜି ଉଦ୍ଯାପିତ ହୋଇଛି। ପରିବେଶ ସଚେତନତା ଅଭିଯାନ୨୦୨୬ ଅଧୀନରେ ପିଏମ୍ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପ୍ରବଳ ବର୍ଷା ସତ୍ତ୍ୱେ ବେଶ୍ ସଫଳ ହୋଇଥିବା କୁହାଯାଇଛି। ଲଗାଣ ବର୍ଷା ଯୋଗୁଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ଉତ୍ସାହରେ କୌଣସି କମି ନଥିଲା। ତିନି ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୬ଟି ଷ୍ଟଲ୍ ଖୋଲାଯାଇଥିଲା। ଯେଉଁଥିରେ ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏକ ଘରୋଇ ଅନୁଷ୍ଠାନ ଅଂଶଗ୍ରହଣ କରି ମାଣ୍ଡିଆ, ବିଭିନ୍ନ ପ୍ରକାର ପିଠା, ସ୍ଥାନୀୟ ଶାକ-ପରିବା, ଜଙ୍ଗଲ ଜାତ ଫଳ ଓ ପାରମ୍ପରିକ ବ୍ୟଞ୍ଜନ ପ୍ରଦର୍ଶନ କରିଥିଲେ। ସମସ୍ତ ଷ୍ଟଲ୍ରେ ପ୍ଲାଷ୍ଟିକ୍ ବର୍ଜନ କରି ପରିବେଶ ଅନୁକୂଳ ଶାଳପତ୍ର ଓ କାଗଜ ପ୍ୟାକେଟ୍ ବ୍ୟବହାର କରାଯାଇଥିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଅବସରରେ 'ସ୍ଥାନୀୟ ଖାଦ୍ୟ ଗ୍ରହଣ କରିବା, ସୁସ୍ଥ ଜୀବନ ଆପଣାଇବା ଏବଂ ପରିବେଶ ସୁରକ୍ଷା କରିବା' ବାର୍ତ୍ତା ଦିଆଯାଇଥିଲା।

## ୩୩ ଲକ୍ଷର ନିର୍ମାଣ, ଛାତରୁ ଗଳୁଛି ପାଣି



**ମରାମତିରେ ବି ଲକ୍ଷାଧିକ ଖର୍ଚ୍ଚ**

ଚମ୍ପୁଆ,୧୪।୯ (ସମିସ): ଯେଉଁ ପାଠାଗାରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା କଥା, ସେହି ପାଠାଗାର ଏବେ ନିଜେ ଅବ୍ୟବସ୍ଥାର ଶିକାର। ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଡିଏମ୍ଏଫ୍ ପାଠାଗାରର ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ଅଭିଯୋଗ ହୋଇଛି। ୨୦୨୧ରେ ୩୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମିତ ଏହି ପାଠାଗାର ଏତେ କମ୍ ସମୟରେ କିପରି ଏଭଳି ଅବସ୍ଥାକୁ ଆସିଲା, ତାହା ଏବେ ବଡ଼ ପ୍ରଶ୍ନ। ତା'ଠାରୁ ଅଧିକ ଗୁରୁତର ଅଭିଯୋଗ ହେଉଛି ମରାମତି ନାଁରେ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। କେଉଁଠି ଦେଓ୍ୱାଲରେ କଳା ଛାଞ୍ଚ, କେଉଁଠି ପାଣି ଲିକ୍ର ଚିହ୍ନ। ପାଠକଙ୍କ ବସିବା ସ୍ଥାନ ଓ ପାଠାଗାରର ଭିତର ପରିବେଶ ମଧ୍ୟ ଏହାର ପ୍ରଭାବରୁ ବାଦ୍ ପଡ଼ିନାହିଁ। ଏପରି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ମିତ ପାଠାଗାରର ଗୁଣବତ୍ତା ଓ ସୁରକ୍ଷାକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ। ଏହା ସହ ପାଠାଗାରର ବିଦ୍ୟୁତ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଛାତ୍ରଛାତ୍ରୀ ଓ ପାଠକଙ୍କ ନିୟମିତ ଯା'ଆସ ଥିବା ସ୍ଥାନରେ ଏଭଳି ଅବ୍ୟବସ୍ଥା ରହିବାକୁ ନେଇ ତୁରନ୍ତ ଯାଞ୍ଚ ଓ ସ୍ଥାୟୀ ମରାମତି ଦାବି ହୋଇଛି। ଏ ନେଇ ଏନ୍ଏସି ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି, ଚେୟାରମ୍ୟାନଙ୍କ ସହିତ କଥା ହେବା ପରେ କିଛି ପଦକ୍ଷେପ ନିଆଯିବ।

୩୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାଠାଗାରର ଅବସ୍ଥା ଯଦି ୫ ବର୍ଷରେ ଏଭଳି ହୁଏ, ତେବେ ଦାୟିତ୍ୱ କାହାର। ମରାମତି ନାଁରେ ଖର୍ଚ୍ଚ ହୋଇଥିବା ଟଙ୍କାର ହିସାବ ଓ କାମର ଗୁଣବତ୍ତା ଯାଞ୍ଚ ହେବ କି ନାହିଁ ତାହା ମଧ୍ୟ ଏବେ ପ୍ରଶ୍ନବାଚୀ। ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ମଦ ମାଫିଆଙ୍କ ଆକ୍ରମଣ ସତ୍ତ୍ୱେ ନିରବ ଅବକାରୀ ବିଭାଗ

**ବାଲେଶ୍ୱର, ୧୪।୯ (ସମିସ)**




ଘଟଣାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ ଅଭିଯୋଗ

ଚୋରା ମଦ କାରବାର ବିରୋଧରେ ଚଢ଼ଉ କରିବାକୁ ଯାଇଥିବା କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଟିମ୍ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ଏବେ ଅବକାରୀ ବିଭାଗର ଭୂମିକାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଚଢ଼ଉ ସମୟରେ ଅବକାରୀ ବିଭାଗ ବ୍ୟବହାର କରୁଥିବା ବୋଲେରୋ ଗାଡ଼ିର କାଚ ଭାଙ୍ଗିବା ସହ ଗାଡ଼ି ଭିତରେ ପଥର ପଡ଼ିଥିବା ଦୃଶ୍ୟ ସାମ୍ନାକୁ ଆସିଥିଲେ ମଧ୍ୟ ଏନେଇ ଥାନାରେ କୌଣସି ଅଭିଯୋଗ ନ କରିବା ଘଟଣାକୁ ଆହୁରି ସନ୍ଦେହ ଘେରକୁ ଆଣିଛି। ଏପରିକି ଆକ୍ରମଣର ଅଭିଯୋଗକୁ ଏଡ଼ାଇ ଏହାକୁ କେବଳ ଚୋରାମଦ ବୋଝେଇ ଗାଡ଼ିର ଧକ୍କାଜନିତ ଘଟଣା ବୋଲି ବିଭାଗୀୟ ଅଧିକାରୀଙ୍କ ସଫେଇ ଅବକାରୀ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ଆହୁରି ପ୍ରଶ୍ନ ଚିହ୍ନ ଲଗାଇଛି।

ସୂଚନା ଅନୁସାରେ, କେନ୍ଦ୍ରାଞ୍ଚଳ ଅବକାରୀ ନିର୍ଦ୍ଦେଶକ ବିକାଶ ନାୟକଙ୍କ ନିର୍ଦ୍ଦେଶରେ ଅବକାରୀ ନିରୀକ୍ଷକ ଡମ୍ବରୁଧର ଖଟୁଆଙ୍କ ତତ୍ତ୍ୱାବଧାନରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଅଧିକାରୀ ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ସୋର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ନାୟକବନ୍ଧ ଛକ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଓଡି-୦୧-ସି-୫୧୦୮ ନମ୍ବର ବିଶିଷ୍ଟ ଏକ ପିକଅପ୍‌କୁ ଅଟକାଇ ଯାଞ୍ଚ କରିବାକୁ ଉଦ୍ୟମ କରାଯାଇଥିଲା। ପିକଅପ୍‌କୁ ଏସକର୍ଟ କରୁଥିବା କିଛି ଯୁବକ ହଠାତ୍ ଅବକାରୀ ଟିମ୍ ଉପରେ ଆକ୍ରମଣ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଆକ୍ରମଣରେ ଅବକାରୀ ବିଭାଗର ବୋଲେରୋର କାଚ ଭାଙ୍ଗିଥିବା ବେଳେ ଗାଡ଼ି ଭିତରେ ପଥର ଖଣ୍ଡ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ଏତେ ବଡ଼ ଘଟଣା ପରେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ ନ ହେବା ଏବେ ସବୁଠାରୁ ବଡ଼ ପ୍ରଶ୍ନ ଛିଡ଼ା କରିଛି। ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ଏବଂ ସରକାରୀ ଗାଡ଼ି ଭଙ୍ଗାର ଅଭିଯୋଗ ଥିବା ସତ୍ତ୍ୱେ ବିଭାଗ କାହିଁକି ଆଇନଗତ ପଦକ୍ଷେପ ନେଲା ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଅବକାରୀ ଟିମ୍ ପଛକୁ ନହଟି ପିକଅପ୍‌ରେ ଯାଞ୍ଚ କରିବା ପରେ ସେଥିରୁ ପ୍ରାୟ ୮୦୦ ଲିଟର ଦେଶୀମଦ ଜବତ କରିଥିଲା। ଘଟଣାରେ ନୀଳଗିରି ଘାଟଘର ସାହି ଅଞ୍ଚଳର ତପନ ମଲ୍ଲିକ (୪୦)ଙ୍କୁ ଗିରଫ କରାଯାଇଛି। ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ତାଙ୍କୁ ରାତିରେ କୋର୍ଟ ଚାଲାଣ କରାଯାଇଛି। ଘଟଣା ସମ୍ପର୍କରେ ଅବକାରୀ ଅଧିକାରୀ ଅବନୀ କୁମାର ମହାପାତ୍ରଙ୍କ କହିବାନୁସାରେ, ଅବକାରୀ ଗାଡ଼ିକୁ ଆଡ଼ ପକାଇ ପିକଅପ୍‌କୁ ଧରିବାକୁ ଉଦ୍ୟମ କରୁଥିବା ସମୟରେ ପଛରୁ ଆସୁଥିବା ଦ୍ରୁତଗାମୀ ଚୋରାମଦ ବୋଝେଇ ଗାଡ଼ି ଧକ୍କା ଦେଇଥିଲା। ଫଳରେ ବୋଲେରୋର କାଚ ଭାଙ୍ଗିଥିବା ସେ କହିଛନ୍ତି। ତେବେ ଗାଡ଼ି ଭିତରେ ପଥର ପଡ଼ିଥିବା ନେଇ ପ୍ରଶ୍ନ ପଚାରିବାରୁ ଏତେ ଦୂରରେ ରହୁଛନ୍ତି , ଏ ସମ୍ପର୍କରେ ସେ ଅବଗତ ନଥିବା କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯଦି କେବଳ ଗାଡ଼ି ଧକ୍କାରେ କାଚ ଭାଙ୍ଗିଥିଲା, ତେବେ ଗାଡ଼ି ଭିତରେ ପଥର କେଉଁଠୁ ଆସିଲା ? ଯଦି ଅବକାରୀ ଟିମ୍ ଉପରେ ଆକ୍ରମଣ ହୋଇନଥିଲା, ତେବେ ଘଟଣାର ତଦନ୍ତ ପାଇଁ ଥାନାରେ ଅଭିଯୋଗ କରାଗଲା ନାହିଁ କାହିଁକି ? ଏଭଳି ଅନେକ ପ୍ରଶ୍ନ ଏବେ ବିଭାଗର ଭୂମିକାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଆକ୍ରମଣ ହୋଇଥିବା ଅଭିଯୋଗ ସତ୍ତ୍ୱେ ମାମଲା ରୁଜୁ ନ କରି କେବଳ ମଦ ଜବତ ଓ ଜଣେ ଅଭିଯୁକ୍ତଙ୍କୁ ଗିରଫରେ ଘଟଣାକୁ ସୀମିତ ରଖିବା ପଛରେ କ'ଣ କାରଣ ରହିଛି, ତାହାର ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ଦାବି ହେଉଛି। ଅନ୍ୟପକ୍ଷରେ ଚଢ଼ଉରେ ସାମିଲ ଥିବା ଅଧିକାରୀ କେନ୍ଦ୍ରାଞ୍ଚଳ ଅବକାରୀ ଟିମର ସବ୍‌ଇନିସ୍ପେକ୍ଟର ଉର୍ମିଳା ବେହେରାଙ୍କୁ ପ୍ରତିକ୍ରିୟା ପାଇଁ ବାରମ୍ବାର ଫୋନ କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇ ନଥିଲେ।

## ଗଣେଶ ପୂଜାରେ ଛୁଆଁ ଅଛୁଆଁ ଭେଦଭାବ ନେଇ ସ୍କୁଲରେ ଉତ୍ତେଜନା

ପୂଜାରୁ ବଞ୍ଚିତ ହେଲେ ୨୦ରୁ ଅଧିକ ଛାତ୍ରଛାତ୍ରୀ

**ନୀଳଗିରି, ୧୪।୯ (ସମିସ):** ଏବେବି ସମାଜରେ ଛୁଆଁ ଅଛୁଆଁ ଭେଦଭାବ ରହିଥିବା ବେଳେ ଏକ ସ୍କୁଲରେ ମଧ୍ୟ ଶିକ୍ଷୟିତ୍ରୀଙ୍କ ଛୁଆଁ ଅଛୁଆଁ ଭେଦଭାବକୁ ତାଚ୍ଛଲ୍ୟ କରି ୨୦ଜଣ ଛାତ୍ର ଛାତ୍ରୀଙ୍କୁ ଗଣେଶ ପୂଜାରେ ବାରଣ କରିବା ଘଟଣା ଅଭିଭାବକଙ୍କ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଗଣେଶ ପୂଜା ପୂର୍ବ ଦିନରୁ ପ୍ରତେକ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଗଣେଶ ପୂଜା କରିବା ପାଇଁ ନୂଆ ଡ୍ରେସ ସଜ ବାଜ କରିଥାନ୍ତି। ମାତ୍ର ଗଣେଶ ପୂଜା ଦିନ ଛୁଆଁ ଅଛୁଆଁ ଭେଦଭାବ କୁ ନେଇ ପୂଜା ନ କରିବା ପାଇଁ ଶିକ୍ଷୟିତ୍ରୀ ଜଣକ ରୋକ୍‌ଠୋକ୍ ୨୦ରୁ ଅଧିକ ଛାତ୍ର ଛାତ୍ରୀ ମାନଙ୍କୁ ଏକ ଅଲଗା କ୍ଲାସ୍ ରୁମ୍‌ରେ ରଖିଥିଲେ। ଏହିପରି ଏକ ଘଟଣା ଔପଦା ବ୍ଲକର ବାଉସ ବଣିଆ ପଂଚାୟତର ଦକ୍ଷିଣ କୁଆଁରପୁର ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

ଉକ୍ତ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ରୀଙ୍କ ସାନ ଭାଇ ଜନ୍ମ ହୋଇଥିବା ବେଳେ ଛୁତିକା କଟି ନ ଥିବାରୁ ଛାତ୍ରୀ ଜଣକ ପୂଜା ପାଇଁ ଆସିଥିବା କ୍ଷୀର ଛୁଇଁ ଦେବାରୁ ସ୍କୁଲର ଶିକ୍ଷୟିତ୍ରୀ ସୁକାନ୍ତି ବେହେରା ରାଗି ଯାଇ ଛାତ୍ରୀ ଜଣକୁ ପୂଜା ନ କରିବା ପାଇଁ ବାରଣ କରିବା ସହ କୁମ୍ଭ କୁଣିଆ ଗ୍ରାମର ୨୦ରୁ ଅଧିକ ଛାତ୍ର ଛାତ୍ରୀ ଙ୍କୁ ଗଣେଶ ପୂଜାରୁ ବଞ୍ଚିତ କରିବା ସହ ଅନ୍ୟ ଏକ ଘରେ ରଖିଥିଲେ। ଘଟଣା ଶୁଣିବା ପରେ ଅଭିଭାବକ ମାନେ ସ୍କୁଲରେ ପହଂଚି ଏହାର ଘୋର ପ୍ରତିବାଦ କରିଥିଲେ। ଛାତ୍ର ଛାତ୍ରୀ ମାନେ ପୂଜାରୁ ବଞ୍ଚିତ ହୋଇଥିବା ନେଇ କାନ୍ଦୁଥିଲେ। ଏକ ଶିକ୍ଷାନୁଷ୍ଠାନରେ କଣ ପାଇଁ ଛୁଆଁ ଅଛୁଆଁ ଭେଦଭାବ ସୃଷ୍ଟି କଲ ବୋଲି ଶିକ୍ଷୟିତ୍ରୀ ସୁକାନ୍ତିଙ୍କୁ ପ୍ରଶ୍ନ କରିଥିଲେ। ନିଜର ମାନବିକତାକୁ ଭୁଲି ସୁକାନ୍ତି ଦିଦି କୋମଳମତି ପିଲାଙ୍କୁ ପୂଜାରୁ ବଞ୍ଚିତ କଲେ, ତାହା ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ଅଭିଭାବକ ମାନେ। ନା ପୂଜା କଲେ ନା ଭୋଗ ଖାଇଲେ ପିଲା। ଶେଷରେ ସମସ୍ତ ଅଭିଭାବକ ନିଜ ନିଜର ପିଲାଙ୍କୁ ଘରକୁ ନେଇଯାଇଥିଲେ। ଏ ବାବଦରେ ପ୍ରଧାନ ଶିକ୍ଷୟିତ୍ରୀ ବବିତା ବେହେରାଙ୍କ ପ୍ରତିକ୍ରିୟା ମିଳି ନ ଥିବା ବେଳେ ବିଇଓ ନାରାୟଣ ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଆଦର୍ଶ ଶିକ୍ଷକ ଜୟନ୍ତ ପାଣିଗ୍ରାହୀଙ୍କ ଶୋକସଭା

**ରେମୁଣା, ୧୪।୯ (ସମିସ):** ମାତୃଭୂମି ସେବାସଂସ୍ଥା ପକ୍ଷରୁ ଆଦର୍ଶ ଶିକ୍ଷକ ଜୟନ୍ତ ପାଣିଗ୍ରାହୀଙ୍କ ବିୟୋଗରେ ଏକ ଶୋକସଭା ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବରେ ଡ. ଭାଗବତ ପ୍ରସାଦ ଦାସ, କବି ନିରଞ୍ଜନ ସାହୁ, ଯୋଗେଶ ଚନ୍ଦ୍ର ବେହେରା, ପଦ୍ମଲୋଚନ ପ୍ରଧାନ, ଜୟଦେବ ମହାରଣା, ବୃନ୍ଦାବନ ବେହେରା, ଡ. ରତ୍ନାକର ସିଂହ, ସତ୍ୟନାରାୟଣ ରଣା, ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ରୋଜାଲିନ ପାଣିଗ୍ରାହୀ, ଚକ୍ରଧର ଦାସ, ମଙ୍ଗଳ ସିଂ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ କର୍ମମୟ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ନାୟକ, ବାସନ୍ତୀ ଦାସ, ଅଜୟ କୁମାର ବାରିକ, ସନ୍ତୋଷ କୁମାର ଦାସ, ମହମ୍ମଦ ଇସଲାମ ଉପସ୍ଥିତ ହୋଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ କରୁଣାକର ଜେନା ଧନ୍ୟବାଦ ଦେଇଥିଲେ।

## ଅମର୍ଦ୍ଦାରୋଡ଼ରେ ଖୋଲିଲା ନୂତନ ଇଲେକ୍ଟ୍ରି ସ୍କୁଟି ଶୋରୁମ୍

**ରାଜଘାଟ, ୧୪।୯ (ସମିସ):** ଅମର୍ଦ୍ଦାରୋଡ଼ ରେଳ ଷ୍ଟେସନ ସାମ୍ନାରେ ଏକ ନୂତନ ଇଲେକ୍ଟ୍ରି ସ୍କୁଟି ଶୋ'ରୁମ୍ ଉଦଘାଟିତ ହୋଇଛି। ଆଜି ପୂର୍ବାହ୍ନରେ ବସ୍ତା ଥାନା ଆଇଆଇସି ରଞ୍ଜିତ କୁମାର ସାହୁ ଓ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଅତିଥି ଭାବେ ଯୋଗ ଦେଇ 'ଗୋଇନ' ଶୋ'ରୁମ୍ ର ଶୁଭ ଉଦଘାଟନ କରିଛନ୍ତି। ଏଠାରେ ସ୍ୱଳ୍ପ ଦାମରେ ଅଧିକ ମାଇଲେଜ ଦେଉଥିବା ଅତ୍ୟାଧୁନିକ ଇଲେକ୍ଟ୍ରି ସ୍କୁଟି ଉପଲବ୍ଧ। ଏକ ଥର ଚାର୍ଜରେ ୬୦-୧୦୦ କି.ମି ପର୍ଯ୍ୟନ୍ତ ଗାଡ଼ି ଯିବ। ସହଜ କିସ୍ତି ଏବଂ ସ୍ୱଳ୍ପ ସୁଧରେ ଫାଇନାନ୍ସ ସୁବିଧା ଥିବା ଶୋ'ରୁମ୍ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ପ୍ରଧାନ, ଭୁବନ ଚନ୍ଦ୍ର ରଣା, ରାଜକିଶୋର ମହାନ୍ତି, ମଦନ ମୋହନ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଶୋ'ରୁମ୍ ମାଲିକ ସିଦ୍ଧାର୍ଥ ରାଉଳ ଓ ସନ୍ଦୀପ ରାଉଳ କହିଛନ୍ତି, ଉଦଘାଟନୀ ଅବସରରେ ପ୍ରତ୍ୟେକ ଗାଡି ଉପରେ ଆକର୍ଷଣୀୟ ରିହାତି ଏବଂ ଉପହାର ଦିଆଯାଉଛି।

## ଜଳେଶ୍ୱର କଂଗ୍ରେସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଜଳେଶ୍ୱର ବ୍ଲକ, ୧୪।୯ (ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ସାଂଗଠନିକ ଦାୟିତ୍ୱ ପାଇଥିବା ସାଧାରଣ ସମ୍ପାଦକ ଜଳେଶ୍ୱର ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ ଓ ସମ୍ପାଦକ ରାଜୀବ କୁମାର ପରିଡ଼ାଙ୍କୁ ଜଳେଶ୍ୱର କଂଗ୍ରେସ ପରିବାର ପକ୍ଷରୁ ଭଞ୍ଜ ଭବନଠାରେ ଭବ୍ୟ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ଅବସରରେ ଜଳେଶ୍ୱର କଂଗ୍ରେସର ନେତୃବୃନ୍ଦ, ପଦାଧିକାରୀ, ଯୁବ ଓ ମହିଳା ନେତୃତ୍ୱ, କର୍ମକର୍ତ୍ତା ଓ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ରହି ଉଭୟ ନେତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ।

## 'ପ୍ରଜାପତି' ପକ୍ଷରୁ ଗୀତି କବିତା ଆସର



**ବାଲେଶ୍ୱର,୧୪।୯ (ସମିସ):** 'ପ୍ରଜାପତି'ର ସାହିତ୍ୟ ବିଭାଗ "ଅକ୍ଷର'ର ସୃଜନ ଉଡ଼ାଣ "ଉଚ୍ଚାରଣ' ପକ୍ଷରୁ ଗୀତ, ଗୀତିକାର ଓ ଗୀତିକବିଙ୍କୁ ନେଇ "୬ କବି / ୧୮ ଗୀତି' କାର୍ଯ୍ୟକ୍ରମ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ "ଉଚ୍ଚାରଣ'ରେ ସ୍ଥାନିତ ହୋଇଥିବା ଲେଖାମାନଙ୍କର ଲେଖକ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆରମ୍ଭରେ "ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା କରି ସୂଚନ ପ୍ରଦାନ କଲେ ଯେ "ଉଚ୍ଚାରଣ' ଆମ ଜିଲ୍ଲାର ସାହିତ୍ୟର ବିଭିନ୍ନ ବିଭାଗରେ ଲେଖୁଥିବା ଲେଖକଙ୍କର ଏକ ମଧୁର ମିଳନ। ଅନୁଷ୍ଠାନ ତରଫରୁ ପ୍ରକାଶିତ ହୋଇଥିବା ସାହିତ୍ୟ ବୁଲେଟିନ "ଉଚ୍ଚାରଣ'ର ସଂପାଦକ ଗଙ୍ଗାଧର ବିଶ୍ୱାଳ ସମ୍ପାଦକୀୟ କଥା ରଖିବା ପରେ ଅତିଥିମାନେ ବୁଲେଟିନ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ "ଉଚ୍ଚାରଣ'ର ଲେଖକ ଅତିଥି ଭାବେ ଯୋଗ ଦେଇଥିବା ଗୀତିକବି ଓ ଗୀତିକାର ସମରେନ୍ଦ୍ରନାଥ ମହାପାତ୍ର, ଡ. ଦେବାଶିଷ ପାତ୍ର, ପୂର୍ଣ୍ଣେନ୍ଦୁ ଦାସ ମହାପାତ୍ର, ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ଦାସ ଓ ଦୀପକ ବୋଷ ନିଜର ରଚନା ପାଠ କରିଥିଲେ। "ପ୍ରଜାପତି'ର ଆବାହକ ବିପ୍ଳବ ଦାସ ମହାପାତ୍ର, ସଂଯୋଜକ ରାଜେଶ ଗିରି, କବି ମଧୁସୂଦନ ମିଶ୍ର, କବି ଅଭୟ ଦାସ, ଡ. ଦିଲ୍ଲୀପ ରଥ ଉତ୍ସବ ସଂପର୍କରେ ସଂକ୍ଷିପ୍ତ କଥା ରଖିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଅତିଥି ଗୀତିକାରଙ୍କ ଲେଖା ଗୀତକୁ ଗୁରୁ ସତ୍ୟରଂଜନ ମହାନ୍ତି, ଶ୍ୱେତାଲିସା ଶୁଭଦର୍ଶିନୀ, ସ୍ମୃତିସ୍ୱରୂପା ମିଶ୍ର, ପ୍ରୀତିକ୍ରିଷ୍ଟା ଦାସ ପ୍ରମୁଖ ଗାନ କରିଥିଲେ। ତପନ ବେହେରା ଓ ସୁଭାଷ ଚନ୍ଦ୍ର ସିଂହ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅମରଜିତ ଦାସ, ପାର୍ଥସାରଥି ସାହୁ, ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସନ୍ତୋଷ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ରେମୁଣା, ୧୪।୯ (ସମିସ ):** ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରତିନିଧି ବିମ୍ବାଧର ଦ୍ୱିବେଦୀଙ୍କ ସଭାପତିତ୍ୱରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କ ମଧ୍ୟରେ ଦିବ୍ୟଜ୍ୟୋତି ମିଶ୍ର, ରିୟାଂଶ ପାଢ଼ୀ, ରୋଜାଲିନା ବେହେରା, ଦିବ୍ୟଶ୍ରୀ ପଣ୍ଡା, ଗୌରକୃଷ୍ଣ ମହାରଣା, ଦୁର୍ଗେସ ନାଥ, ଅନୁସ୍କା ଆଦ୍ୟାଶା ଭୂୟାଁ, ନିବେଦିତ ବେହେରା, ଦିନେଶ କୁମାର ଗିରି, ହିମାଂଶୁ ବେହେରା, ରବୀନ୍ଦ୍ର ଦାସ, ସତ୍ୟଜିତ ଗିରି ଶ୍ରେଷ୍ଠ ବିବେଚିତ ହୋଇଥିଲେ। ବିଚାରକ ଭାବରେ ଡ. ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ, ପ୍ରଦୀପ କୁମାର ମିଶ୍ର, ଅଜିତ କୁମାର ପଣ୍ଡା, ସୁଧୀର ପଣ୍ଡା, ଡ. ରମାକାନ୍ତ ରଣା ଯୋଗଦେଇଥିଲେ। ପରିଚାଳନାରେ ହରେକୃଷ୍ଣ ଗିରି, ଲିଜା ଗିରି, ସସ୍ମିତା ଜେନା ଯୋଗଦେଇଥିଲେ।




## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବାଲେଶ୍ୱର, ୧୪।୯ (ସମିସ) :** ଗଣେଶ ପୂଜାର ଉତ୍ସବମୁଖର ପରିବେଶ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଞ୍ଚଳରେ ଘଟିଛି ଏକ ଦୁଃଖଦ ଅଘଟଣ। ଗାଁର ସାଙ୍ଗମାନଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବକ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ ଖନ୍ତାପଡ଼ା ଥାନା ଅନ୍ତର୍ଗତ କୁଳିଗାଁର ତୁଷାରକାନ୍ତ ଦାଶ। ତାଙ୍କ ଅକାଳ ମୃତ୍ୟୁକୁ ନେଇ ସମଗ୍ର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗଣେଶ ପୂଜା ଅବସରରେ ତୁଷାରକାନ୍ତ ତାଙ୍କ କିଛି ସାଙ୍ଗଙ୍କ ସହ କୁଳିଗାଁରେ ଥିବା ହାଟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସାଙ୍ଗମାନଙ୍କ ସହ ସେ ପୋଖରୀରେ ଗାଧୋଉଥିବା ସମୟରେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ନିୟନ୍ତ୍ରଣ ହରାଇ ଗଭୀର ପାଣି ମଧ୍ୟକୁ ଚାଲିଯାଇ ବୁଡ଼ି ଯାଇଥିଲେ। ସାଙ୍ଗମାନେ ତୁଷାରକାନ୍ତଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିବା ସହ ତୁରନ୍ତ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ସ୍ଥାନୀୟ ଗ୍ରାମବାସୀ ପୋଖରୀ ନିକଟରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟ ପରେ ତୁଷାରକାନ୍ତଙ୍କୁ ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମେଡିକାଲକୁ ପଠାଇଛି।



## ଟ୍ରେନ୍ ଆଗକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

**ବାଲେଶ୍ୱର, ୧୪।୯ (ସମିସ) :** ଗଣେଶ ପୂଜା ପାଇଁ ସମଗ୍ର ବାଲେଶ୍ୱର ଜିଲ୍ଲା ଉତ୍ସବମୁଖର ଥିବା ବେଳେ ସୋମବାର ଅପରାହ୍ନରେ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ହାୱଡ଼ାରୁ ପୁରୀ ଯାଉଥିବା ୧୨୨୭୭ ପୁରୀ ଶତାବ୍ଦୀ ଏକ୍ସପ୍ରେସ ଟ୍ରେନ ଆଗକୁ ଜଣେ ଯୁବତୀ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଘଟଣାରେ ଯୁବତୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ଅପରାହ୍ନରେ ପୁରୀ ଶତାବ୍ଦୀ ଏକ୍ସପ୍ରେସ ବାଲେଶ୍ୱର ଷ୍ଟେସନ ଅତିକ୍ରମ କରୁଥିବା ସମୟରେ ଷ୍ଟେସନଠାରୁ ପ୍ରାୟ ୫୦ ମିଟର ଦୂରରେ ଜଣେ ଯୁବତୀ ହଠାତ୍ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଟ୍ରେନ ଧକ୍କାରେ ସେ ଗୁରୁତର ଆହତ ହୋଇ ରେଳ ଧାରଣା ପାର୍ଶ୍ୱରେ ପଡ଼ିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବାଲେଶ୍ୱର ଆରପିଏଫ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲକୁ ନିଆଯାଇଥିଲା। ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଯୁବତୀ ଜଣକଙ୍କ ନାମ ସ୍ମୃତି ସ୍ନିଗ୍ଧା ସାହୁ। ଘର ଭଦ୍ରକର ଆଗରପଡ଼ା ଅଞ୍ଚଳର ହୋଇଥିବା ବେଳେ ସେ ବାରିପଦା କୋର୍ଟରେ ଟାଇପିଷ୍ଟ ଭାବରେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଆରପିଏଫ ତରଫରୁ ତଦନ୍ତ ଚାଲିଛି।

# ବିଭିନ୍ନ ସ୍ଥାନରେ ଗଣେଶ ପୂଜା

**ନୀଳଗିରି:** ଗଣେଶ ଚତୁର୍ଥୀରେ ନୀଳଗିରିରେ ବିଭିନ୍ନ ସ୍ଥାନରେ ପୂଜା ପାଇଲେ ଗଣପତି ବାବା। ନୀଳଗିରି ସହରରେ ବିଭିନ୍ନ କ୍ଲବ ପକ୍ଷରୁ ଜୋରଦାର ମୂର୍ତ୍ତି ସଙ୍ଗକୁ ଆଲୋକମାଳା ସୁସଜ୍ଜିତ ତୋରଣ ବେଶ୍ ଚିତ୍ତାକର୍ଷକ ହୋଇଛି। ପାଖା ପାଖି ୧୦ରୁ ଅଧିକ ମେଢ଼ରେ ଗଣପତି ବାବା ପୂଜା ପାଇଛନ୍ତି। ସନ୍ଧ୍ୟାରେ ବିଭିନ୍ନ ପୀଠ ସ୍ଥଳୀରେ ଭଜନ ସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଉଛି। ଲୋକଙ୍କ ସମାଗମ ପରିଲିଖିତ ହୋଇଥିଲା। ନୀଳଗିରି ବାଇପାସ୍ ନିକଟରେ ଫ୍ରେଣ୍ଡସ୍ ଫୋର୍ ଏଭର୍ କ୍ଲବ, ହନୁମାନ ଛକ ନିକଟରେ ମୋଇୟା ବୟେଜ କ୍ଲବ, କୃଷ୍ଣା କ୍ଲବ, ରାଜାବଗିଚାର ମହାରଜ୍ କ୍ଲବ, ଘାଟଘରସାହି ର କୁମାର ଯୁବକ ସଂଘ, କେ ସି, ହାଇସ୍କୁଲ ନିକଟରେ ସଂଘର୍ଷ କ୍ଲବ ପକ୍ଷରୁ ଧୁମ୍ ଧାମରେ ଗଣେଶ ପୂଜା ପାଳନ କରୁଛନ୍ତି।



**ଲଙ୍ଗଳେଶ୍ୱର:** ବାଲିଆପାଳ ବ୍ଲକ କୁଣ୍ଡଳୀ ପଞ୍ଚାୟତ ଅନ୍ତର୍ଗତ ଇନ୍ଦିପଡ଼ା ଗ୍ରାମରେ ସ୍ଥାନୀୟ 'ଫ୍ରେଣ୍ଡସ କ୍ଲବ' ଆନୁକୂଲ୍ୟରେ ପବିତ୍ର ଶ୍ରୀ ଶ୍ରୀ ଗଜାନନଙ୍କ ପୂଜା ମହୋତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। କ୍ଲବର ମୁଖ୍ୟ ସଞ୍ଜୟ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ବିଘ୍ନହର୍ତ୍ତାଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ସନ୍ଧ୍ୟାରେ ଏକ ଭକ୍ତିପୂତ ପରିବେଶ ସୃଷ୍ଟି ହେବା ସହ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ଭଗବାନଙ୍କ ଶ୍ରୀଚରଣରେ ପ୍ରଣାମ ଜଣାଇବା ସହ ସାମୂହିକ ପ୍ରସାଦ ସେବନ କରିଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ଓ ଏଭଳି ସୁନ୍ଦର ଆୟୋଜନକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।



### ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସ୍କୁଲ


**ବାଲେଶ୍ୱର:** ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ ପରିସରରେ ପବିତ୍ର ଗଣେଶ ପୂଜା ପାଳିତ ହୋଇଛି। ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ବିଭିନ୍ନ ପୂଜାବିଧି ଓ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉତ୍ସାହର ସହ ପୂଜାରେ ଯୋଗଦେଇ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ଆଶୀର୍ବାଦ କାମନା କରିଥିଲେ। ପୂଜା ପରେ ଷ୍ଟାଫ୍, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟର ଡାଇରେକ୍ଟର-କମ୍-



ପ୍ରିନ୍ସିପାଲ ଜ୍ୟୋତ୍ସ୍ନା ରାଣୀ ପ୍ରଧାନଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। ଶିକ୍ଷା ସହିତ ଭାରତୀୟ ସଂସ୍କୃତି, ପରମ୍ପରା ଓ ନୈତିକ ମୂଲ୍ୟବୋଧ ସହ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଚନ୍ଦ୍ରକାନ୍ତ ରାଉତ, ରତନ କୁମାର ଘୋଷ, ସୂର୍ଯ୍ୟକାନ୍ତ ବେହେରା, ଦୟାନନ୍ଦ ଶତପଥୀ, ସ୍ମିତା ରାଣୀ ବଳ, ସସ୍ମିତା ପାହାଡ଼ା ସିଂହ, ମନୀଷା ସାହୁ, ଇପ୍ସିତା କର, ତାପସ କୁମାର ଜେନା, ସଞ୍ଜିତ କର ଏବଂ ସହାୟକ କର୍ମଚାରୀ କଳ୍ପନା ବେହେରା ଓ ମଧୁସ୍ମିତା ଦାଶ ସହଯୋଗ କରିଥିଲେ।

### ଜିଜ୍ଞାସା ଶିକ୍ଷାକେନ୍ଦ୍ର

**କମର୍ଦ୍ଦା:** ଭୋଗରାଇ ବ୍ଲକ ଦହମୁଣ୍ଡାସ୍ଥିତ ଯୁକ୍ତ ଦୁଇ କଳା ଏବଂ ଉଚ୍ଚ ବିଦ୍ୟାଳୟ ଜିଜ୍ଞାସା ଶିକ୍ଷାକେନ୍ଦ୍ରରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ଅଧକ୍ଷ ଡ. ଶିବନାରାୟଣ ପାତ୍ର, ଶିକ୍ଷକ ସଞ୍ଜିବ ଜେନା, ଜୟଦେବ ଦାସ, ଫନିଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ଗଣେଶଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ ନିମନ୍ତେ ପ୍ରାର୍ଥନା କରିଥିଲେ। ଶିକ୍ଷାକେନ୍ଦ୍ରର ଦ୍ୱିତୀୟ ବର୍ଷର ଛାତ୍ରୀ ଆଦ୍ୟାଶା ପରିଡ଼ା, ଝାନ୍ସି ଗିରି, ଯଶୋମତୀ ସେଠୀ, ଦଶମ ଶ୍ରେଣୀ ଛାତ୍ରୀ ସୁଲଗ୍ନା କରଣ , ଜୟଶ୍ରୀ ମହାପାତ୍ର, ବୈଶାଖି ସାହୁ, ଛାତ୍ର ସୁଭାୟନ, ସୌମ୍ୟଜିତ, ରୁଦ୍ରପ୍ରତାପ , ଶିବଶଙ୍କର ପ୍ରମୁଖ ବାବା ଗଣେଶଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ପରୀକ୍ଷାରେ ସର୍ବୋତ୍ତମ ସଫଳତା ନିମନ୍ତେ ପ୍ରାର୍ଥନା କରିଥିଲେ। ଏଥିରେ ସୁପ୍ରିୟା ମହାନ୍ତି , ସତ୍ୟମ ଗିରି , ସୋନାଲୀ ପାତ୍ର , ଜୟପ୍ରକାଶ ଜେନା , ଶ୍ରଦ୍ଧାଞ୍ଜଳି ପାଳ ପ୍ରମୁଖ ସହଯୋଗ କରିଥିବାବେଳେ ଶିକ୍ଷାକେନ୍ଦ୍ରର ପ୍ରଥମ ବର୍ଷର ଛାତ୍ରୀ ଅର୍ଚ୍ଚନା ଚନ୍ଦ, ପିଙ୍କି ଦେ, ନନ୍ଦିନୀ ମହାପାତ୍ର, ରାଜଲକ୍ଷ୍ମୀ ଗିରି, ଗାୟତ୍ରୀ ସେଠୀ, ଅନିମା ପାଣିଗ୍ରାହୀ, ଦୀପ୍ତିରେଖା ସେଠୀ, ଦଶମ ଶ୍ରେଣୀ ଛାତ୍ରୀ ତୃପ୍ତିଶ୍ରୀୟା ଦେ, ଇତିଶ୍ରୀ ପାଳ, କୋଏଲ ଜେନା, ଆଦ୍ୟାଶା ଦେ, ଇତିଶ୍ରୀ ଦେ, ଦିବ୍ୟାଶା ଦାସ, ପ୍ରିୟଦର୍ଶନୀ ବେହେରା, ଛାତ୍ର ବିଦ୍ୟାସାଗର ପାତ୍ର, ଅମର ନାଥ ଜେନା, ଦେବାଶିଷ ଦେ, ଦୀପଙ୍କର ଗିରି, ରାଜକୁମାର ନନ୍ଦୀ ପ୍ରମୁଖ ପୂଜାରେ ପରିଚାଳନା କରିଥିଲେ।



## ଲକ୍ଷ୍ୟ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ




**ବାଲେଶ୍ୱର, ୧୪।୯ (ସମିସ) :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଏବଂ ଆଖପାଖରେ ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାକୁ ଚିହ୍ନଟ କରି ଉପଯୁକ୍ତ ମଞ୍ଚ ପ୍ରଦାନ ସହ ଓଡ଼ିଶାର କଳା, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ସୁରକ୍ଷା ଦିଗରେ ଗୋପାଳପୁର ଲକ୍ଷ୍ୟ ଚାରିଟେବଲ ଟ୍ରଷ୍ଟ ଅଭିନବ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଲକ୍ଷ୍ୟ ଚାରିଟେବଲ ଟ୍ରଷ୍ଟ ଅଧୀନସ୍ଥ ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ଚିତ୍ରକଳା ଶିକ୍ଷା କେନ୍ଦ୍ର ପକ୍ଷରୁ ଦୁଇଦିନିଆ ବାର୍ଷିକ ଉତ୍ସବ ଓ "ନବ ପ୍ରତିଭା ଅନ୍ୱେଷଣ-୨୦୨୬' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଂସ୍ଥାର ସଭାପତି ମମତା ଶିଅଳ ଓ ସମ୍ପାଦକ ଉମେଶ କୁମାର ଶିଅଳଙ୍କ ନେତୃତ୍ୱରେ ଆୟୋଜିତ ଏହି ଦୁଇଦିନିଆ ସାଂସ୍କୃତିକ ଉତ୍ସବରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଭିଭାବକ, କଳାକାର ଓ କଳାପ୍ରେମୀ ଯୋଗଦେଇଥିଲେ। ଗତ ୧୩ ତାରିଖରେ "ନବ ପ୍ରତିଭା ଅନ୍ୱେଷଣ-୨୦୨୬' ଅବସରରେ ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ଚିତ୍ରକଳା ସମେତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ବିଜେତା ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥି ଭାବେ ଗୋପାଳପୁର ଗ୍ରାମପଞ୍ଚାୟତର ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ନୀଳାମ୍ବର ମହାଳିକ ଓ ସମାଜସେବୀ ବେଣୁଧର ଜେନା ପ୍ରମୁଖ ଯୋଗଦେଇଥିଲେ।

# ଠିକା କାମକୁ ନେଇ ବିଜେପିର ଦୁଇଗୋଷ୍ଠୀ ମୁହାଁମୁହିଁ

ତୁରୁମୁଙ୍ଗା,୧୪।୯ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପିର ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ରବିବାର ବଡ଼ ପାଟଣା ପଞ୍ଚାୟତ ମଙ୍ଗଳପୁର ଗ୍ରାମର କାଳୀ ଚରଣ ମହାନ୍ତଙ୍କ ଘରେ ଚାଲିଥିବା ଏକ ବୈଠକରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସାଂସଦଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ମଣ୍ଡଳ ସଭାପତି ବଜ୍ରବନ୍ଧୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତଙ୍କ ସମେତ ବିଜେପିର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବୈଠକ ପରେ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ଠିକା କାମକୁ ନେଇ ବାକ୍‌ବିତଣ୍ଡା ହୋଇଥିଲା। ଏଥିରେ ଉଭୟ ସାଂସଦ ଓ ବିଧାୟକଙ୍କ ସମର୍ଥକଙ୍କ ମଧ୍ୟରେ ପାଟିତୁଣ୍ଡ ଉଗ୍ରରୂପ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସାଙ୍ଗକୁ ଠେଲାପେଲା ହୋଇଥିଲା।

## ସାଂସଦ ଓ ବିଧାୟକଙ୍କ ଗୋଷ୍ଠୀ ମଧ୍ୟରେ ଠେଲାପେଲା

ଏ ନେଇ ପାଟଣା ଥାନାରେ ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀଙ୍କୁ ସୁବ୍ରତ ଦ୍ୱିବେଦୀ ଓରଫ କାଠିଆ ଦ୍ୱିବେଦୀ ତାଙ୍କୁ ଗାଳିଗୁଲଜ ସହ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ୧୩୭/୨୬ ରେ ଏକ ମାମଲା ରୁଜୁ ହୋଇ ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଘଟଣାର ତଦନ୍ତ କରୁଥିବାବେଳେ ସୁବ୍ରତ ଦ୍ୱିବେଦୀ ମଧ୍ୟ ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ ଏବଂ ପ୍ରକାଶ ସେଠୀ ତାଙ୍କୁ ଗାଳି ଗୁଲଜ କରିଥିବା ନେଇ ପାଟଣା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ୧୩୮/୨୬ ରେ ମଧ୍ୟ ଆଉ ଏକ ମାମଲା ରୁଜୁ କରି ଉଭୟ ଅଭିଯୋଗର ତଦନ୍ତ ଚାଲିଥିବା ପାଟଣା ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ସୁବ୍ରତ ଦ୍ୱିବେଦୀ କୌଣସି ଜାତିଆଣ ଆକ୍ଷେପ କରି ନ ଥିବା କହିଥିବାବେଳେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଅଣାଯାଇଥିବା କହିଛନ୍ତି। ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପିର ଗୋଷ୍ଠୀ କନ୍ଦଳ ସହ ଠିକା କାର୍ଯ୍ୟକୁ ନେଇ ଏବେ ଧୀରେ ଧୀରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବିଶେଷକରି ବିଜେପିର ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ପାଟଣା ନିର୍ବାଚନ ମଣ୍ଡଳୀରେ ଲାଗି ରହିଥିବା ଗୋଷ୍ଠୀ କନ୍ଦଳ ଆଗକୁ ଆହୁରି ଉଗ୍ରରୂପ ନେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଜେପିର ପୁରୁଖା କର୍ମୀଙ୍କୁ ଅଣଦେଖା କରି ଅନ୍ୟଦଳର କର୍ମୀଙ୍କୁ କାମ ଦିଆ ଯାଇଥିବା ଅଭିଯୋଗ ଆଣିଛନ୍ତି ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ। ଏ ନେଇ ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ ଏହି ଦଳୀୟ କଥା ଦଳରେ କର୍ମୀଙ୍କ ମଧ୍ୟରେ ଭୁଲ ବୁଝାମଣା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଉଭୟ ସାଂସଦ ଓ ବିଧାୟକଙ୍କ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳକୁ ନେଇ ପାଟଣା ନିର୍ବାଚନ ମଣ୍ଡଳୀ ଏବେ ଅଶାନ୍ତ ହେବାକୁ ଯାଉଥିବା ବେଳେ ଆଗକୁ ପଞ୍ଚାୟତ ନିର୍ବାଚନରେ ସ୍ଥିତି କ'ଣ ହେବ ସେ ନେଇ ଚର୍ଚ୍ଚା ବଢ଼ିଛି।

## ଶିମିଳିପାଳରେ ନିରନ୍ତର 'ଦମନ' କାର୍ଯ୍ୟକ୍ରମ

## ହ୍ରାସ ପାଇଛି ମ୍ୟାଲେରିଆ ପଜିଟିଭ୍

**ଯଶିପୁର,୧୪।୯ (ସମିସ):** ଯଶିପୁର ବ୍ଲକର ଦୁର୍ଗମ ଶିମିଳିପାଳ ବନାଞ୍ଚଳ ବେଷ୍ଟିତ ଗ୍ରାମ ହେଉ କି ସହର, ନିକଟବର୍ତ୍ତୀ ଗ୍ରାମ; ସବୁଠି ଏବେ ମ୍ୟାଲେରିଆ ମୁକ୍ତ ଦେଖିବାକୁ ଲାଗିଛି। କିଛିବର୍ଷ ଧରି ଯଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଶିମିଳିପାଳ ବନାଞ୍ଚଳ ସମେତ ୨୦୦ରୁ ଅଧିକ ଗ୍ରାମରେ ମ୍ୟାଲେରିଆ ପ୍ରାଦୁର୍ଭାବ ସମ୍ପୂର୍ଣ୍ଣ ନିର୍ମୂଳ ହୋଇଥିବାବେଳେ ଦୁଇତିନି ବର୍ଷ ହେଲା ପୁଣି ଏହାର ଆବିର୍ଭାବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ଚଳିତ ବର୍ଷ ବର୍ଷା ଓ ବନ୍ୟା ମ୍ୟାଲେରିଆ ବୃଦ୍ଧିର ସଂକେତ ଦେଇଛି।

ମିଳିଥିବା ସୂଚନା ମୁତାବକ, ବର୍ଷା ଋତୁ ପ୍ରାରମ୍ଭରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକମାସ ଧରି ''ଦମନ' କାର୍ଯ୍ୟକ୍ରମ ଅଧୀନରେ ଶିମିଳିପାଳ ବନାଞ୍ଚଳ ସମେତ ୮୭ଟି ଗ୍ରାମରେ ଆର୍‌ଆର୍‌ଏସ୍ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ବିଭିନ୍ନ ଗ୍ରାମରେ ୫୦୦୦ ମ୍ୟାଲେରିଆ ପରୀକ୍ଷଣ କିଟ୍ ବଣ୍ଟନ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଲଗାଣ ବର୍ଷା ଓ ବିପର୍ଯ୍ୟସ୍ତ ରାସ୍ତାଘାଟ କାରଣରୁ ଶିମିଳିପାଳରେ ଧାର୍ଯ୍ୟ ୧୫ ଶିବିର ମଧ୍ୟରୁ ଅଧିକାଂଶ ସମ୍ପୂର୍ଣ୍ଣ ହୋଇଛି। ବିଦ୍ୟାଳୟ ଖୋଲିବା ପରେ ପରେ ବିଭାଗ ତରଫରୁ ସମସ୍ତ ଆବାସିକ ବିଦ୍ୟାଳୟ ସମେତ ୩୨ଟି ବିଦ୍ୟାଳୟରେ ୩୮୨୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୨ ଜଣଙ୍କ ପଜିଟିଭ ବାହାରିବାରୁ ସେମାନଙ୍କ ମ୍ୟାଲେରିଆ ଚିକିତ୍ସା କରାଯାଇଥିଲା। ମାର୍ଚ୍ଚରୁ ଅଗଷ୍ଟ ମ୍ୟାଲେରିଆ ପ୍ରବଣ ହୋଇଥିବା ଦୃଷ୍ଟିରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗ୍ରାମାଞ୍ଚଳର ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ନେଇ ତତ୍ପରତା ସହିତ କାମ କରିବାରେ ଲାଗିଛନ୍ତି ବୋଲି ସୂଚନା ଦେଇଛନ୍ତି। ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଅନୁସାରେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ମ୍ୟାଲେରିଆ ପ୍ରାଦୁର୍ଭାବ କମ୍ ରହିଛି। ଜୁଲାଇ ମାସରେ ''ଦମନ' କାର୍ଯ୍ୟକ୍ରମରେ ୩୯୦୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୨ ଜଣଙ୍କ ପଜିଟିଭ୍ ବାହାରିଥିଲା। ମ୍ୟାଲେରିଆପ୍ରବଣ ଗ୍ରାମ ଅସନବଣି, ବଡିରାବସା, ରାଉତଲା, ବଡ଼ରଞ୍ଜି, ସାନରଞ୍ଜି, କୋହ୍ଲା, ଗୋପୀନାଥପୁର, ବାଗଡେଗା, ଲେମ୍ବୁଗୋଡ଼ା, କୁଆଁରିବିଲ, ବିଲାପଦା, ଖଡ଼ିଆକୁଦୁରି ଆଦି ୧୫ଟି ଗ୍ରାମରେ ମ୍ୟାଲେରିଆ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇ ସମସ୍ତ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଗତ ମାର୍ଚ୍ଚରେ ମ୍ୟାଲେରିଆ ପଜିଟିଭ୍ ୩୯ ଥିବାବେଳେ ଏଥର ୨୯, ଏପ୍ରିଲରେ ୪୭ ଜାଗାରେ ଏଥର ୫୧, ମେ ମାସରେ ୧୨୮ ଥିବାବେଳେ ଏଥର ୬୩, ଜୁନ୍‌ରେ ୧୦୭ ଥିବାବେଳେ ଏଥର ୪୦ ଓ ଗତ ଜୁଲାଇରେ ୭୨ ଥିବାବେଳେ ଏଥର ୨୮, ଗତ ଅଗଷ୍ଟରେ ୧୯ ଆକ୍ରାନ୍ତଙ୍କ ତୁଳନାରେ ଏଥର ହ୍ରାସପାଇ ୮ରେ ପହଞ୍ଚିଛି। ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତୃପ୍ତି ମୁଣ୍ଡାଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳରେ ଡେଙ୍ଗୁ ସଚେତନତା ରଥ ବୁଲି ଜନସାଧାରଣଙ୍କ ପାଇଁ ସତର୍କ ବାର୍ତ୍ତା ପ୍ରଚାର କରିଥିଲା। ଏହି ନିରନ୍ତର କାମ କରୁଥିବା ମ୍ୟାଲେରିଆ ନିୟନ୍ତ୍ରଣ ଅଧିକାରୀ ତରୁଣ ମହାନ୍ତ ସୂଚନା ଦେଇଛନ୍ତି।

## ରେମୁଣା ଗୋଲେଇରେ ଦୁର୍ଘଟଣା, ଜଣେ ମୃତ

**ରେମୁଣା, ୧୪।୯ (ସମିସ):** ଗତକାଲି ବିଳମ୍ବିତ ରାତିରେ ରେମୁଣା ଗୋଲେଇରେ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଛି। ଆଜି ରାତି ପ୍ରାୟ ୧୨ଟା ସମୟରେ ରେମୁଣା ଗୋଲେଇରେ ବାରିପଦା ଦିଗରୁ ଏକ କଣ୍ଟେନର ଟ୍ରକ କୁରୁଡ଼ା ଆଡ଼କୁ ଯାଉଥିବା ସମୟରେ ଏକ ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଉକ୍ତ କଣ୍ଟେନରର ଚକା ତଳେ ଚାପି ହୋଇ ଯାଇଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ସେଠାରେ ମଧ୍ୟ ରାତ୍ରି ଯାଏ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଟ୍ରାଫିକ ଜାମ ମଧ୍ୟ ଅଣାୟତ୍ତ ହୋଇଥିଲା। ଘଟଣାସ୍ଥଳରେ ଶିଳ୍ପାଞ୍ଚଳ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହିତ ଘଟଣାର ତଦନ୍ତ କରିଥିଲା। ହେଲେ ମୃତକଙ୍କ ପରିଚୟ ମିଳିପାରିନଥିଲା। ଆଜି ଅଧିକ ତଦନ୍ତ କରି ପୁଲିସ ମୃତକଙ୍କ ପରିଚୟ ପାଇପାରିଚି। ମୃତକ ଜଣକ ହେଲେ ରେମୁଣା ବଡଗାଁ ଅଞ୍ଚଳର ଯାତ୍ରା ମାଲିକ କିଶୋର ମିଶ୍ରଙ୍କ ଭାଇ ରଞ୍ଜନ ମିଶ୍ର। ଏ ନେଇ ଶିଳ୍ପାଞ୍ଚଳ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ରେମୁଣା ଗୋଲେଇରେ କଡାକଡ଼ି ଟ୍ରାଫିକ ବ୍ୟବସ୍ଥା ପାଇ ବିଭିନ୍ନ ମହଲରେ ଦାବି ଜୋର ଧରିଛି, ନ ହେଲେ ଭବିଷ୍ୟତରେ ଆନ୍ଦୋଳନରେ ରୂପ ନେବ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ବୃଦ୍ଧ ମୃତ

**ସୋର,୧୪।୯ (ସମିସ):** ଖଇରା ଥାନା ଡାଲଙ୍ଗ ଗ୍ରାମରେ ଗାଈ ଚରାଇବାକୁ ଯାଇ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମାଖନପୁର ପଞ୍ଚାୟତ ଡାଲଙ୍ଗ ଗ୍ରାମର ଶଙ୍କର୍ଷଣ ସେଠୀ (୭୨) ଆଜି ସକାଳେ ଗାଈ ଚରାଇବାକୁ ଯାଇଥିବା ବେଳେ ମଧ୍ୟାହ୍ନ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ବିଲରେ ତାଙ୍କୁ ଅଚେତ ଅବସ୍ଥାରେ ଦେଖି ତୁରନ୍ତ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାନ ଚାଷ ପାଇଁ ଚାଷୀମାନେ ଷଣ୍ଢଙ୍କ ଦାଉରୁ ରକ୍ଷା ପାଇବାକୁ ବିଲରେ କରେଣ୍ଟ ବ୍ୟବହାର କରୁଛନ୍ତି।

ଏହି ବିଦ୍ୟୁତ ଆଘାତରେ ଶଙ୍କର୍ଷଣଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଡ଼ାକ୍ତରଖାନାରେ ପହଁଚି ଶବ ବ୍ୟବଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଗଜାନନଙ୍କ ଆରାଧନା



**ଆନନ୍ଦପୁର,୧୪।୯ (ସମିସ):** ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଶ୍ରୀ ଗଜାନନଙ୍କ ପୂଜା ଭାବ ଓ ଭକ୍ତି ମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ସହର ଆଜି ଚଳଚଞ୍ଚଳ ହୋଇଉଠିଛି। ସହରର ବିଭିନ୍ନ ପ୍ରତିଷ୍ଠିତ କ୍ଲବ୍ ପକ୍ଷରୁ ଗଜାନନଙ୍କ ପୂଜା ଧୂମଧାମରେ ପାଳନ କରାଯାଉଛି। ପ୍ରତିଯୋଗିତା ମୂଳକ ମନୋଭାବରେ ସମସ୍ତ କ୍ଲବ୍‌ର ପୂଜା ମଣ୍ଡପ ଗୁଡ଼ିକ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି।

ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଆକୃଷ୍ଟ କରିବା ପାଇଁ ତୋରଣ ସାଙ୍ଗକୁ ଗଜାନନଙ୍କ ଆକର୍ଷଣୀୟ ମୂର୍ତ୍ତି ବେଶ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଆନନ୍ଦପୁର ସର୍ବପୁରାତନ, ତ୍ରିଶକ୍ତି କ୍ଲବ, ଫ୍ରେଣ୍ଡସ କ୍ଲବ, ସ୍ୱାଇସ କ୍ଲବ, ଫକୀରପୁର ଛକ ଗଣେଶ, ସୁଡୁସୁଡ଼ିଆ ଛକ ଗଣେଶ କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ସେହିପରି ଘସିପୁରାର ସାର୍ବଜନୀନ ଗଣେଶ ପୂଜା, ଡ୍ରିମ୍ସ କ୍ଲବ ଗଣେଶ ପୂଜା ପାଇଁ ସମସ୍ତ ପୂଜା ମଣ୍ଡପ ଗୁଡ଼ିକରେ ଆକର୍ଷଣୀୟ ମେଢ଼ ଦେଖିବାକୁ ମିଳିଛି। ସହରର ସମସ୍ତ କ୍ଲବ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ଏହା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଷ୍ଠାନରେ ଗଣେଶ ପୂଜା ବହୁ ଯାକଜମକରେ ପାଳନ କରାଯାଉଛି। ଗଣେଶ ପୂଜା ପାଇଁ ଛାତ୍ରଛାତ୍ରୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ସହରର ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଏବଂ ମୂର୍ତ୍ତି ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି।

## ଗଛରେ ପିଟି ହୋଇ ବାଇକ୍ ଆରୋହୀ ଗୁରୁତର


**ନୀଳଗିରି, ୧୪।୯ (ସମିସ):** ନୀଳଗିରି ସହର ଦେଇ ଯାଇଥିବା ୧୯ ନଂ ରାଜ୍ୟ ରାଜପଥର ଘାଟଘରସାହି ଛକ ନିକଟରେ ସୋମବାର ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଏକ ଗଛକୁ ବାଡେଇଥିଲେ। ଫଳରେ ବାଇକ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ କଟକର ଅଶ୍ୱିନୀ ମେଡିକାଲକୁ ପରିବାର ଲୋକେ ନେଇ ଥିବାର ଜଣାପଡିଛି। ନୀଳଗିରି ଏନ୍.ଏ.ସି ର ବରିସାହି ଗ୍ରାମର ବୈଷ୍ଣବ ବୈଠାର ପୁଅ ମାନୁ ବୈଠା ନିଜ ବାଇକ୍‌ରେ ଦୁଇ ସାଙ୍ଗକୁ ବସାଇ ସଜନାଗଡ଼ ଆଡୁ ନୀଳଗିରି ଆସୁଥିବାବେଳେ ଘାଟଘର ସାହି ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା।

## ଯୋଡ଼ା ଖଣି ଅଞ୍ଚଳରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା

**ଯୋଡ଼ା,୧୪।୯ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଧୁମଧାମରେ ଗଣେଶ ପୂଜା ପାଳିତ ହେଉଛି। ଏହାକୁ ନେଇ ଯୋଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳରେ ଉତ୍ସବମୁଖର ହୋଇଛି। ସହରର ବିଭିନ୍ନ ଅନୁଷ୍ଠାନ, କ୍ଲବ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବିଦ୍ୟାଳୟରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଚାଲିଛି। ବିଭିନ୍ନ ପୂଜା ମଣ୍ଡପକୁ ଆଲୋକମାଳାରେ ସଜାଯାଇଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ଯୁବପିଢ଼ି, ବୟସ୍କ ଓ ଗୃହିଣୀମାନେ ମଧ୍ୟ ପୂଜାରେ ସାମିଲ ହେଉଛନ୍ତି। ଯୋଡ଼ା ବନେଇକଳାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗଣେଶ ପୂଜାକୁ ନେଇ ବିଶେଷ ଆୟୋଜନ କରାଯାଇଛି। ଏଠାରେ ପୂଜା ସହ ମେଳା ଆୟୋଜିତ ହେଉଥିବା ବେଳେ ଏହା ୧୨ ଦିନ ଧରି ଚାଲିବ। ଏଥିସହ ୧୩ ଫୁଟ ଉଚ୍ଚର ପ୍ରଭୁ ଶ୍ରୀଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ମୁଖ୍ୟ ଆକର୍ଷଣ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ମେଳାରେ ମୀନାବଜାର, ବିଭିନ୍ନ ପ୍ରକାର ଦୋଳି ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀର ଷ୍ଟଲ ଖୋଲାଯାଇଛି। ଏହି ମେଳା ଯୋଡ଼ା ସହର ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିବ ବୋଲି କମିଟି ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଗଣେଶ ପୂଜାକୁ ନେଇ ବିଭିନ୍ନ ପୂଜାମଣ୍ଡପରେ ଭକ୍ତଙ୍କ ସମାଗମ ସହ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେଉଛି। ଫଳରେ ଯୋଡ଼ା ସହରରେ ପୂଜାର ପରିବେଶ ଅଧିକ ଚଳଚଞ୍ଚଳ ହୋଇଉଠିଛି।



## ବୈତରଣୀରେ ନୂତନ ସେତୁ ନିର୍ମାଣ ପ୍ରସଙ୍ଗ | ୩୦ ଲକ୍ଷ ଟଙ୍କାର ବାଲି ଡିଲ୍ !



**ଆନନ୍ଦପୁର,୧୪।୯ (ସମିସ):** ଆନନ୍ଦପୁର ଠାରେ ନୂତନ ଭାବେ ବୈତରଣୀ ନଦୀରେ ନିର୍ମାଣାଧୀନ ସେତୁରେ ବ୍ୟବହାର ହୋଇଥିବା ବାଲିର ପରିମାଣକୁ ରଫା ଦଫା କରିବାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବୈତରଣୀ ନଦୀର ବାଲୁକା ଶଯ୍ୟାରେ ସେତୁର ନିର୍ମାଣ କାର୍ଯ୍ୟ ହେଉଥିବାରୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ବାଲିର ପରିମାଣ କିଏ ଆକଳନ କରିଛି ସେ ନେଇ ପ୍ରଶାସନିକସ୍ତରରେ ତଦନ୍ତ ପାଇଁ ଦାବି ହୋଇଛି। ତେବେ ଏହି କାରବାରରେ ଏକ ବଡ଼ଧରଣର ଡିଲ୍ ଚର୍ଚ୍ଚାକୁ ଆସିଛି। କୁଆଡ଼େ ୩୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିବା କଥା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବାଲିର ରୟାଲଟିକୁ ଫାଙ୍କିବା ଏବଂ ବାଲିରୁ ବଡ଼ ଧରଣର ମୁନାଫା କମାଇବା ପାଇଁ ଏହି ଡିଲ୍ ହୋଇଛି। ସେତୁ ନିର୍ମାଣ କାର୍ଯ୍ୟରେ ପାଖାପାଖି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଲି ବ୍ୟବହାର ହୋଇଥିବାବେଳେ ଏହାର ରୟାଲଟି ପେପର ଚଞ୍ଚକତାପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ଠାରୁ ବାଲିର ଅର୍ଥ ହାସଲ କରି ଟଙ୍କା ହଡ଼ପ କରାଯିବା ଭଳି ଯୋଜନା କରାଯାଉଥିବା ଚାରିଆଡେ ଚର୍ଚ୍ଚା ହେଉଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଏଷ୍ଟିମେଟ୍ ଆଧାରରେ ସେତୁ ନିର୍ମାଣରେ ବ୍ୟବହାର ହୋଇଥିବା ବାଲି ଏବଂ ବାଲି ବାବଦକୁ ରୟାଲଟି ପେପରକୁ ତଦାରଖ କରାଗଲେ ପ୍ରକୃତ ଗୁମର ଫିଟିବ ବୋଲି ପୂର୍ବତନ କାଉନସିଲର ମଦନ ମୋହନ ପାଣି ଦାବି କରିଛନ୍ତି।

## ଆକାଶରେ ବିରଳ ଦୃଶ୍ୟ, ଚନ୍ଦ୍ର ପଛରେ ଶୁକ୍ର



**ତୁରୁମୁଙ୍ଗା,୧୪।୯ (ସମିସ):** ସନ୍ଧ୍ୟା ଆକାଶରେ ଦେଖିବାକୁ ମିଳିଲା ମନୋମୁଗ୍ଧକର ତଥା ବିରଳ ଦୃଶ୍ୟ। ଜହ୍ନର ନିକଟରେ ଉଜ୍ଜ୍ୱଳ ଶୁକ୍ର ଗ୍ରହ ଦୃଶ୍ୟମାନ ହୋଇଥିଲା। ପାଟଣା ବ୍ଲକ ତୁରୁମୁଙ୍ଗା ସମେତ ଏହାର ଆଖପାଖ ଅଞ୍ଚଳରେ ଆଜି ସନ୍ଧ୍ୟାରେ ଆକାଶକୁ ଚାହିଁ ଲୋକେ ଏହି ସୁନ୍ଦର ଦୃଶ୍ୟର ସାକ୍ଷୀ ହୋଇଥିଲେ। ଜହ୍ନର ନିକଟରେ ଶୁକ୍ର ଗ୍ରହର ଉଜ୍ଜ୍ୱଳ ଆଭା ଆକାଶକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି ମନୋମୁଗ୍ଧକର ଦୃଶ୍ୟକୁ ଅନେକେ ନିଜ ମୋବାଇଲ କ୍ୟାମେରାରେ କଏଦ କରୁଥିବା ଦେଖିବାକୁ ମିଳିଥିଲା।

## ଗାଧୋଇବାକୁ ଯାଇ ନଦୀରେ ଭାସିଗଲେ ଦମ୍ପତି

**ବାଲିଚନ୍ଦ୍ରପୁର,୧୪।୯ (ସମିସ):** ବାଲିଚନ୍ଦ୍ରପୁର ଥାନା ଅଧୀନ ସାଉଡିଆ ପଞ୍ଚାୟତ ଅନ୍ତର୍ଗତ ବାଲିକୁଦା ଗ୍ରାମର ସୁଧାକର ଓଝା (୫୫) ଏବଂ ତାଙ୍କର ପତ୍ନୀ ସୁଲୋଚନା ଓଝା (୫୦) ଘର ନିକଟସ୍ଥ ଗେଙ୍ଗୁଟି ନଦୀକୁ ସକାଳୁ ସକାଳୁ ଶୌଚ ହେବା ପାଇଁ ଯାଇ ନଦୀର ପ୍ରଖର ସ୍ରୋତରେ ଉଭୟ ନିଖୋଜ ହୋଇଯାଇଛନ୍ତି। ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁତ୍ ଖୋଜାଖୋଜି କରିବା ପରେ ନଦୀ ତୁଠକୁ ଆସି ତାଙ୍କର ଲୁଗା ପଟା, ବାଲ୍‌ଟି, ଚପଲ ଆଦି କୂଳରେ ରହିଥିବା ଦେଖିବାକୁ ପାଇଥିଲେ। ସେମାନେ ନଦୀରେ ଭାସିଯାଇଥିବା ସନ୍ଦେହ ପ୍ରକାଶ କରି ବାଲିଚନ୍ଦ୍ରପୁର ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା।

### ଗୁରୁତର ପତ୍ନୀ ଉଦ୍ଧାର, ସ୍ୱାମୀଙ୍କ ପତ୍ତା ମିଳୁନି

ଖବର ପାଇ ବାଲିଚନ୍ଦ୍ରପୁର ପୁଲିସ ଓ ବଡଚଣା, ବରୀରୁ ଦୁଇଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଦିନ୧୦ ସମୟରେ ପ୍ରାୟ ୧୦ କିଲୋମିଟର ଦୂର କେନ୍ଦ୍ରପଡା ଜିଲ୍ଲାର ଛୋଟି (ପଲ୍ଲୀ) ନିକଟରେ ନଦୀ ପାଶ୍ୱର୍ରେ ବେଣା ବୁଦା ପାଖରେ ଗୋଟିଏ ସ୍ତ୍ରୀ ଲୋକ ପଡିରହିଥିବା ଖବର ମିଳିବା ପରେ ପରିବାର ଲୋକେ ତୁରନ୍ତ ସେଠାରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଥିବା ସୁଲୋଚନାକୁ ଉଦ୍ଧାର କରି ଇନ୍ଦୁପୁର ଓ ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସୁଲୋଚନା ଏବେ କଟକରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ ଦୁଇଦଳ ବାଲିକୁଦା ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ସୁଧାକରଙ୍କୁ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।


## ରେଳ ଧାରଣାରୁ ଖଣ୍ଡ ବିଖଣ୍ଡିତ ଶବ ଉଦ୍ଧାର

**ସୋର,୧୪।୯ (ସମିସ):** ସୋର ରେଳ ଷ୍ଟେସନ ଅନତି ଦୂର ଲିଙ୍ଗପଡା ଫାଟକ ନିକଟରେ ଜଣେ ବୃଦ୍ଧଙ୍କ ଖଣ୍ଡବିଖଣ୍ଡିତ ମୃତ ଦେହ ରେଳ ଧାରଣାରୁ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ଗତକାଲି ରାତିରେ କୌଣସି ଏକ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଆଜି ସକାଳେ ଏ ବାବଦରେ ଖବର ପାଇ ସୋର ଆରପିଏଫ ଓ ବାଲେଶ୍ୱର ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ନେଇଥିବା ଜଣାପଡିଛି।

## ଉଦ୍‌ଘାଟନର ୩ ମାସ ପରେ ବି ଥାନାରେ ଝୁଲୁଛି ତାଲା

**ବ୍ରହ୍ମବରଦା,୧୪।୯ (ସମିସ):** ବହୁ ପ୍ରତୀକ୍ଷା ପରେ ନିର୍ମିତ ବ୍ରହ୍ମବରଦା ନୂତନ ଥାନା ଗୃହ ଉଦଘାଟନ ହୋଇ ତିନି ମାସ ବିତିଗଲାଣି, କିନ୍ତୁ ଏ ପର୍ଯ୍ୟନ୍ତ ନୂଆ ଗୃହରେ ଥାନା କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଫଳରେ ସରକାରଙ୍କ ପ୍ରତିଶ୍ରୁତି ଏବେ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତାରଣା ପାଲଟିଛି ବୋଲି ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଗତ ଜୁନ ୪ ତାରିଖ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ତାଳବଣିଆ ଠାରୁ ଭର୍ଚୁଆଲ ମାଧ୍ୟମରେ ବ୍ରହ୍ମବରଦା ନୂତନ ଥାନା ଗୃହକୁ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ସେହି ଦିନ ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ଫିତା କାଟି ଔପଚାରିକ ଗୃହ ପ୍ରବେଶ କରିଥିଲେ। ଉଦଘାଟନ ସମୟରେ ଉପସ୍ଥିତ ପୋଲିସ ଅଧିକାରୀମାନେ କହିଥିଲେ ଯେ, ଏହି ଅତ୍ୟାଧୁନିକ ଥାନା ଗୃହରେ ଅପରାଧ ନିୟନ୍ତ୍ରଣ, ମହିଳା ସୁରକ୍ଷା, ଶିଶୁ ସହାୟତା ଡେସ୍କ, ସାଇବର ହେଲ୍ପ ଡେସ୍କ, ସିସିଟିଭି ସର୍ଭିଲାନ୍ସ, ଅନଲାଇନ ଏଫଆଇଆର, ସ୍ୱାଗତ କକ୍ଷ ଏବଂ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ ଭଳି ସମସ୍ତ ସୁବିଧା ଲୋକଙ୍କୁ ହାତ ପାହାନ୍ତାରେ ମିଳିବ। ଥାନା ଅଧୀନ ୯ଟି ପଞ୍ଚାୟତର ଲୋକେ ଏହାକୁ ନେଇ ବେଶ ଆଶାବାଦୀ ଥିଲେ।କିନ୍ତୁ ୩ ମାସ ବିତିଯାଇଥିଲେ ମଧ୍ୟ ନୂଆ ଗୃହର ତାଲା ଖୋଲୁନାହିଁ। ଅନେକ କାମ ଅଧା ପଡ଼ିଥିବା ଚର୍ଚ୍ଚା ହେଉଛି। ଯଦି କାମ ସରି ନ ଥିଲା, ତେବେ ଏତେ ତରବରିଆ ଭାବେ ଉଦଘାଟନ କାହିଁକି କରାଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।ଫଳରେ ଏବେ ବି ପୁରୁଣା ଜରାଜୀର୍ଣ୍ଣ ଗୃହରେ ଥାନା ଚାଲିଛି, କର୍ମଚାରୀ ଅଭାବ ସମସ୍ୟା ଲାଗି ରହିଛି ଏବଂ ଲୋକେ ହନ୍ତସନ୍ତ ହେଉଛନ୍ତି। କୋଟି କୋଟି ଟଙ୍କା ବ୍ୟରେ ନିର୍ମିତ ନୂଆ ଥାନା ଗୃହ ଏବେ କେବଳ ମୂକସାକ୍ଷୀ ପାଲଟିଛି।





## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦେବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ନୂତନ ଜମି କ୍ରୟ କରିପାରନ୍ତି।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ। ଘରେ ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।


**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟାର ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

## ଆଜିର ଇତିହାସ

- ୧୮୭୬- ବଙ୍ଗଳା ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପଧ୍ୟାୟଙ୍କ ଜନ୍ମ।
- ୧୯୫୯- ଦୂରଦର୍ଶନର ପ୍ରସାରଣ ସେବା ଆରମ୍ଭ ହେଲା।
- ୧୯୯୭- ଗୁଗଲ୍ ଡଟ୍‌କମ୍ ଡୋମେନ୍ ନେମ୍ ଭାବେ ପଞ୍ଜୀକୃତ ହେଲା।
- ୨୦୦୮- ଆମେରିକାର ସବୁଠୁ ବଡ଼ ବ୍ୟାଙ୍କ ଲେହମ୍ୟାନ୍ ବ୍ରଦର୍ସ ନିଜକୁ ଦେବାଳିଆ ଘୋଷଣା କଲା।

# ଇଞ୍ଜିନିୟର୍ସ ଡେ

ଆଜି ଇଞ୍ଜିନିୟର ଦିବସ। ଦେଶର ବିକାଶ ଏବଂ ପ୍ରଗତିରେ ଇଞ୍ଜିନିୟରମାନଙ୍କର ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବାର ଏକ ସ୍ୱତନ୍ତ୍ର ଅବସର। ଏହି ଦିନ ମହାନ ଇଞ୍ଜିନିୟର ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କର ଜନ୍ମ ଜୟନ୍ତୀ। ତାଙ୍କର ଦେଶପ୍ରେମ ଏବଂ ଅସାଧାରଣ ବୈଷୟିକ ଜ୍ଞାନକୌଶଳକୁ ମନେ ପକାଇବା ପାଇଁ ୧୯୬୮ ମସିହାରୁ ଭାରତ ସରକାର ଏହି ଦିନକୁ 'ଇଞ୍ଜିନିୟର୍ସ ଡେ' ଭାବେ ଘୋଷଣା କରିଥିଲେ। ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା ଭାରତର ଜଣେ ମହାନ ଇଞ୍ଜିନିୟର, ଦକ୍ଷ ପ୍ରଶାସକ ଏବଂ ଆଧୁନିକ ମହିଶୂରର ନିର୍ମାତା ଥିଲେ। ଦେଶ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତର "ଆଧୁନିକ ଇଞ୍ଜିନିୟରିଂର ଜନକ" ଭାବେ ଗଣନା କରାଯାଏ। ଦେଶର ପ୍ରଥମ ସିଭିଲ୍ ଇଞ୍ଜିନିୟର ଭାବେ ସେ ପରିଚିତ। କାବେରୀ ନଦୀ ଉପରେ ପ୍ରସିଦ୍ଧ କୃଷ୍ଣରାଜ ସାଗର ବନ୍ଧ ନିର୍ମାଣ ସେ କରିଥିଲେ। ପାଣି ରୋକିବା ପାଇଁ ସ୍ୱୟଂଚାଳିତ ଫ୍ଲଡ୍ ଗେଟ୍‌ର ଡିଜାଇନ୍ କରିଥିଲେ। ହାଇଦ୍ରାବାଦ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସେ ସ୍ୱତନ୍ତ୍ର ପ୍ଲାନିଂ କରିଥିଲେ। ଦେଶ ଗଠନରେ ତାଙ୍କର ଅସାଧାରଣ ଅବଦାନ ପାଇଁ ୧୯୫୫ ମସିହାରେ ତାଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ତାଙ୍କରି ସ୍ମୃତି ଓ ଜନ୍ମ ଜୟନ୍ତୀକୁ ସମ୍ମାନ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୧୫ କୁ ଭାରତରେ ଇଞ୍ଜିନିୟର୍ସ ଡେ' ଭାବେ ପାଳନ କରାଯାଏ। ସମାଜରେ ଇଞ୍ଜିନିୟରିଂ କ୍ଷେତ୍ରର ଗୁରୁତ୍ୱ ବୁଝାଇବା ଏବଂ ଆଜିର ଯୁବପିଢ଼ିକୁ ନବସୃଜନ ତଥା ଦେଶ ଗଠନ ପାଇଁ ଉତ୍ସାହିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏହି ଦିନରେ ସାରା ଦେଶର ବିଭିନ୍ନ ସ୍କୁଲ, କଲେଜ ଏବଂ ଆଇଟି କମ୍ପାନିଗୁଡ଼ିକରେ ପ୍ରଦର୍ଶନୀ, ସେମିନାର ଏବଂ ବୈଷୟିକ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି-"ନବସୃଜନ ଏବଂ ଡିଜିଟାଲାଇଜେସନ୍ ମାଧ୍ୟମରେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସ୍ମାର୍ଟ ଇଞ୍ଜିନିୟରିଂ।"





# 'ନୟା ନଭେଲି'ର ଟିଜର୍ ରିଲିଜ୍

ବଲିଉଡ୍‌ର ଅନ୍ୟତମ ପ୍ରତିଭାଶାଳୀ ଅଭିନେତ୍ରୀ ୟାମୀ ଗୌତମ ପୁଣିଥରେ ବଡ଼ ପରଦାରେ ଦର୍ଶକଙ୍କ ହୃଦୟ ଜିତିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସସପେନ୍ସ, ଥ୍ରୀଲର ଏବଂ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ପ୍ରଶଂସା ସାଉଁଟିଥିବା ୟାମୀ, ଏଥର ଏକ ଭିନ୍ନ ରୂପରେ ନଜର ଆସିଛନ୍ତି। ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ନୟା ନଭେଲି' ର ଟିଜର୍ ରିଲିଜ୍ ହେବା ପରେ ଏବେ ସିନେପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଯାଇଛି।

ଟିଜର୍‌ର ଆରମ୍ଭ ଏକ ସାଧାରଣ ଭାରତୀୟ ପରିବାରରୁ ହେଉଛି। ଘରକୁ ନୂଆ ବୋହୂ ହୋଇ ଆସୁଛନ୍ତି ମୋହିନୀ(ୟାମୀ)। ପ୍ରଥମ ଦେଖାରେ ଜଣେ ଶାନ୍ତ, ସୁଶୀଳ ଏବଂ ସଂସ୍କାରୀ ବୋହୂ ଭଳି ମନେହେଉଥିବା ମୋହିନୀଙ୍କ ଭିତରେ କିନ୍ତୁ ଏକ ବଡ଼ ରହସ୍ୟ ଲୁଚି ରହିଛି। ସେ କେବଳ ଜଣେ ସାଧାରଣ ବୋହୂ ନୁହନ୍ତି, ବରଂ ତାଙ୍କର ଏକ ଭୟଙ୍କର ରୂପ ମଧ୍ୟ ରହିଛି, ଯାହା ଧୀରେ ଧୀରେ ପରିବାର ସାମ୍ନାକୁ ଆସୁଛି। ଟିଜର୍‌କୁ ସବୁଠୁ ଆକର୍ଷଣୀୟ କରିଛି ଏହାର ଦମଦାର୍ ସଂଳାପ। ଯେତେବେଳେ ୟାମୀ ବହୁତ ସହଜ ଏବଂ ରହସ୍ୟମୟ ଢଙ୍ଗରେ କୁହନ୍ତି– "୨ଟା ଡାହାଣୀ, ୩ଟା ପିଶାଚ ଏବଂ ୪ଟା ଭୂତ ସକାଳ ଜଳଖିଆରେ ଖାଉଥିବା ଡାହାଣୀ ଏବେ ପ୍ରସ୍ତୁତ...", ସେତେବେଳେ ୟାମୀଙ୍କର ଏହି ଭୟଙ୍କର ଅନ୍ଦାଜ କାହାଣୀକୁ ଏକ ନୂଆ ମୋଡ଼ ଦେଉଥିବା ସ୍ପଷ୍ଟ ଜଣାପଡୁଛି। ବଲିଉଡ୍‌ରେ ବର୍ତ୍ତମାନ ହରର୍-କମେଡି ଚଳଚ୍ଚିତ୍ରର ଧାରା ଚାଲିଥିବାବେଳେ 'ନୟା ନଭେଲି' ମଧ୍ୟ ସେହି ଧାରାରେ ଏକ ବଡ଼ ଧମାକା କରିବାକୁ ଯାଉଛି। ଫିଲ୍ମରେ ମୋହିନୀ ସତରେ ଜଣେ ଡାହାଣୀ ନା ଏହା ପଛରେ ଅନ୍ୟ କୌଣସି ରହସ୍ୟ ରହିଛି, ତାକୁ ନେଇ କାହାଣୀ ଗତିଶୀଳ ହେବ। ୟାମୀଙ୍କର ଏହି ବହୁମୁଖୀ ଚରିତ୍ର ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ବୋଲି ଆଶା କରାଯାଉଛି।

# ପ୍ରତିଶୋଧ ପାଇଁ ନିର୍ମାଣ ହେଲା ବିଶ୍ୱର ସବୁଠୁ ସଂକୀର୍ଣ୍ଣ ଅଟ୍ଟାଳିକା

ଭାଇ-ଭାଇ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ, ମାର୍‌ପିଟ୍ ଦେଖିଥିବେ। ହେଲେ ଲେବନାନ୍‌ର ରାଜଧାନୀ ବୈରୁତରେ ଜଣେ ଭାଇ ପ୍ରତିଶୋଧ ନେବାକୁ ଯାଇ ଏକ ଅଦ୍ଭୁତ ସ୍ଥାପତ୍ୟ ନିର୍ମାଣ କରିଛନ୍ତି ଯାହା ସଭିଙ୍କୁ ଚକିତ କରିଛି। ସେ ୧୨୦ ବର୍ଗ ମିଟର ଜମିରେ ବହୁତ ପତଳା ଅଟ୍ଟାଳିକାଟିଏ ନିର୍ମାଣ କରିଛନ୍ତି। ଏହାକୁ କେହି ଦେଖିଲେ ପ୍ରଥମେ ଏକ ପତଳା କାନ୍ଥ ବୋଲି ଭାବିବେ। ସ୍ଥାନୀୟ ଲୋକେ ଏହାକୁ 'ଦ ଗ୍ରଜ୍' ଅର୍ଥାତ୍ 'ଅଲ୍ ବଅସା' କୁହନ୍ତି। ଆରବୀ ଭାଷାରେ ଏହାର ଅର୍ଥ ପ୍ରତିଶୋଧ ନେବାକୁ ବୁଝାଏ। ଏହା ବିଶ୍ୱର ସବୁଠୁ ପତଳା ଅଟ୍ଟାଳିକା ଭାବେ ଜଣାଯାଏ। ଏହା ବାହାରୁ ବିଳାସମୟ ଅଟ୍ଟାଳିକା ଭଳି ଦୃଶ୍ୟମାନ ହେଲେ ମଧ୍ୟ ଭିତରକୁ ପ୍ରବେଶ ଅତ୍ୟନ୍ତ କଷ୍ଟକର। ଏହି ଅଟ୍ଟାଳିକାର କାହାଣୀ ୧୯୫୪ ମସିହାରେ ଆରମ୍ଭ ହୋଇଥିଲା। ଦୁଇ ଭାଇ ତାଙ୍କ ପିତାଙ୍କଠାରୁ ଉତ୍ତରାଧିକାରୀ ଭାବେ ଏକ ଜମି ପାଇଥିଲେ। ଭାଗବଣ୍ଟା ସମୟରେ ସମୁଦ୍ରକୂଳରେ ଜଣେ ଭାଇ ବଡ଼, ମୂଲ୍ୟବାନ ଜମି ପାଇଥିବାବେଳେ, ଅନ୍ୟ ଜଣକ ଛୋଟ, ସଂକୀର୍ଣ୍ଣ ଜମି ପାଇଥିଲେ। ଛୋଟ ଜମି ପାଇଥିବା ଭାଇ ଜମିବଣ୍ଟାରେ ସନ୍ତୁଷ୍ଟ ନଥିଲେ। ଏହି ସଂକୀର୍ଣ୍ଣ ସ୍ଥାନକୁ ସେ ବ୍ୟବହାର କରିପାରିବେନି ବୋଲି ଭାବିଥିଲେ। ତେଣୁ ସେ ଭାଇଠୁ ପ୍ରତିଶୋଧ ନେବା ଏବଂ ଈର୍ଷା ପରାୟଣ ହୋଇ, ତାଙ୍କ ଭାଇଙ୍କୁ ମିଳିଥିବା ଜମି ସମ୍ମୁଖରେ ୧୪ ମିଟର ଉଚ୍ଚ ଏକ ସଂକୀର୍ଣ୍ଣ କୋଠା ନିର୍ମାଣ କଲେ। ଏକମାତ୍ର ଉଦ୍ଦେଶ୍ୟ ଥିଲା ଭାଇ ଜମିରୁ ଦୃଶ୍ୟମାନ ହେଉଥିବା ସମୁଦ୍ର ଦୃଶ୍ୟକୁ ଅବରୋଧ କରିବା। ସମୁଦ୍ର ଦେଖା ନ ଗଲେ ସେହି ଜମିଟି ମୂଲ୍ୟହୀନ ହୋଇଯିବ ବୋଲି ଭାବିଲେ। ଏହି ଅଟ୍ଟାଳିକାଟି ସଂକୀର୍ଣ୍ଣ ସ୍ଥାନରେ ୬୦ ସେଣ୍ଟିମିଟର ଚଉଡ଼ା ଏବଂ ଚାରିମିଟର ଗଭୀରରେ ନିର୍ମିତ। ସାମ୍ନାରୁ, ଏଥିରେ ବାଲକୋନି ଝରକା ଦୃଶ୍ୟମାନ ଥିବାରୁ ଦୂରରୁ ଏହା ସାଧାରଣ ବଡ଼ ଘର ପରି ଦେଖାଯାଏ। ହେଲେ ଭିତରୁ ଏହା ଆଶ୍ଚର୍ଯ୍ୟଜନକ। ପ୍ରତିଫ୍ଲୋରରେ ଦୁଇଟି ଲେଖାଏଁ, ଆପାର୍ଟମେଣ୍ଟ ରହିଛି। କୋଠରୀଗୁଡ଼ିକ ଲମ୍ବା, ସଂକୀର୍ଣ୍ଣ ଗ୍ୟାଲେରୀ ଦ୍ୱାରା ସଂଯୁକ୍ତ। କୋଠାଟି ସଂକୀର୍ଣ୍ଣ ହେବା ସହିତ, କୋଠରୀଗୁଡ଼ିକ ଛୋଟ। ପ୍ରତ୍ୟେକ କୋଠରୀରେ ଦୁଇଟି ଝରକା ଥିବାବେଳେ ଗୋଟିଏ ଭାଇ ପ୍ଲଟ୍ ଆଡ଼କୁ ମୁହଁ କରିଥିବାବେଳେ, ଅନ୍ୟଟି ସମୁଦ୍ରର ମନୋରମ ଦୃଶ୍ୟ ପ୍ରଦାନ କରେ। ଅଟ୍ଟାଳିକାଟି ବ୍ୟବହାର ଯୋଗ୍ୟ ନହେଲେ ମଧ୍ୟ ବର୍ତ୍ତମାନର ମାଲିକ ଏହାକୁ ଭାଙ୍ଗିବାକୁ ଚାହୁଁନାହାନ୍ତି। ଏହା ଏତେ ଛୋଟ ଯେ ଭାଙ୍ଗିଲେ ମଧ୍ୟ ଏହି ସ୍ଥାନରେ କିଛି ନିର୍ମାଣ ହୋଇପାରିବ ନାହିଁ।





# ଗୋଟିଏ ଜମିରେ ବିବିଧ ଫସଲ

**ଅଧୁନା ଶିକ୍ଷିତ ଯୁବପିଢ଼ି ଚାକିରି ଆଶାରେ ଗାଁ ଛାଡ଼ି ସହରମୁହାଁ ହେଉଛନ୍ତି। ହେଲେ ଉତ୍ତରାଖଣ୍ଡ, ବାଗେଶ୍ୱର ଅନ୍ତର୍ଗତ ଚୌରସୋ ଗାଁ'ର ଚନ୍ଦ୍ରଶେଖର ପାଣ୍ଡେ ଚାକିରି ଛାଡ଼ି ଆଧୁନିକ କୃଷି ପ୍ରଣାଳୀକୁ ଆପଣାଇଛନ୍ତି। ସେ ଗୋଟିଏ ଜମିରେ ବିବିଧ ଫସଲ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ଦୀର୍ଘ ବର୍ଷର ଚାକିରି ଜୀବନକୁ ତୁଚ୍ଛକରି ଚନ୍ଦ୍ରଶେଖର ଗାଁ'ରେ ବିବିଧ ଫସଲ ଚାଷ କରୁଛନ୍ତି। ସେ ୧.୫ ଏକର ଜମିରେ କଳା ଚାଉଳ, କଳା ଗହମ, ପନିପରିବା, ଡାଲି ଏବଂ ଔଷଧୀୟ ଫସଲ ଚାଷ କରୁଛନ୍ତି। ବିବିଧ ଫସଲ ଚାଷ ଦ୍ୱାରା ଜମିର ଉର୍ବରତା ବୃଦ୍ଧି ପାଇଥାଏ। କମ୍ ଖର୍ଚ୍ଚରୁ ଅଧିକ ଲାଭ ମିଳିଥାଏ। ସେହିପରି ଥଣ୍ଡା ଜଳବାୟୁ ଏବଂ ଉର୍ବର ମାଟିକୁ ଉପଯୋଗ କରି ଚନ୍ଦ୍ରଶେଖର ରଙ୍ଗୀନ କୋବି ମଧ୍ୟ ଚାଷ କରୁଛନ୍ତି। ରଙ୍ଗୀନ କୋବିର ଦାମ ଅଧିକ ଥିବାରୁ ଏଥିରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ଗୋଟିଏ ଜମିରେ ବିବିଧ ଫସଲ ଚାଷ ଯୋଗୁଁ ଚନ୍ଦ୍ରଶେଖରଙ୍କୁ ବର୍ଷସାରା କେବଳ ଗୋଟିଏ ଫସଲ ଉପରେ ନିର୍ଭର ରହିବାକୁ ପଡ଼େନାହିଁ। ଗୋଟିଏ ଫସଲ କ୍ଷତି ହେଲେ ଅନ୍ୟ ଫସଲରୁ ତାଙ୍କୁ ଲାଭ ମିଳି ଯାଇଥାଏ। ଏନେଇ ଚନ୍ଦ୍ରଶେଖର କୁହନ୍ତି, ଆଧୁନିକ କୌଶଳ, ନୂତନ ଫସଲ, ସଠିକ ଯୋଜନା ଏବଂ ବିକ୍ରି ସୁବିଧା ଦ୍ୱାରା ଚାଷକାର୍ଯ୍ୟରୁ ଲାଭ ମିଳିପାରିବ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଟମାଟୋ, ଲଙ୍କା, ବାଇଗଣ ଆଦି ଚାରାକୁ ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ଦ୍ୱାରା ଆଚ୍ଛାଦନ କରି ରଖନ୍ତୁ, ଯେପରିକି ଏହା ବର୍ଷା ଦ୍ୱାରା ପ୍ରଭାବିତ ହେବ ନାହିଁ।
- ଫସଲରେ ରୋଗ ଓ ପୋକଙ୍କର ସଂକ୍ରମଣକୁ ନିୟମିତ ନିରୀକ୍ଷଣ କରନ୍ତୁ।
- ବର୍ଷାପାଗ ଯୋଗୁଁ ଅମୃତଭଣ୍ଡାରେ ମୂଳପଚା ରୋଗ ଲାଗିଲେ ଏହାର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ କପର ଅକ୍ସିକ୍ଲୋରାଇଡ @୩ ଗ୍ରାମ କିମ୍ବା କାର୍ବେଣ୍ଡାଜିମ୍ @୧ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ।
- କଦଳୀ ଜମିରୁ ବକଳା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଗଛ ନପଡ଼ିବା ପାଇଁ ଡେରା ଦିଅନ୍ତୁ।
- ଟମାଟୋ ଲଗାଇବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଏକ ଏକର ଟମାଟୋ ଚାଷ ପାଇଁ ୨୦୦ ଗ୍ରାମ ଉନ୍ନତ କିସମ ବିହନ ଏବଂ ୫୦ ଗ୍ରାମ ସଙ୍କର କିସମ ବିହନ ଆବଶ୍ୟକ ହୋଇଥାଏ।



**ଗୋଲାପ ଏକ ଲାଭଜନକ ଚାଷ। ତେବେ କୁଣ୍ଡରେ ଗୋଲାପ ଗଛ ଲଗାଉଥିଲେ ଜଳନିଷ୍କାସନ, ଜୈବିକ ମୃତ୍ତିକା, ଖତ ଚୟନ ସହିତ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦିଆଯାଏ।**

# କୁଣ୍ଡରେ ଗୋଲାପ ଲଗାଉଥିଲେ...

ଗୋଲାପ ଗଛର ଚେର ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସ୍ଥାନ ଆବଶ୍ୟକ। ସେଥିପାଇଁ ୧୨ରୁ ୧୬ ଇଞ୍ଚ ଗଭୀର ଏବଂ ଚଉଡ଼ା କୁଣ୍ଡ ଚୟନ କରାଯାଏ। ଦୁଇ ତିନି ବର୍ଷର ପୁରୁଣା ଗଛକୁ ବଡ଼ କୁଣ୍ଡରେ ଲଗାଯାଏ। ଗଛ ଲଗାଇବା ପାଇଁ ବାଲି ଦୋରସା, ଜିଆଖତ, ସଢ଼ା ଗୋବରମିଶା ମାଟି ବ୍ୟବହାର କରି ପାରିବେ। ଜଳ ନିଷ୍କାସନ ପାଇଁ କୁଣ୍ଡରେ ଛିଦ୍ର କରିବାକୁ ଭୁଲନ୍ତୁନି। ମାଟିର ଉପର ପରସ୍ତ ଶୁଖିଗଲେ ଗଛରେ ପାଣି ଦେବା ଜରୁରି। ଅଧିକ ଫୁଲ ଫୁଟିବାକୁ ଜୈବିକ ଖତ, ଜିଆଖତ ଓ ସୋରିଷ ପିଡ଼ିଆ ଦେଇପାରିବେ। ଶତପ୍ରତିଶତ ଜଳଦ୍ରବୀଭୂତ ସାର ଜଳସେଚନ ପାଣିରେ ମିଶାଇ ଦେଇପାରିବେ। ଗଛରୁ ଶୁଖିଲା ଡାଳ, ପତ୍ରକୁ କାଟଛାଟ କରିବା ସହ ରୋଗପୋକ ସର୍ବେକ୍ଷଣ କରିବା ଆବଶ୍ୟକ।






# ବନ୍ୟା ପରେ ମାଛ ପୋଖରୀର ଯତ୍ନ

ଆମ ରାଜ୍ୟରେ ଅନେକ ସ୍ଥାନରେ ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାଦ୍ୱାରା ମାଛ ଚାଷ ପୋଖରୀଗୁଡ଼ିକ ବୁଡ଼ି ଯାଇଥିଲା। ତେଣୁ ବନ୍ୟା ପରବର୍ତ୍ତୀ ସମୟରେ ଭାଙ୍ଗି ଯାଇଥିବା ପୋଖରୀର ହୁଡ଼ାଗୁଡିକୁ ମାଟି ପକାଇ ଅଧିକ ଉଚ୍ଚ ଓ ମେସିନ୍ ଦ୍ୱାରା ଦୃଢ଼ୀଭୂତ କରିନେବା ବିଧେୟ। ତା'ପରେ ଜାଲ ପକାଇ ବାହାରୁ ପଶିଥିବା ଅନାବନା ମାଛ ଓ ଶିକାରୀମାଛଙ୍କୁ ଧରି ବିକ୍ରି କରିଦେବା ସଙ୍ଗେ ସଙ୍ଗେ ପୋଖରୀରେ ଆଉ କେତେ ପରିମାଣର ଚାଷୋପଯୋଗୀ କାର୍ପ ମାଛ ଅଛନ୍ତି, ତାକୁ ଆକଳନ କରିଦେବା ଉଚିତ। ଜାଲ ଟଣା ସମୟରେ ପୋଖରୀରେ ପଶିଯାଇଥିବା ଗଛ ଡାଳପତ୍ର ସବୁକୁ ବାହାର କରିଦେବା ଆବଶ୍ୟକ। ପୋଖରୀ ପାଣିର ପି.ଏଚ୍ ଏବଂ ମୋଟ କ୍ଷାରତ୍ୱକୁ ପରୀକ୍ଷା କରି ପୋଖରୀରେ ଏକର ପିଛା ୪୦ରୁ ୮୦ କି.ଗ୍ରା. ଚୂନକୁ ରାତିସାରା ବତୁରାଇ ସକାଳେ ପକାଯିବ। ପୋଖରୀରେ ଯଦି ଅଧିକ ଜୈବିକ ପଦାର୍ଥ ପଶି ପାଣି ଦୁର୍ଗନ୍ଧଯୁକ୍ତ ହୁଏ ତା'ହେଲେ ଏକରପ୍ରତି ୧୦ରୁ ୨୦ କି.ଗ୍ରା ଜିଓଲାଇଟ୍‌କୁ ଅଳ୍ପ ଓଦା ଗୋଟିଏ ବସ୍ତା ବାଲିରେ ମିଶାଇ ପୋଖରୀର ସର୍ବତ୍ର ବୁଣି ଦିଆଯିବ। ପୋଖରୀରେ ଗଚ୍ଛିତ ଚାଷୋପଯୋଗୀ କାର୍ପ ମାଛ ସଂଖ୍ୟା କମିଯାଇଥିଲେ ପ୍ରଜାତି ଓ ସଂଖ୍ୟାକୁ ଆଖି ଆଗରେ ରଖି ପୁନଃ ସେହି ଅନୁପାତରେ କାର୍ପ ମୁଣ୍ଡା ଯାଆଁଳଙ୍କୁ ପୋଖରୀରେ ଗଚ୍ଛିତ କରାଯିବ।

# ନୀଳ ହରିତ୍ ଶୈବାଳ

ଜିଆଖତ ଓ ଆଜୋଲା ପରି ଚାଷୀମାନେ ଜମିରେ ନୀଳହରିତ୍ ଶୈବାଳର ବ୍ୟବହାର କରି ଲାଭବାନ ହେଉଛନ୍ତି।

ଠିଆପାଣି ରଖାଯାଇ ଧାନ ଚାଷ କରାଯାଉଥିବା ଜମିରେ ନୀଳ ହରିତ୍ ଶୈବାଳ ପ୍ରୟୋଗ ଲାଭଜନକ। ଏହା ଜୈବ ଉର୍ବରକ ଭାବେ ଗଛକୁ ଯବକ୍ଷାରଜାନ ଯୋଗାଏ। ନୀଳ ହରିତ୍ ଶୈବାଳ ବ୍ୟବହାର ଦ୍ୱାରା ରାସାୟନିକ ସାରର ବ୍ୟବହାର ୨୫% ହ୍ରାସ ପାଏ।

ନୀଳ ହରିତ୍ ଶୈବାଳ ପାଉଡରକୁ ଖତ କିମ୍ବା ମାଟିରେ ମିଶାଇ ଜମିର ପାଣିରେ ଛିଞ୍ଚି ଦିଆଯାଏ। ଏହା ଜମିରେ ବଂଶ ବୃଦ୍ଧି କରେ। ଜମିସାରା ନୀଳହରିତ ଶୈବାଳ ବ୍ୟାପି ବାୟୁମଣ୍ଡଳର ଯବକ୍ଷାରଜାନ ଗ୍ରହଣ କରି ଫସଲକୁ ଯୋଗାଏ। ଫସଲରେ ପୋଷକତତ୍ତ୍ୱ ମାତ୍ରା ବୃଦ୍ଧିପାଏ। ମାଟିର ଉର୍ବରତା ବୃଦ୍ଧି ପାଇଁ ଅତ୍ୟନ୍ତ ଲାଭଦାୟକ।

# ଲାଉ ଚାଷ



ଲାଉ ଏକ ଅର୍ଥକରୀ ଫସଲ। ଲାଉର ଆବଶ୍ୟକତା ମେଣ୍ଟାଇବାକୁ ଆମ ରାଜ୍ୟର ଅଧିକାଂଶ ଚାଷୀ ବିଭିନ୍ନ ପ୍ରକାର ଚାଷ ସହିତ ଲାଉ ଚାଷକୁ ଗୁରୁତ୍ୱ ଦିଅନ୍ତି। ଅଳ୍ପ ଖର୍ଚ୍ଚ ଓ କମ୍ ପରିଶ୍ରମରେ ଲାଉ ଚାଷରୁ ଅଧିକ ଅମଳ ମିଳିଥାଏ। ଶୁଷ୍କ ଓ ଆର୍ଦ୍ର ଜଳବାୟୁରେ ଲାଉଚାଷ ଭଲ ହୋଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ଉର୍ବର, ଦୋରସା ମାଟି ସର୍ବୋତ୍ତମ। ଏକର ପ୍ରତି ୬୦୦ରୁ ୮୦୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ବର୍ଷକ ବାରମାସ ଲାଉ ଚାଷ କରାଯାଇଥାଏ। ବିହନ ଲଗାଇବା ପୂର୍ବରୁ ଜମିକୁ ୨ରୁ ୩ଥର ଭଲଭାବେ ଚାଷ କରି ମାଟିକୁ ଗୁଣ୍ଡ କରାଯିବା ଆବଶ୍ୟକ। ବିହନ ବିଶୋଧନ ପାଇଁ କାର୍ବୋକ୍ସିନ + ଥିରାମ ୨ ଗ୍ରାମ ପ୍ରତି କି.ଗ୍ରା ବିହନ ପ୍ରତି ଦରକାର ପଡ଼ିଥାଏ। ଗଛ ଲଗାଇବା ପାଇଁ ୨.୫ ମି x ୧.୫ ମି ଦୂରତାରେ ମନ୍ଦା କରାଯିବା ଆବଶ୍ୟକ। ପ୍ରତି ମନ୍ଦା ପ୍ରତି ୪ କି.ଗ୍ରା. ଖତ, ଉପରମାଟି, ମୂଳସାର ଆବଶ୍ୟକ ହୋଇଥାଏ। ବର୍ଷାଋତୁରେ ମାଟି ଗଦା କରି ଲଗାଯାଏ। ବିହନ ବୁଣିବା ସମୟରେ ବିହନକୁ ୨୪ରୁ ୪୮ ଘଣ୍ଟା ବତୁରାଇ ୨ ସେମି ଗଭୀରରେ ୩ ରୁ ୪ଟି ବିହନ କିମ୍ବା ୨ଟି ଗଜା ହୋଇଥିବା ବିହନ ଲଗାଯାଇଥାଏ। ଲଗାଇବା ସମୟରେ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା. ଫସ୍‌ଫରସ୍ ଏବଂ ୨୦ କି.ଗ୍ରା. ପୋଟାସିୟମ ପ୍ରୟୋଗ କରି ୩୦ ଦିନରେ ୧୦ କି.ଗ୍ରା. ଯବକ୍ଷାରଜାନ ଦିଆଯାଇଥାଏ। ମନ୍ଦାପ୍ରତି ଦୁଇଟି ଗଛ ରଖାଯାଏ। ଲତା ମାଡ଼ିବା ପାଇଁ ମଞ୍ଚା ବ୍ୟବସ୍ଥା କରିପାରିବେ। ତେବେ ଲାଉ ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷିବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ସିଞ୍ଚନ କରିବା ଏକାନ୍ତ ଆବଶ୍ୟକ। ଲାଉ ଫସଲରେ ସଠିକ ଦେଖାଶୁଣା କରିବା ଦ୍ୱାରା ଗଛ ଲାଗିବାର ପ୍ରାୟ ୫୦ରୁ ୫୫ ଦିନ ମଧ୍ୟରେ ପ୍ରଥମ ଅମଳ ହୋଇଥାଏ। ଏକର ପ୍ରତି ୧୦୦ରୁ ୧୫୦ କ୍ୱିଣ୍ଟାଲ ଅମଳ ମିଳିଥାଏ।

## ୟୁଏସ୍ ଓପନ୍‌ରେ ଆମେରିକାର ଆଶା ଧୂଳିସାତ୍

# ଶେଲଟନ୍‌ଙ୍କୁ ହରାଇ ଜ୍ୱେରେଭ୍ ଚାମ୍ପିଅନ




ନ୍ୟୁୟର୍କ,୧୪।୯ (ଏଜେନ୍ସି): ବିଶ୍ୱର ନଂ-୨ ତଥା ଟୁର୍ଣ୍ଣାମେଣ୍ଟର ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ୟୁଏସ୍ ଓପନ ୨୦୨୬ ଗ୍ରାଣ୍ଡସ୍ଲାମ୍ ପୁରୁଷ ସିଙ୍ଗଲ୍ସ ଟେନିସ ଚାମ୍ପିଅନ ହୋଇଛନ୍ତି। ଏହା ଫଳରେ ୨୦୦୩ ପରେ ଆମେରିକା ଘରୋଇ ମାଟିରେ ଟାଇଟଲ ଜିତିବ ବୋଲି ଯେଉଁ ଆଶା ବାନ୍ଧିଥିଲା ତାହା ଧୂଳିସାତ ହୋଇଯାଇଛି। ଏହି ବର୍ଷ ଆଣ୍ଡି ରଡ୍ଡିକ୍ ଆମେରିକାର ଶେଷ ଖେଳାଳି ଭାବେ ୟୁଏସ୍ ଓପନ ଜିତିଥିଲେ। ରବିବାର ରାତିରେ ଖେଳାଯାଇଥିବା ଫାଇନାଲରେ ଜ୍ୱେରେଭ୍ ୬-୩, ୭-୬, ୫-୭, ୬-୨ ସେଟ୍‌ରେ ୮ମ ସିଡ୍ ଆମେରିକାର ବେନ୍ ଶେଲଟନ୍‌ଙ୍କୁ ପରାସ୍ତ କରି ଟ୍ରଫି ଜିତିନେଇଥିଲେ। ଏହି ମୁକାବିଲାଟି ଦୀର୍ଘ ସାଢ଼େ ୩ ଘଣ୍ଟା ଧରି ଚାଲିଥିଲା। ୬ ବର୍ଷ ପୂର୍ବେ ଜ୍ୱେରେଭ୍ ଏଠାରେ ଟାଇଟଲ ଜିତିବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଫାଇନାଲରେ ଡୋମିନିକ୍ ଥିଏମ୍ ଧୂଳିସାତ କରିଦେଇଥିଲେ। ୬ବର୍ଷ ପରେ ଜ୍ୱେରେଭ ୟୁଏସ୍ ଓପନ ଚାମ୍ପିଅନ ହେବା ସହ ସ୍ୱପ୍ନ ପୂରଣ କରିଛନ୍ତି।

ଘରୋଇ ମାଟିରେ ଖେଳୁଥିବା ବେନ୍ ଶେଲଟନ ପ୍ରଥମ ଦୁଇଟି ସେଟ୍‌ରେ ହାରିଯିବା ପରେ ହୋସ୍ ହରାଇ ନ ଥିଲେ। ସମର୍ଥକଙ୍କ ସମର୍ଥନ ପାଇ ବେଶ ଉତ୍ସାହର ସହ ମୁକାବିଲା କରିଥିଲେ। ଯାହା ଫଳରେ ଦ୍ୱାଦଶ ଗେମ୍‌ରେ ପଶା ପାଲଟିଯାଇଥିଲା। ତୃତୀୟ ସେଟ୍‌କୁ ସେ ୭-୫ରେ ଜିତିନେଇଥିଲେ। ଏହାକୁ ବରଦାସ୍ତ କରି ପାରି ନ ଥିଲେ। ଚତୁର୍ଥ ସେଟ୍‌ର ପ୍ରଥମ ଓ ସପ୍ତମ ଗେମ୍‌ରେ ବ୍ରେକ୍ ପାଇଥିଲେ ଜ୍ୱେରେଭ୍। ଯାହା ଫଳରେ ଶେଲଟନ ଆଉ ମ୍ୟାଚ୍‌କୁ ଫେରିପାରି ନ ଥିଲେ। ଜ୍ୱେରେଭ ଚତୁର୍ଥ ସେଟ୍‌କୁ ୬-୨ରେ ଜିତିବା ସହ ମ୍ୟାଚ୍‌କୁ ୩-୧ରେ ଜିତି ଚାମ୍ପିଅନ ହେବା ସହ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟଇଟଲ ଜିତିଥିଲେ।

● ଟେଷ୍ଟ ମ୍ୟାଚ୍‌ରେ ସ୍ଲୋ ଓଭରରେଟ୍

## ପାକିସ୍ତାନର ୫୦ ପ୍ରତିଶତ ମ୍ୟାଚ୍ ଫି'; ୧୧ ପଏଣ୍ଟ କଟିଲା

ଦୁବାଇ,୧୪।୯ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଶେଷ ଟେଷ୍ଟରେ ପରାଜିତ ପାକିସ୍ତାନକୁ ନିର୍ଦ୍ଧାରିତ ସମୟରେ ଓଭର ରେଟ ବୋଲିଂ କରିପାରି ନ ଥିବାରୁ ଆଇସିସି ଦଣ୍ଡିତ କରିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ନିର୍ଦ୍ଧାରିତ ସମୟରେ ୧୧ ଓଭର କମ୍ ବୋଲିଂ କରିଥିଲା। ଫଳରେ ଏହାର ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ର ୧୧ ପଏଣ୍ଟ ଓ ସର୍ବାଧିକ ୫୦ ପ୍ରତିଶତ ମ୍ୟାଚ୍ ଫି କାଟି ନିଆଯାଇଛି। ଇଂଲଣ୍ଡ ନିକଟରୁ ପାକିସ୍ତାନ ୩-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ୯ମ ସ୍ଥାନକୁ ଖସି ଆସିଛି।




## ଭାରତରେ ଚାମ୍ପିଅନ୍ସ ଟ୍ରଫି ହକି ଖେଳିବ ପାକିସ୍ତାନ

ଚଣ୍ଡିଗଡ଼,୧୪।୯ (ଏଜେନ୍ସି): ପଡୋଶୀ ପାକିସ୍ତାନ ଓ ଆୟୋଜକ ଭାରତ ସମେତ ୬ଟି ଦେଶକୁ ନେଇ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା ପଞ୍ଜାବର ମୋହାଲିରେ ଅକ୍ଟୋବର ୨୭ରୁ ନଭେମ୍ବର ୫ ମଧ୍ୟରେ ଖେଳାଯିବ। ଏଥିରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍ ଆଜି ଘୋଷଣା କରିଛନ୍ତି। ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡିକ ହେଲେ ଚୀନ୍, ଜାପାନ, ମାଲେସିଆ ଓ ଦକ୍ଷିଣ କୋରିଆ। ୨ଟି ରିଜର୍ଭ ଦଳ ଓମାନ ଓ ବାଂଲାଦେଶକୁ ରଖାଯାଇଛି। ପାକିସ୍ତାନ ଓ ଭାରତ ମଧ୍ୟରେ ନଭେମ୍ବର ୧ରେ ମ୍ୟାଚ ଖେଳାଯିବ। ଭାରତ ୨୦୨୩ ଓ ୨୦୨୪ରେ ଚାମ୍ପିଅନ ହୋଇଥିଲା। ଫାଇନାଲ ନଭେମ୍ବର ୩ରୁ ୫ ଯାଏ ମୋହାଲିରେ ଖେଳାଯିବ।

## ଆର୍ଚରୀ ୱାର୍ଲ୍ଡକପ୍: ଧୀରଜଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଭାରତର ପ୍ରଥମ ଆର୍ଚର ଧୀରଜ ବୋମାଦେବରା ମେକ୍ସିକୋର ସାଲଟିଲୋଠାରେ ଚାଲିଥିବା ଆର୍ଚରୀ ୱାର୍ଲ୍ଡ କପ୍‌ର ପୁରୁଷ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଫାଇନାଲରେ ଜାପାନର ନାକାନିଶି ଜୁନିୟାଙ୍କୁ ପରାସ୍ତ କରିଥିଲେ। ଏହା ସହ ଦୀର୍ଘ ୧୬ ବର୍ଷ ପରେ ରିକର୍ଭ ଇଭେଣ୍ଟରେ ଭାରତକୁ ୱାର୍ଲ୍ଡକପ୍ ମେଡାଲ ମିଳିଥିଲା।

● ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟି-୨୦ ଆଜି

## ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଆୟୋଜକ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ମଙ୍ଗଳବାର ଏଠାରେ ଖେଳାଯିବ। ସମାନ ଅରୁଣ ଜେଟଲୀ ଷ୍ଟାଡିୟମରେ ରବିବାର ରାତିରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଭାରତ ୭ ୱିକେଟରେ ବିଜୟୀ ହୋଇଥିଲା। ଓପନର୍ ଅଭିଷେକ ଶର୍ମା ୩୨ ବଲରେ ୮୨ ରନର ବିଧ୍ୱଂସୀ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସହଜ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଘରୋଇ ଭାରତ ଏହି ବିଜୟଧାରାକୁ ବଜାୟ ରଖି ସିରିଜକୁ ଆଗୁଆ କବଜା କରିବା ଲକ୍ଷ୍ୟରେ ରହିଛି। ତେବେ ପଞ୍ଚମ ବୋଲର ସମସ୍ୟା ଭାରତ ପାଇଁ ଚିନ୍ତାର କାରଣ ରହିଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତୀଶ ରେଡ୍ଡୀ, ଶିବମ ଦୁବେ ଓ ଅଭିଷେକ କାମଚଳା ବୋଲିଂ କରୁଥିଲେ ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହେଇପାରୁନାହାନ୍ତି। ପ୍ରଥମ ଟି-୨୦ରେ ଏହି ୩ଜଣ ବୋଲର ମିଳିତ ଭାବରେ ୪ ଓଭର ବୋଲିଂ କରି ୫୯ ରନ ପ୍ରଦାନ କରି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଅପରପକ୍ଷରେ ଭାରତରେ ସିରିଜ ଆୟୋଜନ କରୁଥିବା ଆଫଗାନିସ୍ତାନ ପାଇଁ ଦ୍ୱିତୀୟ ଟି-୨୦ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ୧-୦ରେ ପଛୁଆ ରହିଥିବା ଆଫଗାନିସ୍ତାନ ଦଳ ମଙ୍ଗଳବାର ମ୍ୟାଚ ହାରିଲେ ସିରିଜ ମଧ୍ୟ ହାତଛଡ଼ା କରିବ।

**ମ୍ୟାଚ ଆରମ୍ଭ: ରାତି ୭ଟା ୩୦**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

### ବରୁଣ ଆଉଟ୍

ଆଫଗାନିସ୍ତାନ ବିପକ୍ଷ ଶେଷ ଦୁଇଟି ଟି-୨୦ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳକୁ ବଡ଼ ଝଟକା ଲାଗିଛି। ଷ୍ଟାର ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଘାତଜନିତ ସମସ୍ୟା ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ଏପରିକି ସେ ଆଗାମୀ ଏସୀୟ କ୍ରୀଡ଼ାରୁ ମଧ୍ୟ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ଟି-୨୦ରେ ବରୁଣ ୪ ଓଭରରେ ୧୬ ରନ ବ୍ୟୟରେ ଗୋଟିଏ ୱିକେଟ ନେଇଥିଲେ। ବରୁଣଙ୍କ ଆଘାତ ସମସ୍ୟା ନେଇ ବିସିସିଆଇ ପକ୍ଷରୁ ଅଧିକ ଅପଡେଟ ଦିଆଯାଇନାହିଁ।

## ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର: ପ୍ରି-କ୍ୱାର୍ଟରରେ ଚନ୍ଦ୍ର

ଭୁବନେଶ୍ୱର, ୧୪।୯ (ସମିସ): କଟକ ସିଡିଏସ୍ଥିତ ଗୋଲ୍ଡେନ୍ କ୍ୟୁ ସ୍ନୁକର କାଫେରେ ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ ଖେଳ ରେ ଚନ୍ଦ୍ର ମହାନ୍ତି, ପାରସ ରାଉତରାୟ, ଆର୍ଯ୍ୟନ ପ୍ରଧାନ, ବିଶେଷ ସିଂଘଲ, ସନ୍ଦୀପ ଅଗ୍ରୱାଲ, ସିଦ୍ଧାର୍ଥ ସେନ୍ ଏବଂ ପ୍ରିୟ ଗୋବିନ୍ଦ ମହାପାତ୍ର ବିଜୟ ହାସଲ କରିଛନ୍ତି। ଚନ୍ଦ୍ର, ଆର୍ଯ୍ୟନ ଓ ସିଦ୍ଧାର୍ଥ ଚମତ୍କାର ପ୍ରଦର୍ଶନ କରି ନିଜ ନିଜ ମ୍ୟାଚ୍‌କୁ ୩-୦ ଫ୍ରେମ୍‌ରେ କ୍ଲିନ୍ ସ୍ୱିପ୍ କରିଥିଲେ। ଚନ୍ଦ୍ର ମହାନ୍ତି ଦୁଇଟି ବିଜୟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ରିତ୍ୱିକ ମହାନ୍ତିଙ୍କୁ ୩-୦ରେ ଓ ପରେ ପାରସଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରିଥିଲେ।



# ମୋହସିନ୍ ନକ୍‌ଭି ଏସିଆ କପ୍ 'ଟ୍ରଫି ଚୋର୍'

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଦୁବାଇରେ ଗତକାଲି ଶେଷ ହୋଇଥିବା ମହିଳା ଏସିଆ କପ୍ ସିନିଅର କ୍ରିକେଟରେ ଶ୍ରୀଲଙ୍କାକୁ ୭୨ ରନ୍‌ରେ ହରାଇ ଭାରତ ୮ମଥର ଚାମ୍ପିଅନ ହୋଇଥିଲା। କିନ୍ତୁ ଭାରତ ବିରୋଧରେ କାମ କରୁଥିବା ଏସୀୟ ତଥା ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନାକରିଦେଇଥିଲେ। ଗତବର୍ଷ ମଧ୍ୟ ସମାନ ସ୍ଥିତିରେ ପୁରୁଷ ଚାମ୍ପିଅନ ହେବା ପରେ ଟ୍ରଫି ଗ୍ରହଣ କରି ନ ଥିଲେ। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ଥିବା ନକ୍‌ଭୀ ଫାଇନାଲରେ ମୁଖ୍ୟ ଅତିଥି ହେବେ ବୋଲି ଜାଣିବା ପରେ ଭାରତ ତାଙ୍କଠାରୁ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଆୟୋଜକଙ୍କୁ ଜଣାଇଥିଲେ। ନକ୍‌ଭୀ ଏହାକୁ ଗ୍ରହଣ କରି ନ ଥିଲେ ଓ ଶ୍ରୀଲଙ୍କାକୁ ରନର୍ସ ଅପ୍ ଟ୍ରଫି ଦିଆଯିବା ପରେ ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଥିଲା। ଏହା ଫଳରେ ଦ୍ୱିତୀୟବର୍ଷ ଲାଗି ନକ୍‌ଭୀଙ୍କଠାରୁ ଏସିଆନ୍ ଚାମ୍ପିଅନ ହେବା ପରେ ଟ୍ରଫି ଗ୍ରହଣ କରି ନ ଥିଲେ ଭାରତୀୟ କ୍ରିକେଟ ଦଳ। ଗତକାଲି ନକ୍‌ଭୀ ପୁରସ୍କାର ଦେବା ଲାଗି ଷ୍ଟାଡିୟମ୍‌କୁ ପ୍ରବେଶ କରିବା ପରେ ଦର୍ଶକମାନେ ଟ୍ରଫି ଚୋର, ଟ୍ରଫି ଚୋର ବୋଲି ଜୋରରେ ପାଟି କରିଥିଲେ। ନକ୍‌ଭୀ ଥରେ ସେମାନଙ୍କୁ ଦେଖିବା ପରେ ଆଉ ଅନାଇ ନ ଥିଲେ। ୨୦୨୫ରେ ପୁରୁଷ ଓ ୨୦୨୬ରେ ମହିଳା ଦଳର ଟ୍ରଫି ନେଇଯାଇଛନ୍ତି ନକ୍‌ଭୀ। ଏସିଆନ୍ କ୍ରିକେଟ କାଉନ୍ସିଲର ସଭାପତି ଥିବା ନକ୍‌ଭୀଙ୍କ କାର୍ଯ୍ୟକାଳ ୨୦୨୭ ଏପ୍ରିଲ ୨ରେ ଶେଷ ହେବ।

### ■ କ୍ରାନ୍ତି ଗୌଡ଼ ଦଣ୍ଡିତ

ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଭାରତର ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଦଣ୍ଡିତ କରାଯାଇଛି। ଶ୍ରୀଲଙ୍କା ଓପନର ଇମେଶା ଦୁଲାନି ଆଉଟ ହେବା ପରେ କ୍ରାନ୍ତି ଆଚରଣ ସଂହିତା ଉଲ୍ଲଙ୍ଘନ କରି ସେଣ୍ଡ ଅଫ୍ ଆକ୍ସନ କରିଥିଲେ। ଏହା ଫଳରେ ସେ ଲେଭଲ-୧ ଅପରାଧ କରିଥିଲେ ଓ ଦଣ୍ଡ ଆକାରରେ ୧୦ ଶତକଡ଼ା ମ୍ୟାଚ୍ ଫି କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଥିଲା।




## ସାମିଙ୍କ ଭାଇ କୈଫଙ୍କ ନାମରେ ଦୁଷ୍କର୍ମ ମାମଲା

ଲକ୍ଷ୍ନୌ, ୧୪।୯ (ଏଜେନ୍ସି): କ୍ରିକେଟର ମହମ୍ମଦ ଶାମିଙ୍କ ଭାଇ ମହମ୍ମଦ କୈଫଙ୍କ ବିରୋଧରେ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ନୌର ଆସିଆନା ପୋଲିସ ଷ୍ଟେସନରେ ଏହି ଏଫଆଇଆର ରୁଜୁ କରାଯାଇଛି। ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ କୈଫ ତାଙ୍କୁ ୨୦୨୩ ଡିସେମ୍ବର ୯ ତାରିଖରେ କୋଲକାତାର ଏକ ହୋଟେଲରେ ଦୁଷ୍କର୍ମ କରିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ଦାଖଲ କରିବା ପରେ କୈଫଙ୍କ ଭାଇ ହସିବ ତାଙ୍କୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୀଡିତା ଛାଡପତ୍ରପ୍ରାପ୍ତ ଏବଂ ତାଙ୍କର ଏକ ପୁଅ ରହିଛି। ଏଫଆଇଆର ଅନୁଯାୟୀ, ମହିଳା ଜଣକ ୨୦୨୦ ମସିହାରେ ଜଣେ ପାରସ୍ପରିକ ବନ୍ଧୁଙ୍କ ମାଧ୍ୟମରେ ମହମ୍ମଦ କୈଫଙ୍କୁ ଭେଟିଥିଲେ। ସେତେବେଳେ ମହିଳା ଜଣକ ଗାଜିଆବାଦରେ ଏକ ପ୍ରସିଦ୍ଧ ସମାଜରେ ରହୁଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS